

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୨୭୪ ● ୩ ନଭେମ୍ବର ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-274 ● 3rd November 2024, Sunday ● Bhubaneswar
Licensed to post without pre-payment of postage No- BN-60/22-24

# ବଲାଙ୍ଗୀର ଜିଲ୍ଲାରେ ୮୯୦ କୋଟି ଟଙ୍କାର ୮୩ଟି ପ୍ରକଳ୍ପର ଶୁଭାରମ୍ଭ

ବଲାଙ୍ଗୀର, ୨।୧୧
ନ୍ୟୁଜ୍ ବ୍ୟୁରୋ

ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଦିନିଆ ବଲାଙ୍ଗୀର ଜିଲ୍ଲା ଗସ୍ତରେ ଯାଇ ବେଲପଡା ଓ ପାଟଣାଗଡ ଠାରେ ବଲାଙ୍ଗୀର ଜିଲ୍ଲା ପାଇଁ ୮୯୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରିଛନ୍ତି। ଜଳ ସେଚନ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ପାଇପ ଜଳ ଯୋଗାଣ ପ୍ରକଳ୍ପ, ସେତୁ ନିର୍ମାଣ ପ୍ରକଳ୍ପ, ସଡକ ନିର୍ମାଣ ପ୍ରକଳ୍ପ ଭଳି ସମୁଦାୟ ୮୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ବେଲପଡା ଓ ପାଟଣାଗଡରେ ଏଥି ପାଇଁ ଆୟୋଜିତ ଦୁଇଟି ଜନସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ପ୍ରଥମେ ତୁଷୁରା ଏୟାରଷ୍ଟ୍ରିପ ଠାରେ ୬୫ କୋଟି ଟଙ୍କା ବ୍ୟୟରେ ୧୩୩୦ ମିଟର ଏୟାରଷ୍ଟ୍ରିପ ରନୱେର ଉନ୍ନତିକରଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉନ୍ନତିକରଣ ପରେ ଏହି ଏୟାରଷ୍ଟ୍ରିପ ୨- ବର୍ଗରେ ଅନ୍ତର୍ଭୁକ୍ତ ହେବ



ଏବଂ ଏହା ଦ୍ୱାରା ବଲାଙ୍ଗୀର ଓ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ବିମାନ ଯାତ୍ରା ସମ୍ଭବ ହୋଇ ପାରିବ ଏବଂ ଏହା ଜିଲ୍ଲାର ବିକାଶକୁ ଆହୁରି ଗତିଶୀଳ କରିବ।

ଏହା ପରେ ମୁଖ୍ୟମନ୍ତ୍ରୀ ୩୦୦ କୋଟିରୁ ଅଧିକ ଟଙ୍କା ପ୍ରକଳ୍ପ ମୂଲ୍ୟରେ ବେଲପଡା ବ୍ଲକର ଅପର ଲାନ୍ଥ ଜଳସେଚନ ପ୍ରକଳ୍ପର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ଓଡିଶାର ଯେଉଁ ବ୍ଲକରେ ଜଳସେଚନ ହାର କମ ଅଛି ସେ ସବୁ ବ୍ଲକରେ ଅଧିକରୁ ଅଧିକ ଜଳସେଚନ ସୁବିଧା ସୃଷ୍ଟି କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି । ଅପର ଲାନ୍ଥ ପ୍ରକଳ୍ପ ଏହି ପଦକ୍ଷେପର ଅଂଶ ବିଶେଷ। ଆଜିଠାରୁ ଆରମ୍ଭ ହେଲା ବଲାଙ୍ଗୀର ବିକାଶର ଧାରା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲା ପରେ ଉଭୟ ଖରିଫ ଏବଂ ରବି ଋତୁରେ ୧୫ ହଜାର ଏକରରୁ ଅଧିକ ଜମି ଜଳସେଚିତ ହେବ ଏବଂ ଏହା ଦ୍ୱାରା ବେଲପଡା ବ୍ଲକର ୨୫ ଟି ଗାଁର ୩୮ ହଜାରରୁ ଅଧିକ ଚାଷୀ ଉପକୃତ ହେବେ। କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ଏଣିକି ଚାଷୀମାନେ ଧାନର ସର୍ବନିମ୍ନ ମୂଲ୍ୟ (ପୃଷ୍ଠା ୭ରେ)

# ମାନିଲେନି କଟକଣା: ବାୟୁମଣ୍ଡଳରେ ଭରିଗଲା ବିଷ

ଭୁବନେଶ୍ୱର, ୨।୧୧
ନ୍ୟୁଜ୍ ବ୍ୟୁରୋ



ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶକୁ ମାନିଲେନି। ପୁଲିସକୁ ଖାତିର କଲେନି । ବିନା ବାଧାରେ ଦୀପାବଳି ସନ୍ଧ୍ୟା ହେଉ ହେଉ ଆରମ୍ଭ ହୋଇଗଲା ଢୋ ଢା। ରାଜଧାନୀରୁ ଆରମ୍ଭ କରି ଉପାନ୍ତ ଅଞ୍ଚଳ ପ୍ରଚଣ୍ଡ ଶବ୍ଦରେ କମ୍ପି ଉଠିଲା। କିଏ ଛାତ ଉପରୁ ସୁଁ ସାଁ କରି ରକେଟ ଛାଡ଼ିଲେ ତ କିଏ ବିଚ ରାସ୍ତାରେ ଭିଡାବୋମା ଫୁଟାଇଲେ। କେଉଁଠି ସୁତୁଲି ବାଣ ତ କେଉଁଠି ବକ୍ସ ସଟ୍, କୁମ୍ପି, କୋନ୍, ଝରଝରିର ଆଖିଝଲସା ନିଆଁ ଆଉ ଧୂଆଁ। ସନ୍ଧ୍ୟାଠାରୁ ରାତି ଯାଏଁ ସବୁଜ ବାଣ ନାଁରେ ଫୁଟିଲା ନିଷିଦ୍ଧ ବାଣ। ଲାଗୁଥିଲା ଯେପରି ସମସ୍ତଙ୍କ ମନରୁ ପରିବେଶ ସୁରକ୍ଷା ଭାବନା ଉଭେଇ ଯାଇଛି। ଛୋଟ ପିଲା ତ ଫୁଟାଇଲେ ସେମାନଙ୍କ ବାପା, ଦାଦା, ମାମୁଁ, ମଉସା ଓ ବଡ଼ଭାଇମାନେ ମଧ୍ୟ ସଞ୍ଜ ନହେଉଣୁ ନିଜ କର୍ତ୍ତବ୍ୟ ଭୁଲିଗଲେ। ପରିଣାମ ସ୍ୱରୂପ ଭୁବନେଶ୍ୱର, ଅନୁଗୁଳ, ତାଳଚେର ସହରର ବାୟୁ ପ୍ରଦୂଷଣ ହଠାତ ବଢ଼ି ଯାଇଥିଲା। ଅବଶ୍ୟ ପରଦିନ ଭୁବନେଶ୍ୱର ସହ କେତେକ ଅଞ୍ଚଳରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବାରୁ ବାୟୁ ପ୍ରଦୂଷଣ ମାତ୍ରା କମିବା ସହ ଲୋକେ ଟିକିଏ ଆଶ୍ୱସ୍ତି ଲାଭ କରିଥିଲେ।

ତଥାପି କେନ୍ଦ୍ରୀୟ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ତଥ୍ୟ ଅନୁଯାୟୀ ଦୀପାବଳି ସନ୍ଧ୍ୟା ବେଳକୁ ଅନୁଗୁଳରେ ଏକ୍ୟୁଆଇ(ପିଏମ୍୨.୫) ମାତ୍ରା ୨୫୯ ତଥା ଖରାପ ସ୍ତରରେ ରହିଥିଲା। ଏହାବ୍ୟତୀତ ତାଳଚେରରେ ପିଏମ୍୨.୫ ମାତ୍ରା ୨୩୭, ରାଉରକେଲାରେ ପିଏମ୍୨.୫ ମାତ୍ରା ୧୬୨, ଭୁବନେଶ୍ୱରରେ ପିଏମ୍୨.୫ ମାତ୍ରା ୧୩୫, ବାଲେଶ୍ୱରରେ ପିଏମ୍୧୦ ମାତ୍ରା ୧୦୪, କଟକରେ ପିଏମ୍୨.୫ ମାତ୍ରା ୧୦୧ ଥିଲା। କେନ୍ଦୁଝରରେ ପିଏମ୍୨.୫ ମାତ୍ରା ୬୨ ରହିଥିଲା, ଯାହାକି ସନ୍ତୋଷଜନକ। ଲୋକମାନେ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇପାରିବେ ବୋଲି କୁହାଯାଇଥିଲା। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, କୋର୍ଟ ଓ ଧାର୍ମିକ ସ୍ଥଳରେ ୧୦୦ ମିଟର ପରିସୀମାରେ (ପୃଷ୍ଠା ୭ରେ)

## ୧୦ ଦିନ ଭିତରେ ତୃତୀୟ ପର୍ଯ୍ୟାୟ ସୁଭଦ୍ରା ଟଙ୍କା



ବଲାଙ୍ଗୀର, ୨।୧୧
ନ୍ୟୁଜ୍ ବ୍ୟୁରୋ

ଶନିବାର ବଲାଙ୍ଗୀରର ବେଲପଡାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଯୋଜନାକୁ ନେଇ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଆଉ ୧୦ ଦିନ ଭିତରେ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ମିଳିବ। ଏଥିରେ ୨୦ ଲକ୍ଷ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ଏହାର ୧୫ ଦିନ ପରେ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବ। ସେ ଆହୁରି କହିଛନ୍ତି, ରାଜ୍ୟ ସରକାର ଦାଦନ ସମସ୍ୟାର ମୂଳୋତ୍ପାଟନ ଲାଗି ଯୋଜନା କରିଛନ୍ତି। ଆଜିଠାରୁ ଆରମ୍ଭ ହେଲା ବଲାଙ୍ଗୀରର ବିକାଶ ଧାରା।

ଶନିବାର ବଲାଙ୍ଗୀର ଜିଲ୍ଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ସହିତ ପାଟଣାଗଡ଼ ଉପଖଣ୍ଡରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ବେଲପଡ଼ା ଲାନ୍ଥ ପ୍ରକଳ୍ପର ଭୂମିପୂଜନ କରିଥିଲେ। ଏହା ପରେ ସଡ଼କ ପଥରେ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଆତଙ୍କବାଦୀ ଆକ୍ରମଣ ପଛରେ ଗୁପ୍ତଚର ଏଜେନ୍ସି: ଫାରୁକ ଅବଦୁଲ୍ଲା

ଶ୍ରୀନଗର, ୨।୧୧

ଜମ୍ମୁ-କଶ୍ମୀରରେ ସାମ୍ପ୍ରତିକ ସମୟରେ ଆତଙ୍କବାଦୀ ଘଟଣା ବୃଦ୍ଧି ପାଉଛି । ଗତ ୨୪ ଘଣ୍ଟା ମଧ୍ୟରେ ତିନୋଟି ଆକ୍ରମଣ ହୋଇଛି । ପ୍ରଥମେ ବଡଗାମ ଏବଂ ବନ୍ଦିପୋରାରେ ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏବେ ଶ୍ରୀନଗରରେ ଗୁଳି ବିନିମୟ ହେବାର ଖବର ଆସିଛି।

ବଢୁଥିବା ଆତଙ୍କବାଦୀ ଆକ୍ରମଣ ଉପରେ ନ୍ୟାସନାଲ କନଫରେନ୍ସ ନେତା ଫାରୁକ ଅବଦୁଲ୍ଲା ଏହାକୁ ଏକ ଗଭୀର ଷଡଯନ୍ତ୍ର ବୋଲି କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ଏହି ଆକ୍ରମଣ ଦ୍ୱାରା ଏକ ସଙ୍କଟ ସୃଷ୍ଟି କରିବାର ପ୍ରୟାସ କରାଯାଉଛି । କଶ୍ମୀରକୁ ଅସ୍ଥିର କରିବା ସେମାନଙ୍କର ଉଦ୍ଦେଶ୍ୟ ହୋଇପାରେ।



ସେ କହିଛନ୍ତି ଯେ ଏହି ଆକ୍ରମଣ ପଛରେ କୌଣସି ଗୁପ୍ତଚର ଏଜେନ୍ସି ରହିଥିବାର ସନ୍ଦେହ ସୃଷ୍ଟି ହୋଇଛି।

ଫାରୁକ ଅବଦୁଲ୍ଲା କହିଛନ୍ତି, ଆକ୍ରମଣକାରୀଙ୍କୁ ହତ୍ୟା କରିବା ପରିବର୍ତ୍ତେ ସେମାନଙ୍କୁ ଗିରଫ କରାଯିବା ଉଚିତ। ଯାହା ଦ୍ୱାରା ଏହି ଆକ୍ରମଣ ପଛରେ କିଏ ଅଛନ୍ତି ତାହା ଜଣାପଡିବ। ଏହି ଆତଙ୍କବାଦୀ ଘଟଣା ବର୍ତ୍ତମାନ କାହିଁକି ଘଟୁଛି ଏବଂ ଏହା ପୂର୍ବରୁ କାହିଁକି କିଛି ଘଟୁ ନ ଥିଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ଏହା ସରକାରଙ୍କୁ ଅସ୍ଥିର କରିବା ପାଇଁ ଏକ ଷଡଯନ୍ତ୍ର ବୋଲି ସେ ଦର୍ଶାଇଛନ୍ତି। ବଡ଼ଗାମରେ ଶ୍ରମିକଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ସେ କହିଛନ୍ତି, ତଦନ୍ତ ହେବା ଉଚିତ ଏବଂ ଏପରି ଘଟଣା କାହିଁକି ଘଟୁଛି ତାହା ଜାଣିବା ଉଚିତ୍।

ଫାରୁକ ଅବଦୁଲ୍ଲାଙ୍କ ଏହି ବିବୃତି ପରୋକ୍ଷରେ କେନ୍ଦ୍ର ସରକାରଙ୍କ ପ୍ରତି ଆକ୍ଷେପ ବୋଲି କୁହାଯାଉଛି। ଯଦିଓ ସେ ସିଧାସଳଖ ଭାରତୀୟ କିମ୍ବା ପାକିସ୍ତାନୀ ଏଜେନ୍ସିର ନାମ ନେଇ ନାହାନ୍ତି ତଥାପି ତାଙ୍କ ବିବୃତି ସୂଚାଇ ଦେଉଛି (ପୃଷ୍ଠା ୭ରେ)

# ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ନେତୃତ୍ୱପୂର୍ଣ୍ଣ ସ୍ଥିତି ଆଡ଼କୁ ଅଗ୍ରସର ହେଉଛି ଭାରତ

ନୂଆଦିଲ୍ଲୀ, ୨।୧୧

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶନିବାର ଭାରତୀୟ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି ଯେ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଦେଶ ବର୍ତ୍ତମାନ ଆମଦାନୀ କରୁଥିବା ଉଚ୍ଚସ୍ତରୀୟ ଜ୍ଞାନକୌଶଳକୁ ସ୍ୱଦେଶୀ ଭାବରେ ବିକଶିତ କରନ୍ତୁ । କାନପୁରସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ୬୫ତମ ପ୍ରତିଷ୍ଠା ଦିବସ ସମାରୋହରେ ଉଦବୋଧନ ଦେଇ ସେ ଏହା କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନର ମୁଖ୍ୟ ଚାଳକ ଭାବରେ ଟେକ୍ନୋଲୋଜି ଉପରେ ଆଲୋକପାତ କରିଥିଲେ ଏବଂ ଭୂ-ରାଜନୈତିକ ଫାଇଦା ପାଇଁ ଦେଶଗୁଡ଼ିକ




ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବୋଲି କହିଛନ୍ତି । ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଦେଶ ଏକ ନେତୃତ୍ୱପୂର୍ଣ୍ଣ ସ୍ଥିତି ଆଡ଼କୁ ଅଗ୍ରସର ହେଉଛି ବୋଲି ଶ୍ରୀ ସିଂହ ଗୁରୁତ୍ୱାରୋପ କରିଥିଲେ। ଆଇଆଇଟି କାନପୁର ଭଳି ଅନୁଷ୍ଠାନଗୁଡ଼ିକ ଶିକ୍ଷାଗତ ଗତିଶୀଳତାର ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନ ବୋଲି କହିବା ସହ ଭାରତକୁ ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ଉନ୍ନୀତ କରିବାରେ ସହାୟକ ହୋଇପାରିବ ବୋଲି ସେ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି।

# ତେଜିଲା ବିବାଦ: ଅମିତ ଶାହଙ୍କୁ ଟାର୍ଗେଟ କରିବାରୁ କାନାଡା ଅଧିକାରୀଙ୍କୁ ସମନ କଲା ଭାରତ

ନୂଆଦିଲ୍ଲୀ, ୨।୧୧

ଖଲିସ୍ତାନୀ ଆତଙ୍କବାଦୀ ନିଜାର ହତ୍ୟାକାଣ୍ଡକୁ ନେଇ ଭାରତ ଓ କାନାଡା ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତା ଏବେ ଚରମସୀମାରେ ପହଞ୍ଚିଛି । ନିଜାର ହତ୍ୟା ପଛରେ ଭାରତୀୟ କୂଟନୀତିଜ୍ଞଙ୍କ ହାତ ରହିଥିବା କାନାଡା ବିନା ପ୍ରମାଣରେ ଅଭିଯୋଗ କରୁଥିବାରୁ ନୂଆଦିଲ୍ଲୀ ଏହାକୁ ବିରୋଧ କରି ଚାଲିଛି।

ଏସବୁ ଭିତରେ କାନାଡାର ଜଣେ ମନ୍ତ୍ରୀ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ କରିଛନ୍ତି। କାନାଡାରେ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଟାର୍ଗେଟ କରିବା ପାଇଁ ଅମିତ ଶାହ ନିର୍ଦ୍ଦେଶ ଦେଇଥିବା ସେ ଅଭିଯୋଗ କରିବା ପରେ ହଇଚଇ ସୃଷ୍ଟି ହୋଇଛି ।



ଏହାକୁ ଭାରତ ପକ୍ଷରୁ ଦୃଢ଼ ଭାବେ ଖଣ୍ଡନ କରାଯିବା ସହ କାନାଡାର ଜଣେ କୂଟନୀତିଜ୍ଞଙ୍କୁ ସମନ କରାଯାଇଛି । କାନାଡା ମନ୍ତ୍ରୀ ଦେଇଥିବା ବୟାନ ଉଦଭଟ୍ଟ ଓ ଭିତ୍ତିହୀନ ବୋଲି ଭାରତ ସରକାର କହିଛନ୍ତି।

କାନାଡାର ବୈଦେଶିକ (ପୃଷ୍ଠା ୭ରେ)

# ଅଣନିଃଶ୍ୱାସୀ ଦିଲ୍ଲୀ, ପ୍ରାୟ ୭୦% ପରିବାର ପ୍ରଦୂଷଣ ଜନିତ ରୋଗରେ ପୀଡିତ

ନୂଆଦିଲ୍ଲୀ, ୨।୧୧

ଦିଲ୍ଲୀରେ ଅଣନିଃଶ୍ୱାସୀ ଲୋକେ ଦୀପାବଳି ପରେ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ପାଲଟିଛି ଜାତୀୟ ରାଜଧାନୀ। ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ବାୟୁ ଗୁଣବତ୍ତା ଦିନକୁ ଦିନ ଅଧିକ ଖରାପ ହେଉଥିବାରୁ ଏଥିରେ ପ୍ରତି ୧୦ ପରିବାରରୁ ପ୍ରାୟ ୭ ପରିବାର ପ୍ରଭାବିତ। ଦିଲ୍ଲୀ-ଏନସିଆର ଅଞ୍ଚଳରେ ୬୯ ପ୍ରତିଶତ ପରିବାର ଗଳା ଯନ୍ତ୍ରଣା ଏବଂ କାଶ ଭଳି ପ୍ରଦୂଷଣ ଜନିତ ରୋଗରେ ପୀଡିତ ଅଛନ୍ତି।

ଜାତୀୟ ରାଜଧାନୀରେ ଦୀପାବଳି ରାତିରେ ବାୟୁ ଗୁଣବତ୍ତା ସୂଚକାଙ୍କ ସର୍ବାଧିକ ୯୯୯ରେ ପହଞ୍ଚିଛି, ଯାହା ଏବର୍ଷର ସବୁଠାରୁ ଅଧିକ ବୋଲି କୁହାଯାଉଛି । ଡିଜିଟାଲ



ପ୍ଲାଟଫର୍ମ 'ଲୋକାଲ ସର୍କଲ୍' ଦ୍ୱାରା କରାଯାଇଥିବା ଏହି ସର୍ବେକ୍ଷଣରେ ଦିଲ୍ଲୀ-ଏନସିଆରର ପ୍ରାୟ ୨୧ ହଜାରରୁ ଅଧିକ ଲୋକଙ୍କ ପ୍ରତିକ୍ରିୟା ସଂଗ୍ରହ କରାଯାଇଥିଲା। ଏହି ସର୍ବେକ୍ଷଣରୁ ଜଣାପଡିଛି ଯେ ବାୟୁ ପ୍ରଦୂଷଣ ବୃଦ୍ଧି ହେତୁ ୬୨ ପ୍ରତିଶତ ପରିବାରରେ ଏକାଧିକ ସଦସ୍ୟଙ୍କ ଆଖିରେ ଜଳାପୋଡ଼ା ହେଉଛି, (ପୃଷ୍ଠା ୭ରେ)

## ଏମକେସିଜି ମେଡିକାଲ କଲେଜ ର୍‍ୟାଗିଂ ଘଟଣା ୫ ସିନିୟର ଛାତ୍ରଙ୍କୁ ସବୁଦିନ ପାଇଁ ହଷ୍ଟେଲ ମନା

ବ୍ରହ୍ମପୁର, ୨।୧୧
ନ୍ୟୁଜ୍ ବ୍ୟୁରୋ

ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ୪ର୍ଥ ହଷ୍ଟେଲରେ ର୍‍ୟାଗିଂ ଘଟଣାରେ ନିଆଯାଇଛି କଡ଼ା କାର୍ଯ୍ୟାନୁଷ୍ଠାନ। ର୍‍ୟାଗିଂ କରିଥିବା ୪ର୍ଥ ହଷ୍ଟେଲର ୫ଜଣ ସିନିୟର ଛାତ୍ରଙ୍କୁ ସବୁଦିନ ପାଇଁ ହଷ୍ଟେଲ ମନା ହୋଇଛି। ଏଥିସହ ସଂପୃକ୍ତ ଛାତ୍ରମାନଙ୍କୁ ମିଳିବନି ମେଧାବୃତ୍ତି, ଫେଲୋସିପ ଓ ଅନ୍ୟାନ୍ୟ ସୁବିଧାସୁଯୋଗ। ଆଣ୍ଟି ର୍‍ୟାଗିଂ କମିଟିର ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି କଲେଜ ଡିନ ଡାକ୍ତର ସୁଚିତ୍ରା ଦାସ।

କିଛି ଦିନ ତଳେ ଏମ୍‌କେସିଜି ମେଡିକାଲ କଲେଜର ୪ର୍ଥ ହଷ୍ଟେଲରେ ଏମ୍‌ବିବିଏସ ପଢୁଥିବା କିଛି ୨ୟ ବର୍ଷ ଛାତ୍ରଙ୍କୁ ଶାରୀରିକ ଓ (ପୃଷ୍ଠା ୭ରେ)

## ଏକାଳ ସଖାଳ



ଦିନରେ ସପନ ଦେଖୁଛି ବୋଲିକି
କହିଦେଲେ ନାରାୟଣ
ଅମର ବାଣୀଟା ଫିକା ହୋଇଗଲା
ଲାଗିଗଲା ହୃଦେ ବାଣ
ହେଇଟି ସଭିଙ୍କୁ ରାଣ
ପ୍ରଜା ମଙ୍ଗଳଟା ପ୍ରଥମେ କର
ତା'ପରେ ଯେ ଯାହାଟାଣ।

# ଲେହରେ ଆନାଲୋଗ ସ୍ପେସ ମିଶନ ଆରମ୍ଭ




ନୂଆଦିଲ୍ଲୀ, ୨।୧୧

ଭାରତର ପ୍ରଥମ ଆନାଲୋଗ ସ୍ପେସ ମିଶନ ଲଦାଖର ଲେହଠାରେ ଆରମ୍ଭ ହୋଇଛି । ମହାକାଶ କେନ୍ଦ୍ର ଅନୁରୂପ ଏହି ମିଶନ ପୃଥିବୀ ବାହାରେ ବେସ ଷ୍ଟେସନର ଚ୍ୟାଲେଞ୍ଜଗୁଡ଼ିକୁ ସମ୍ମୁଖୀନ ହେବା ସହ ଜୀବନଯାପନ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି କରିବ ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମାଇକ୍ରୋବ୍ଲଗିଂ ସାଇଟ ଏକ୍ସରେ ପୋଷ୍ଟ କରିଛି। ଇସ୍ରୋ ସହ ହ୍ୟୁମାନ ସ୍ପେସ୍‌ଫ୍ଲାଇଟ ସେଣ୍ଟର, ଆକା ସ୍ପେସ ଷ୍ଟୁଡିଓ, ଲଦାଖ ୟୁନିଭର୍ସିଟି, ଆଇଆଇଟି ବମ୍ବେ ପକ୍ଷରୁ ମିଳିତ ଭାବେ ଏହି ଉଦ୍ୟମ କରାଯାଇଥିବା ବେଳେ ଲଦାଖ ଅଟୋନମସ ହିଲ ଡେଭେଲପମେଣ୍ଟ କାଉନସିଲ ଏଥିରେ ସହଯୋଗ କରିଛି। ଗଗନାୟାନ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତରେ ହେବାକୁ ଥିବା ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ପାଇଁ ଏହି ଆନାଲଗ ଗବେଷଣା ସହାୟକ ହେବ। ୨୦୨୬ ସୁଦ୍ଧା ଭାରତ ମହାକାଶକୁ ଭାରତୀୟ ମହାକାଶଚାରୀଙ୍କୁ ପଠାଇବା ଲକ୍ଷ୍ୟ ରଖାଯାଇଛି।

# ଭାରତୀୟ ସେନାକୁ ବଡ଼ ସଫଳତା: ଲସ୍କରର ଟପ କମାଣ୍ଡର ଉସମାନର ହେଲା ମୃତ



ଶ୍ରୀନଗର, ୨।୧୧

ଜମ୍ମୁ-କଶ୍ମୀରର ଶ୍ରୀନଗର ଖାନିଆର ଅଞ୍ଚଳରେ ଶନିବାର ସକାଳେ ହୋଇଥିବା ଏନକାଉଣ୍ଟରରେ ୪ ଯବାନ ଆହତ ହୋଇଥିବା ବେଳେ ଲସ୍କର-ଏ-ତୋଇବା(ଏଲ୍‌ଇଟି)ର ଜଣେ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛି। ସେନା ଅଧିକାରୀଙ୍କ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ତେବେ ନିହତ ଆତଙ୍କବାଦୀ ଲସ୍କରର ଟପ (ପୃଷ୍ଠା ୭ରେ)

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ନଭେମ୍ବର ୨୦୨୪ ରବିବାର





## ସମ୍‌ରେ ତୃତୀୟ ଥର ପାଇଁ ଅଂଗଦାନ

# ବ୍ରେନ୍ ଡେଡ୍ ରୋଗୀଙ୍କ ଶରୀରର ଦୁଇ ଅଂଗ ଦୁଇ ଗୁରୁତର ରୋଗୀଙ୍କୁ ଦେଲା ନୂଆ ଜୀବନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଅଂଗଦାନକୁ ନିରବଚ୍ଛିନ୍ନ ଭାବେ ପ୍ରୋତ୍ସାହନ ଦେଉଥିବା ସମ୍ ଅଲ୍ଟିମେଟ୍ ମେଡିକେୟାରରେ ତୃତୀୟ ଥର ପାଇଁ ଜଣେ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଶରୀରରୁ ଦୁଇଟି ଅଂଗ ବାହାର କରାଯାଇ ରାଜଧାନୀର ଦୁଇଟି ହସ୍ପିଟାଲ୍‌ରେ ଥିବା ଗୁରୁତର ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ପାଇଁ ପ୍ରକ୍ରିୟା ସମ୍ପନ୍ନ କରାଯାଇଛି। ଦୀପାବଳି ପୂର୍ବରୁ ଅସୁସ୍ଥ ମଣିଷଙ୍କୁ ନୂତନ ଜୀବନ ଦେବାର ଏହି ଉଦ୍ୟମକୁ ବଳବତର ରଖିଛି ସମ୍ପମ୍। ବାଲେଶ୍ୱର ଜିଲ୍ଲା ନୀଳଗିରି ଅଂଚଳର ୫୯ ବର୍ଷୀୟ ଅଲେଖ ପ୍ରସାଦ ପରିଡା ମସ୍ତିଷ୍କରେ ଗୁରୁତର ଆଘାତ (ବ୍ରେନ୍ ଷ୍ଟ୍ରୋକ୍)ର ସମସ୍ୟା ନେଇ ଗତ ୨୭ତାରିଖ ରାତିରେ ସମ୍ପମ୍‌ରେ ଭର୍ତ୍ତି ହୋଇଥିଲେ । ତେବେ ତାଙ୍କର ସମସ୍ତ ପରୀକ୍ଷା ନିରୀକ୍ଷା ସହ ବ୍ରେନ୍ ଷ୍ଟେମ୍ ରିଫ୍ଲେକ୍ସ ପରୀକ୍ଷା ଅର୍ଥାତ୍ ମସ୍ତିଷ୍କ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ତାହା ଜାଣିବା ପାଇଁ ପରୀକ୍ଷା କରାଯାଇଥିଲା। ତେବେ ଏହି ପରୀକ୍ଷାର ରିପୋର୍ଟ ନେଗେଟିଭ ଆସିବା ପରେ ଏକ ଆପ୍‌ନିଆ ଟେଷ୍ଟ ମଧ୍ୟ କରାଯାଇଥିଲା ଯେଉଁଥିରେ ସେ ବ୍ରେନ୍ ଡେଡ୍ ହୋଇଯାଇଥିବା ଜଣାପଡ଼ିଥିଲା ବୋଲି ତାଙ୍କୁ ଚିକିତ୍ସା କରୁଥିବା ସମ୍ପମ୍‌ର କ୍ରିଟିକାଲ୍ କେୟାର ମେଡିସିନ୍‌ର ସିନିୟର କନ୍‌ସଲ୍‌ଟାଂଟ ଡାକ୍ତର ଆଲୋକ ପାଣିଗ୍ରାହୀ ସୂଚନା ଦେଇଥିଲେ। ବ୍ରେନ୍ ଡେଡ୍ ହୋଇଯିବା ପରେ ତାଙ୍କର ଅଂଗଦାନ ନିମନ୍ତେ ପରିବାରକୁ ଅନୁରୋଧ କରାଯାଇଥିଲା ଏବଂ ପରିବାରବର୍ଗ ମଧ୍ୟ ଏଥି ନିମନ୍ତେ ଇଚ୍ଛା ପ୍ରକାଶ କରିବା ପରେ ବୁଧବାର ତାଙ୍କ ଶରୀରର ଦୁଇଟି ଅଂଗକୁ ରାଜଧାନୀର ଦୁଇଟି ହସ୍ପିଟାଲ୍‌କୁ ପଠାଯାଇଥିବା କହିଛନ୍ତି ସମ୍ପମ୍‌ର ନ୍ୟୁରୋସର୍ଜରୀ ବିଭାଗର ସିନିୟର କନ୍‌ସଲ୍‌ଟାଂଟ ଡାକ୍ତର ସୋମନାଥ ଜେନା। ହସ୍ପିଟାଲରେ ତୃତୀୟ ଥର ପାଇଁ ମୃତ ବ୍ୟକ୍ତିଙ୍କ ଶରୀରରୁ ଅଂଗଦାନ ପ୍ରକ୍ରିୟା ସଂପନ୍ନ କରାଯାଇଥିବା ବେଳେ ଏହି ପ୍ରକ୍ରିୟାକୁ ୩୦ ତମ ପର୍ଯ୍ୟନ୍ତ ଜାରି ରଖିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ସମ୍ପମ୍‌ର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ। ଅଂଗଦାନ ପ୍ରକ୍ରିୟାକୁ ବହୁ ମାତ୍ରାରେ କାର୍ଯ୍ୟକାରୀ କରିବା ସହ ଲୋକଙ୍କ ମଧ୍ୟରେ ଏ ଦିଗରେ ସଚେତନତା ଆଣିବା ସମ୍ପମର ଲକ୍ଷ୍ୟ ବୋଲି ଡକ୍ଟର ଦାଶ କହିଛନ୍ତି। ଓଡ଼ିଶା ଚିକିତ୍ସା ଇତିହାସରେ ପ୍ରଥମ ଥର ପାଇଁ ୨୦୨୩ ଜୁନ୍ ମାସରେ ସମ୍ପମ୍‌ରେ ବ୍ରେନ୍ ଡେଡ୍ ହୋଇଥିବା ବ୍ୟକ୍ତି ପ୍ରସେନ୍‌ଜିତ ମହାନ୍ତିଙ୍କ ଶରୀରରୁ ଏକା ସଂଗେ ୫ ଟି ଅଂଗ ବାହାର କରାଯାଇ କଟକ ସମେତ ରାଜ୍ୟ ବାହାର ନୂଆଦିଲ୍ଲୀ ଓ କୋଲ୍‌କାତାର ହସ୍ପିଟାଲକୁ ମଧ୍ୟ ପଠାଯାଇ ରୋଗୀମାନଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯାଇଥିଲା ଓ ସେମାନେ ନୂତନ ଜୀବନ ପାଇଥିଲେ ବୋଲି ଡକ୍ଟର ଦାଶ ସୂଚନା ଦେଇଛନ୍ତି। କେବଳ ସେତିକି ନୁହେଁ ମୃତ ପ୍ରସେନ୍‌ଜିତଙ୍କ ପତ୍ନୀ ମୃଦୁମଞ୍ଜରୀଙ୍କୁ ମଧ୍ୟ ସମ୍ପମ୍‌ର ରେଡିଓଲୋଜି ବିଭାଗରେ ନିଯୁକ୍ତି ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ସେହିପରି ୯ ମାସର ବ୍ୟବଧାନ ପରେ ଦ୍ୱିତୀୟ ଥର ପାଇଁ ୨୦୨୪ ମାର୍ଚ୍ଚ ମାସରେ ପୁଣି ଥରେ ଜଣେ ବ୍ରେନ୍ ଡେଡ୍ ବ୍ୟକ୍ତି କୃଷ୍ଣ ଚନ୍ଦ୍ର ମହାଭୋଇଙ୍କ ଶରୀରରୁ ଦୁଇଟି ଅଂଗ ବାହାର କରାଯାଇ ମୁମ୍ବାଇ ଓ କୋଲକାତାରେ ଚିକିତ୍ସାଧୀନ ଥିବା ଦୁଇଜଣ ଗୁରୁତର ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ନିମନ୍ତେ ପଠାଯାଇଥିଲା ବୋଲି ସେ କହିଛନ୍ତି। ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଂଟ ଅର୍ଗାନାଇଜେସନ୍ (ସୋଟୋ)ର ସମସ୍ତ ନିୟମାବଳୀକୁ ଅନୁସରଣ କରାଯାଇ ଏହି ଅଂଗଦାନ ପ୍ରକ୍ରିୟା ସମ୍ପନ୍ନ କରାଯାଉଥିବା ଡକ୍ଟର ଦାଶ କହିଛନ୍ତି। ଏହି ଅଂଗଦାନ ପ୍ରକ୍ରିୟା ଅନେକ ଗୁରୁତର ରୋଗୀଙ୍କୁ ନୂତନ ଜୀବନ ପ୍ରଦାନ କରିବାରେ ସହାୟକ ହେଉଥିବା ବେଳେ ଏହି କାର୍ଯ୍ୟକୁ ତୁଲାଇବାରେ ଅଗ୍ରଣୀ ଭୂମିକା ସମ୍ପମ୍ ନେଇଛି ବୋଲି କହିଛନ୍ତି ହସ୍ପିଟାଲ୍‌ର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର। ଏହି ପ୍ରକ୍ରିୟା ଆଗକୁ ମଧ୍ୟ ଜାରି ରହିବ ବୋଲି ସେ କହିଛନ୍ତି।

# ଆସନ୍ତା ବର୍ଷ ରାଜ୍ୟରେ ହେବ ନୂଆ ଶିକ୍ଷାନୀତି

## ମାର୍ଚ୍ଚସୁଦ୍ଧା ପ୍ରସ୍ତୁତ ହେବ ରାଜ୍ୟ ଚିଠା ଶିକ୍ଷା ନୀତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ଲାଗୁ ହେବ ଜାତୀୟ ଶିକ୍ଷାନୀତି ୨୦୨୦। ଆସନ୍ତା ଶିକ୍ଷାବର୍ଷରୁ ଏହା ରାଜ୍ୟରେ ଲାଗୁ ହେବ । ରାଜ୍ୟ ସରକାର ଧାର୍ଯ୍ୟ ସମୟ ସୁଦ୍ଧା ଏଥିପାଇଁ ସମସ୍ତ ପ୍ରାରମ୍ଭିକ ପ୍ରସ୍ତୁତି ସାରିବାକୁ ଅଣ୍ଟା ଭିଡ଼ିଛନ୍ତି । ଆସନ୍ତା ମାର୍ଚ୍ଚ ୧୫ ସୁଦ୍ଧା ଶିକ୍ଷକ, ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟ ଚିଠା ଶିକ୍ଷା ନୀତି ପ୍ରସ୍ତୁତ ହେବ । ରାଜ୍ୟ କ୍ୟାବିନେଟ୍ ଏହା ଉପରେ ମୋହର ମାରିବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହା କାର୍ଯ୍ୟକାରୀ ହେବ । ଉଚ୍ଚଶିକ୍ଷା ବିଭାଗ ମଧ୍ୟ ଏ ଦିଗରେ ବେଶ ତତ୍ପରତା ପ୍ରକାଶ କରୁଛି । ମୋଟାମୋଟି ରାଜ୍ୟ ସରକାର ୨୦୨୫-୨୬ ଶିକ୍ଷାବର୍ଷରେ ନୂଆ ଶିକ୍ଷାନୀତି ଲାଗୁ କରିବାକୁ ପ୍ରସ୍ତୁତିକୁ ତେଜିଛନ୍ତି । ଡବଲ ଇଞ୍ଜିନ ସରକାର । ତ୍ୱରିତ ନିଷ୍ପତ୍ତି । କେନ୍ଦ୍ର ସରକାର ପ୍ରଣୟନ କରିଥିବା ଜାତୀୟ ଶିକ୍ଷା ନୀତିକୁ ବହୁ ରାଜ୍ୟ ଗ୍ରହଣ କରି କାର୍ଯ୍ୟକାରୀ କରିଥିଲା ବେଳେ ଓଡ଼ିଶାରେ ଏହା ଏଯାଏଁ ଲାଗୁ ହୋଇନି । ବିଜେପି ସରକାର ଆସିବା ପରେ ଏ ନେଇ ତତ୍ପରତା ଜୋର ଧରିଛି । ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଟାସ୍କ ଫୋର୍ସ ଗଠନ କରିଛି । ଏହାସହ ୬ଟି ବିଷୟଗତ ସବ୍ କମିଟି ଗଠନ ହୋଇଛି । ଶିକ୍ଷା ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ସବ୍ କମିଟି ବୈଠକ ବସିଥିଲା । ଯଥାଶୀଘ୍ର ରାଜ୍ୟ ଶିକ୍ଷାନୀତିର ଚିଠା ପ୍ରସ୍ତୁତ କରିବା ସଂପର୍କରେ ବୈଠକରେ ଚର୍ଚ୍ଚା ହୋଇଥିଲା । ସଦସ୍ୟମାନେ ଏନେଇ ଲିଖିତ ପ୍ରସ୍ତାବ ଆସନ୍ତା ମାସ ୩୦ ସୁଦ୍ଧା ଦେବେ । ତାହାକୁ ସଂକଳନ କରାଯାଇ ଟାସ୍କଫୋର୍ସକୁ ସୁପାରିଶ କରାଯିବ । ଟାସ୍କଫୋର୍ସ ଜାନୁଆରୀ ୧୫ ସୁଦ୍ଧା ଟାସ୍କଫୋର୍ସ ଏହି ସୁପାରିଶକୁ ମୋହର ମାରିବା ପରେ ଶିକ୍ଷକ, ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଚିଠା ନୀତି ପ୍ରସ୍ତୁତ କରିବ । ସରକାର ଏହାକୁ ଅନୁମୋଦନ କରିବା ପରେ ରାଜ୍ୟରେ ଲାଗୁ କରାଯିବ। ଜାତୀୟ ଶିକ୍ଷା ନୀତି-୨୦୨୦ର ବିଭିନ୍ନ ଉପାଦାନକୁ ଅନୁଧ୍ୟାନ ପାଇଁ ୬ଟି ବିଷୟଗତ ସବ୍ କମିଟି ଗଠନ କରାଯାଇଛି । ଏହି ସବ୍ କମିଟିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ନିର୍ଦ୍ଦେଶାଳୟର ମୁଖ୍ୟଙ୍କ ସମେତ ଶିକ୍ଷା କ୍ଷେତ୍ରର ବିଶେଷଜ୍ଞ ଓ ଶିକ୍ଷାବିତ୍‌ଙ୍କୁ ସାମିଲ କରାଯାଇଛି । ୨୦୨୦ ମସିହାରେ ଉଚ୍ଚଶିକ୍ଷା ବିଭାଗ କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି ୨୦୨୦ ଲାଗୁ ପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯାଇଥିଲା । ସେଥିରେ ଉନ୍ନୟନ କମିଶନର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିଲେ । ଚଳିତ ମାସ ପ୍ରଥମ ସପ୍ତାହରେ ବିଶ୍ୱବିଦ୍ୟାଳୟ କୁଳପତି ଏବଂ କଲେଜ ଅଧ୍ୟକ୍ଷଙ୍କୁ ନେଇ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ କରାଯାଇଛି । ଉଚ୍ଚଶିକ୍ଷା ବିଭାଗ ପାଦେ ଆଗରେ ରହି ଜାତୀୟ ଶିକ୍ଷା ନୀତି ପାଇଁ ପ୍ରାୟ ପ୍ରସ୍ତୁତି ସାରିଛି । ତେଣୁ ସରକାର ଆସନ୍ତା ଶିକ୍ଷାବର୍ଷରୁ ଏହାକୁ ଲାଗୁ କରିବାକୁ ପୂର୍ଣ୍ଣ ପ୍ରସ୍ତୁତ ହେଉଛନ୍ତି ବୋଲି ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ, ପୋଥିଗତ ଜ୍ଞାନ ବଦଳରେ ଜୀବିକା ନିର୍ବାହ ପାଇଁ ଛାତ୍ରଛାତ୍ରୀଙ୍କୁ କୁଶଳୀ କରିବାକୁ ଦୃଷ୍ଟିରେ ରଖି ଜାତୀୟ ଶିକ୍ଷା ନୀତି ପାଠ୍ୟକ୍ରମରେ ଜୋର ଦିଆଯାଇଛି । ଭାରତର ପାରମ୍ପରିକ ଜ୍ଞାନ, କଳା, ସଂସ୍କୃତି ଏବେ ସିଲାବସ୍‌ରେ ସ୍ଥାନ ପାଇବ । ନୂଆ ଢ଼ାଞ୍ଚାରେ ଆରମ୍ଭ ହେବ ସ୍କୁଲ ଶିକ୍ଷା । ପରୀକ୍ଷାର ଚାପ ହଟିବ । ଆନନ୍ଦମୟ ଶିକ୍ଷାର ନୂଆ ଧାରାରେ ବାଟ ଚାଲିବେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ । ପିଲାଙ୍କ ନିଜ ପସନ୍ଦକୁ ମିଳିବ ଅଗ୍ରାଧିକାର । ମାତୃଭାଷାରେ ୫ମ ଶ୍ରେଣୀ ଯାଏ ଶିକ୍ଷା ମିଳିବ । ଷଷ୍ଠ ଶ୍ରେଣୀରୁ ବାଧ୍ୟତାମୂଳକ ହେବ ଧନ୍ଦାମୂଳକ ଶିକ୍ଷା । 'ଭାଷାଭୟ'ରେ ପିଲା ସ୍କୁଲ ଯିବାକୁ କୁନ୍ଥକୁନ୍ଥ ହେବନି । ଗଣିତ, ବିଜ୍ଞାନ, ଇଂରାଜୀରେ ରଖିଥିବା ମାର୍କ କେବଳ ଯୋଗ୍ୟତାର ମାପକାଠି ହେବନି । ରିପୋର୍ଟକାର୍ଡ ବଦଳରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ହେବ ଅଗ୍ରାଧିକାରର ମାପଦଣ୍ଡ।

## ପୁରୁଷୋତ୍ତମ ଏକ୍ସପ୍ରେସରୁ ୧୫୦ ଗୁଳି ଜବତ

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁରୀ ରେଲୱେ ଷ୍ଟେସନରୁ ୧୫୦ଟି ଗୁଳି ଜବତ । ୧୨୮୦୨ପୁରୁଷୋତ୍ତମ ଏକ୍ସପ୍ରେସ ଏସ୨ ସ୍ଲିପର କୋଚ ବଗିର ସିଟ ତଳୁ ଜବତ ହୋଇଛି ଗୁଳି । ସନ୍ଦିଗ୍ଧ ଅବସ୍ଥାରେ ଏକ କଳା ବ୍ୟାଗକୁ ଆରପିଏଫ ଦ୍ୱାରା ଯାଞ୍ଚ କରାଯାଇଥିଲା । ଏହି ସମୟରେ ଉକ୍ତ ବ୍ୟାଗକୁ ଜବତ କରାଯାଇଥିବାବେଳେ ତାହା ଭିତରୁ ୧୫୦ଟି ୮ଏମଏମ ଗୁଳି ଉଦ୍ଧାର ହୋଇଛି। ଏ ନେଇ ଆରପିଏଫ ପକ୍ଷରୁ ଜିଆରପି ପୋଲିସକୁ ଅବଗତ କରାଇଥିବାବେଳେ ଜିଆରପି ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଛି ।

## ବଦଳିଲା ସୂର୍ଯ୍ୟମନ୍ଦିର ପରିଦର୍ଶନ ସମୟ

**କୋଣାର୍କ, ନ୍ୟୁଜ ବ୍ୟୁରୋ**

କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ ସମୟରେ ପରିବର୍ତ୍ତନ ହୋଇଛି । ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଏଣିକି ସନ୍ଧ୍ୟା ୬ରେ ବନ୍ଦ ହେବ ସୂର୍ଯ୍ୟମନ୍ଦିର । ନଭେମ୍ବର ୧ ତାରିଖରୁ ଫେବୃଆରୀ ୨୮ତାରିଖ ପର୍ଯ୍ୟନ୍ତ ସକାଳ ୬ଟାରୁ ମନ୍ଦିର ଖୋଲା ରହି ସନ୍ଧ୍ୟା ୬ଟାରେ ବନ୍ଦ ହେବ । ଏଏସଆଇ ବିଭାଗ ପକ୍ଷରୁ ଏହି ସୂଚନା ମିଳିଛି । ସେହିଭଳି ଲାଇଟ ଆଣ୍ଡ ସାଉଣ୍ଡ ସୋ ସନ୍ଧ୍ୟା ୬ଟା ୩୦ରୁ ୭ଟା ୧୦ ଏବଂ ୭ଟା ୩୦ରୁ ୮ଟା ୧୦ପର୍ଯ୍ୟନ୍ତ ଦୁଇଟି ସୋ ଚାଲିବ । ପୂର୍ବରୁ ରାତି ୭ଟାରେ ବନ୍ଦ ହେଉଥିଲା ସୂର୍ଯ୍ୟମନ୍ଦିର ।

## ଟ୍ୱିନ୍ ସିଟିରେ ଘନ କୁହୁଡ଼ିର ଆସ୍ତରଣ : ପ୍ରବଳ ବାଣ ଫୁଟା ଯୋଗୁଁ ବଢ଼ିଛି ପ୍ରଦୂଷଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କିଛି ଦିଶିଲାନି। ଚାରିଆଡ଼େ ଯେମିତି ଧୂଆଁ ଧୂଆଁ । ଦୀପାବଳି ଧୂଆଁ ସହିତ କୁହୁଡ଼ି । ରାସ୍ତାରେ ଭିଜିବିଲିଟି ରେଞ୍ଜ(ଦୃଶ୍ୟମାନ ଦୂରତା) ଥିଲା ପ୍ରାୟ ୧୦୦ ମିଟର । ସ୍ଥାନେ ସ୍ଥାନେ ଘନ କୁହୁଡ଼ି ଯୋଗୁ ୫୦ ମିଟର ଆଗକୁ ବି ଦେଖାଯାଉନଥିଲା। ଶନିବାର ସକାଳୁ ସକାଳୁ କଟକ-ଭୁବନେଶ୍ୱରରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ଦୀପାବଳିରେ ପ୍ରବଳ ବାଣ ଫୁଟା ଯୋଗୁଁ ପ୍ରଦୂଷଣ ବଢ଼ିଛି। ସେହିପରି ପୁରୀରେ ମଧ୍ୟ ଘନ କୁହୁଡ଼ି ପଡ଼ିଛି। କୁହୁଡ଼ି ଚାଦର ତଳେ ଶ୍ରୀମନ୍ଦିର ଆଚ୍ଛାଦିତ ହୋଇଥିବା ଦେଖିବାକୁ ମିଳିଛି। ଦୂରରୁ ଶ୍ରୀମନ୍ଦିରର ଚୂଡ଼ା ଦେଶ ଓ ମୁଖ୍ୟ ମନ୍ଦିର ଦୃଶ୍ୟମାନ ହେଉନି। ଗୁରୁବାର ରାତିରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ଗୁରୁବାର ଭୁବନେଶ୍ୱରରେ ନିର୍ଦ୍ଧୁମ ବାଣ ଫୁଟିଥିଲା। ରାଜଧାନୀର ବାୟୁର ମାନ (ଏକ୍ୟୁଆଇ) ଦ୍ରୁତ ଗତିରେ ବିଗିଡ଼ି ଥିଲା। ୨ ଦିନ ତଳେ ସ୍ୱଚ୍ଛ ସହର ଥିବା ଭୁବନେଶ୍ୱର ବାରୁଦିଆ ଗନ୍ଧେଇଲା । ମାତ୍ର ଶୁକ୍ରବାର ସକାଳେ ବର୍ଷା ପରେ ଭୁବନେଶ୍ୱରରେ ସ୍ଥିତି ସୁଧୁରିଥିଲା। ହେଲେ ସନ୍ଧ୍ୟା ପରେ ପୁଣି ଆରମ୍ଭ ହୋଇଗଲା ଦୀପାବଳି ସେଲିବ୍ରେସନ । ଢୋ ଢା ବାଣ ମାଡ଼ରେ କମ୍ପିଲା ଭୁବନେଶ୍ୱର । ତେବେ ରାତି ୮ଟାବେଳକୁ ବାୟୁମଣ୍ଡଳର ସ୍ଥିତି ଦ୍ରୁତ ଗତିରେ ଖରାପ ହେଲା । କୁହୁଡ଼ି ମାଡ଼ି ଆସିଲା । ଧୂଆଁ ବେଶୀ ନଥିଲେ ବି କୁହୁଡ଼ି ଯୋଗୁ ପୁରା ରାଜଧାନୀ ଧୂଆଁମୟ ଲାଗୁଥିଲା । ୯ଟା ପରେ କିଛି ଦିଶିଲାନି। ସନ୍ଧ୍ୟା ୭ଟାବେଳେ ଲିଙ୍ଗରାଜ ମନ୍ଦିର ଅଞ୍ଚଳରେ ୧୫୫ ଥିଲା ଏକ୍ୟୁଆଇ ମାନ। ରାତି ୯ଟାବେଳକୁ ୧୬୫, ୧୦ଟାରେ ୧୬୮ । ପଟିଆରେ ସନ୍ଧ୍ୟା ୭ଟାରେ ଥିଲା ୧୨୨ । ରାତି ୧୦ଟାରେ ୧୨୫ । ରିପୋର୍ଟ ଅନୁସାରେ, ଭୁବନେଶ୍ୱରରେ ନୂଆପଲ୍ଲୀ ଆଇଆରସି ଅଞ୍ଚଳରେ ଏକ୍ୟୁଆଇ ୨୩୦, ୟୁନିଟ୍-୮ ଅଞ୍ଚଳରେ ୨୪୭, କ୍ୟାପିଟାଲ ଥାନା ପାଖ ଇଲାକାରେ ୨୦୦ ଓ ପଳାଶୁଣୀରେ ୨୧୩ ରହିଛି। ଚନ୍ଦ୍ରଶେଖରପୁରରେ ୧୪୭, ଖଣ୍ଡଗିରି ଥାନା ପାଖ ଇଲାକାରେ ୧୯୭ ରେକର୍ଡ ହୋଇଛି ଏକ୍ୟୁଆଇ। ଖୋଦ୍ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କହୁଛି, ସପ୍ତାହେ ତଳେ ଭୁବନେଶ୍ୱରର ଏସବୁ ଅଞ୍ଚଳରେ ଏକ୍ୟୁଆଇ ସ୍ତର ଭଲ ଥିଲା । ହଠାତ୍ ବଦଳିଯିବା ନେଇ ଦୀପାବଳି ବାଣକୁ ହିଁ ଦାୟୀ କରିଛନ୍ତି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଅଞ୍ଚଳରେ ଏକ୍ୟୁଆଇ ୯୦ ତଳେ ଥିଲା। ସକାଳ ୯ଟାବେଳକୁ ୧୪୩। ପଟିଆରେ ଦୀପାବଳି ସନ୍ଧ୍ୟା ୬ଟାରେ ଏକ୍ୟୁଆଇ ୬୯ ଥିଲା । ରାତି ୧ଟାବେଳକୁ ୧୧୦ ଟପିଲା । ନୂଆପଲ୍ଲୀ, ୟୁନିଟ୍-୮, ପଳାଶୁଣି ଅଞ୍ଚଳରେ ଗତ ୨୪ ଘଣ୍ଟାରେ ନିମ୍ନସ୍ତର ଖସିଯାଇଛି ବାୟୁର ମାନ । ଏକ୍ୟୁଆଇ ୧୦୦ରୁ ୨୦୦ ଭିତରେ ରହିଲେ ଫୁସଫୁସ ରୋଗୀ, ହୃଦରୋଗୀ, ଶିଶୁଙ୍କ ପାଇଁ ଶ୍ୱାସକ୍ରିୟାରେ ସମସ୍ୟା ଆଣିପାରେ।

## ବାର୍‌ହା ଶିକାର କଲା ଶିମିଳିପାଳର ନୂଆ ବାଘୁଣୀ ଯମୁନା

**ମୟୂରଭଞ୍ଜ, ନ୍ୟୁଜ ବ୍ୟୁରୋ**

ମହାରାଷ୍ଟ୍ରରୁ ଶିମିଳିପାଳ ଆସିଥିବା ବାଘୁଣୀ ଯମୁନାକୁ ବର୍ତ୍ତମାନ ଏନକ୍ଲୋଜରରେ ରଖାଯାଇଛି । ତାର ଖାଇବା ଲାଗି ଭିତରେ ଛଡ଼ା ଯାଇଥିବା ଜନ୍ତୁଙ୍କ ମଧ୍ୟରୁ ବୁଧବାର ପ୍ରଥମ ଥର ପାଇଁ ଏକ ବାରହା ଶିକାର କରିଛି ବୋଲି ଜଣାପଡ଼ିଛି । ଏନେଇ ଏସଟିଆର ପକ୍ଷରୁ ସୂଚନା ମିଳିଛି । ବାଘୁଣୀ ଯମୁନାକୁ କିଛି ଦିନ ପାଇଁ ୧ ହେକ୍ଟର ପରିମିତି ଅଞ୍ଚଳରେ ଏକ ତାରଜାଲି ଘେରା ଏନକ୍ଲୋଜରରେ ରଖାଯାଇଛି। ଏହି ସମୟରେ ତାର ଗତିବିଧି ଓ ସ୍ୱାସ୍ଥ୍ୟ ଅବସ୍ଥାକୁ ନିରୀକ୍ଷଣରେ ରଖାଯାଇଛି । ସେତିକି ଦିନ ତାର ଶିକାର ଲାଗି ହରିଣ, ବାରହା ଓ ସମ୍ବର ମଧ୍ୟ ଏନକ୍ଲୋଜରରେ ଛଡାଯାଇଛି । ସେ ନିଜେ ଶିକାର କରି ଖାଦ୍ୟ ଖାଇବ ବୋଲି ଫୋନ୍ ମାଧ୍ୟମରେ କହିଛନ୍ତି ଏସ.ଟି.ଆରର ମୁଖ୍ୟ ବନ ସଂରକ୍ଷକ।

## ରାଜଧାନୀରେ ନାବାଳିକାଙ୍କୁ ଗଣଦୁଷ୍କର୍ମ : ୫ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ଲଜ୍ଜା। ନାବାଳିକାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ। ଚନ୍ଦ୍ରଶେଖରପୁରରେ ଏଭଳି ଅଭାବନୀୟ ଘଟଣା ଘଟିଛି। ନାବାଳିକାଙ୍କ ପରିବାର ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତ ଚନ୍ଦ୍ରଶେଖରପୁର ଓ ନୟାପଲ୍ଲୀ ଅଞ୍ଚଳର ବୋଲି ସୂଚନା ମିଳିଛି। ଘଟଣାଟି ୧୦ ଦିନ ତଳର ବୋଲି ଜଣାପଡ଼ିଛି।

## ଇସ୍ରୋର ରୋଡ୍‌ମ୍ୟାପ
## ୨୦୨୬ରେ ମହାକାଶକୁ ଯିବ ମଣିଷ, ୨୦୪୦ରେ ଚନ୍ଦ୍ରକୁ ମାନବ




**ନୂଆଦିଲ୍ଲୀ,**

ମହାକାଶ ଗବେଷଣାରେ ଇସ୍ରୋର ରୋଡ୍ ମ୍ୟାପ୍ । ଆଗାମୀ ୧୫ ବର୍ଷର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥା । ୨୦୪୦ ମସିହା ପର୍ଯ୍ୟନ୍ତ ସ୍ପେସ୍ ମିଶନର କ୍ୟାଲେଣ୍ଡର ତିଆରି ହୋଇଛି । ଏଥିରେ ଭାରତର ସ୍ପେସ୍ ମିଶନ ସହ ଜଡ଼ିତ ତଥ୍ୟ ରହିଛି । ଏହା ଅନୁସାରେ, ଆଗାମୀ ୩ ମାସରେ ଗଗନଯାନ ମିଶନର ପ୍ରଥମ ଅନ୍-କ୍ରୁ ମିଶନ ଲଞ୍ଚ୍ ହେବ । ଏହାର ଚୂଡ଼ାନ୍ତ ପ୍ରସ୍ତୁତି ଚାଲିଛି । ଏହାପରେ ଦୁଇ ରୋବୋଟିକ୍ ଗଗନଯାନ ଲଞ୍ଚ୍ କରାଯିବ । ଏଥିରେ ହ୍ୟୁମାନଏଡ୍ ବ୍ୟୋମମିତ୍ର ପଠାଯିବ । ହ୍ୟୁମାନଏଡ୍ ହେଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହାୟତାରେ ମଣିଷ ଭଳି ବ୍ୟବହାର କରିପାରୁଥିବା ରୋବୋ ।

ସେହିପରି ୨୦୨୫ ଶେଷ ସୁଦ୍ଧା କିମ୍ବା ୨୦୨୬ ପ୍ରାରମ୍ଭରେ ମହାକାଶଚାରୀଙ୍କୁ ସ୍ପେସ୍‌କୁ ପଠାଇବା ଲାଗି ଯୋଜନା ଚାଲିଛି । ଗଗନଯାନ ମିଶନ ପାଇଁ ଚୟନ ହୋଇଥିବା ୪ ମହାକାଶଚାରୀଙ୍କ ମଧ୍ୟରୁ ୨ ଭାରତୀୟ ମହାକାଶଚାରୀ ୩ ଦିନ ପାଇଁ ପୃଥିବୀ କକ୍ଷପଥ ପରିକ୍ରମା କରିବେ । ଇସ୍ରୋ ୫ ବର୍ଷରେ ୩ ଥର ଦୁଇ-ଦୁଇ ଭାରତୀୟ ମହାକାଶଚାରୀଙ୍କୁ ସ୍ପେସ୍‌କୁ ପଠାଇବା ଲାଗି ଯୋଜନା କରିଛି । ମିଶନର ସଫଳତା ଆଧାରରେ ମହାକାଶଚାରୀ ଏବଂ ଦିନ ସଂଖ୍ୟା ବଢ଼ାଯିବ । ପ୍ରଥମ ଗଗନଯାନ ମିଶନ ପରେ ୨୦୨୬-୨୭ରେ ଗଗନଯାନର ଦ୍ୱିତୀୟ ମାନବଯୁକ୍ତ ସ୍ପେସ୍‌କ୍ରାଫ୍ଟ ଏବଂ ୨୦୨୮-୨୯ରେ ତୃତୀୟ ମାନବଯୁକ୍ତ ସ୍ପେସ୍‌କ୍ରାଫ୍ଟ ଜରିଆରେ ମହାକାଶଚାରୀଙ୍କୁ ସ୍ପେସ୍‌କୁ ପଠାଯିବ । ଆସନ୍ତା ବର୍ଷ ଇସ୍ରୋ ୬ଟି କୃତ୍ରିମ ଉପଗ୍ରହ ପଠାଇବ । ଏଥିରେ ନୌସେନା ପାଇଁ ଜିସାଟ୍୭ଆର, ସେନା ପାଇଁ ଜିସାଟ୍-୭ବି, ବ୍ରଡ୍‌ବ୍ୟାଣ୍ଡ ଏବଂ ଇନ୍-ଫ୍ଲାଇଟ୍ କନେକ୍ଟିଭିଟି ପାଇଁ ଜିସାଟ୍-ଏନ୍୨, ଡିଫେନ୍ସ, ପାରାମିଲିଟାରୀ, ରେଲୱେ, ଫିଶରିଜ୍ ପାଇଁ ଜିସାଟ୍-ଏନ୍୩ ବ୍ୟତୀତ ଗଗନଯାନ ସହ ଯୋଗାଯୋଗ ବଜାୟ ରଖିବା ପାଇଁ ଦୁଇ ସାଟେଲାଇଟ୍ ପଠାଯିବ । ଏଥିସହ ୪ ନୀରିକ୍ଷଣ ଉପଗ୍ରହ ମଧ୍ୟ ଲଞ୍ଚ୍ କରାଯିବ । ୨୦୨୬-୨୭ରେ ଚନ୍ଦ୍ରଯାନ-୪ ମିଶନ ଲଞ୍ଚ୍ ହେବ । ଏହା ପରେ ଚନ୍ଦ୍ରଯାନ-୫ ମିଶନ ବା ଲୁପେକ୍ସ ମିଶନର ଯୋଜନା ରହିଛି । ୨୦୨୮ରେ ଭାରତୀୟ ମହାକାଶ ଷ୍ଟେସନର ମଡ୍ୟୁଲ-୧ ସ୍ପେସ୍‌କୁ ଯିବ । ଏଥିରେ ସ୍ୱଦେଶୀ ସ୍ପେସ୍‌କ୍ରାଫ୍ଟ ଡକିଙ୍ଗ୍ ଏକ୍ସପେରିମେଣ୍ଟ (ସ୍ପାଡେକ୍ସ)ର ଡେମୋ ବି ରହିବ । ଏଥିରେ ସ୍ପେସ୍‌ରେ ଘୂରୁଥିବା ଦୁଇ ସ୍ପେସ୍‌କ୍ରାଫ୍ଟକୁ ପରସ୍ପର ସହ ଯୋଡ଼ାଯାଇପାରିବ । ୨୦୩୧ରେ ଚନ୍ଦ୍ରକୁ ହ୍ୟୁମାନଏଡ୍ ମିଶନ ପଠାଯିବ । ୨୦୩୫ରେ ଭାରତୀୟ ସ୍ପେସ୍ ଷ୍ଟେଶନ ସ୍ଥାପନ କରାଯିବାର ଯୋଜନା ରହିଛି । ୨୦୩୭-୩୮ରେ ଚନ୍ଦ୍ରପୃଷ୍ଠରେ ଭାରତୀୟ ରୋବୋଟିକ୍ ହ୍ୟୁମାନଏଡ୍ ଓହ୍ଲାଇବେ । ଶୁକ୍ର ଗ୍ରହର ଅଧ୍ୟୟନ ପାଇଁ ଶୁକ୍ରଯାନ ଯିବ । ୨୦୪୦ରେ ଚନ୍ଦ୍ରପୃଷ୍ଠରେ ଭାରତୀୟଙ୍କ ପାଦ ପଡ଼ିବା ନେଇ ଇସ୍ରୋ ଯୋଜନା କରିଛି ।

## ବିଭିନ୍ନ ସ୍ଥାନରେ ବାଣ ଫୁଟି ଶତାଧିକ ଆହତ : ଜଳିଗଲା ସାଇକେଲ ଦୋକାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦୀପାବଳିରେ ଅଘଟଣ। ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ବାଣ ବିସ୍ଫୋରଣ ୧୦ରୁ ଅଧିକ ଆହତ ହୋଇଛନ୍ତି। ସମସ୍ତଙ୍କର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସେହିପରି ବାପୁଜୀ ନଗରରେ ବାଣ ନିଆଁରେ ୩ଟି ସାଇକେଲ ଷ୍ଟୋର ଜଳି ଯାଇଛି। ଘଟଣା ସ୍ଥଳରେ କଞ୍ଚନା ଅଗ୍ନିଶମ ବାହିନୀ ଓ କ୍ୟାପିଟାଲ ଥାନା ପୋଲିସ। ସେହିପରି ରାୟଗଡ଼ାରେ ରାଜ୍ୟ ରାଜପଥ ନିକଟ ଜଗନ୍ନାଥ ମନ୍ଦିର ସାହିରେ ଥିବା ପାନ ଦୋକାନରେ ବାଣ ନିଆଁ ପଡିବାରୁ ଦୋକାନ ଗୃହ ଜଳିଯାଇଛି। ଦୋକାନରେ ପାଖାପାଖି ୫୦ ହଜାର ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଥିବା ନେଇ ପ୍ରକାଶ କରିଛନ୍ତି ଦୋକାନ ମାଲିକ। ଖବର ପାଇ ଘଟଣାସ୍ଥଳରେ ରାୟଗଡା ଅଗ୍ନିଶମ ବିଭାଗ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ସେହିପରି ପୁରୀରେ ଅଭାବନୀୟ ଘଟଣା। ବାଣ ଭିଡୁଥିବା ବେଳେ ବିସ୍ଫୋରଣ ହେବାରୁ ୩ ଜଣ ଗୁରୁତର ଆହତ ହେଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୁରୀ ସଦର ଥାନା ଅନ୍ତର୍ଗତ ବାଟ ଗାଁ ରାଉତ ସାହିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ବାଣ ଭିଡୁଥିବା ବେଳେ ଏଭଳି ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ଦୁଇ ଜଣ ପୁରୁଷ ଓ ଜଣେ ମହିଳା ଗୁରୁତର ଆହତ ହେଇଛନ୍ତି। ଆହତ ହେଲେ ଲିପା ରାଉତ, ଗୁଲା ରାଉତ ଓ ସଞ୍ଜୟ ଜେନା। ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ବୋଲି କହିଛନ୍ତି ସିଟି ଡିଏସପି। ସେହିପରି ବାଣ ବିସ୍ଫୋରଣରେ ବାଙ୍ଗିରିପୋଷି ଥାନା ତାଳଟିକିରି ଗ୍ରାମର ୨୬ବର୍ଷର ଯୁବକ ପ୍ରଦୀପ ନାଏକ ଗୁରୁତର ଭାବେ ଆହତ ହୋଇଛନ୍ତି। ଦୀପାବଳି ସନ୍ଧ୍ୟାରେ ବାଣ ଫୁଟାଇବା ସମୟରେ ଘଟିଛି ଦୁର୍ଘଟଣା। ବାଣଟି ହଠାତ୍ ଯୁବକର ମୁହଁ ପାଖରେରେ ଫୁଟି ଯାଇଥିଲା। ଯାହା ଫଳରେ ତାଙ୍କ ଡାହାଣ ଆଖିଟି ଗଭୀର ଭାବେ ଆଘାତ ପାଇଥିଲା। ଆଖିଟି ନଷ୍ଟ ହୋଇଥିବା ସନ୍ଦେହ କରାଯାଉଛି। ଗୁରୁତର ଯୁବକକୁ ପ୍ରଥମେ ବାଙ୍ଗିରିପୋଷି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଏବେ ବାରିପଦା ପିଆରଏମ ହସ୍ପିଟାଲକୁ ସ୍ଥାନାନ୍ତର ହୋଇ ଚିକିତ୍ସିତ ହେଉଛନ୍ତି। ସେହିପରି ସୋରରେ ବିଭିନ୍ନ ସ୍ଥାନରେ ବାଣ ଫୁଟି ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଯାଜପୁର ବିଭିନ୍ନ ସ୍ଥାନରେ ବାଣ ଫୁଟାଇ ୧୦ରୁ ଅଧିକ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଶ୍ରୀମନ୍ଦିର ସୁରକ୍ଷା ନେଇ ଉଠିଲା ପ୍ରଶ୍ନ : ମନ୍ଦିର ଭିତରକୁ ଯାଉଛି ମୋବାଇଲ୍

**ପୁରୀ, ନ୍ୟୁଜ ବ୍ୟୁରୋ**



ଶ୍ରୀମନ୍ଦିର ସୁରକ୍ଷା ଉପରେ ପୁଣି ଉଠିଲା ପ୍ରଶ୍ନ। ଖୁଲମଖୁଲା ଶ୍ରୀମନ୍ଦିର ଭିତରକୁ ମୋବାଇଲ ଯିବା ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ଏହାପରେ ଶ୍ରୀମନ୍ଦିର ସୁରକ୍ଷା ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇଦିନ ତଳେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଭିତରେ ବଲିଉଡ ଅଭିନେତ୍ରୀ ଶିଲ୍ପା ସେଟ୍ଟୀ କୁନ୍ଦ୍ରାଙ୍କ ଭିଜୁଆଲ୍ ଭାଇରାଲ୍ ପରେ ଶ୍ରୀମନ୍ଦିର ଭିତରେ ମୋବାଇଲ ଫୋନ୍ ବ୍ୟବହାର ହେଉଛି କି ନାହିଁ ସେନେଇ ରିଆଲିଟ୍ ଚେକ୍ କରିଥିଲା ଏକ ନ୍ୟୁଜ ସଂସ୍ଥା। ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ବାରଣ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ କୁହାଯାଇଥିବା ବେଳେ ଖୋଲାଖୋଲି ଏହାକୁ ବେଖାତିର କରିଥିବାର ଦେଖିବାକୁ ମିଳିଛି। ସେବାୟତ ହୁଅନ୍ତୁ କିମ୍ବା ଅଣସେବାୟତ କିମ୍ବା ସୁରକ୍ଷାକର୍ମୀ କିମ୍ବା ଯାତ୍ରୀ ଗୁମାସ୍ତା ସମସ୍ତେ ଶ୍ରୀମନ୍ଦିର ଭିତରେ ମୋବାଇଲ ଫୋନ୍ ବ୍ୟବହାର କରୁଛନ୍ତି। ଭକ୍ତ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବାକୁ ବାରଣ ହେବାସହ ସେବାୟତ ଓ ସୁରକ୍ଷାକର୍ମୀଙ୍କୁ ମଧ୍ୟ ମୋବାଇଲ ନେବା ଉପରେ ମନ୍ଦିର ପ୍ରଶାସନ ତରଫରୁ କଟକଣା କରାଯାଇଛି। ପୂର୍ବରୁ ଶ୍ରୀମନ୍ଦିର ଭିତରେ ମୋବାଇଲ ବ୍ୟବହାର ବନ୍ଦ ହେବାନେଇ ବିଭିନ୍ନ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହେବା ସତ୍ତ୍ୱେ ବାରମ୍ବାର ଶ୍ରୀମନ୍ଦିର ଭିତରକୁ ମୋବାଇଲ ଯିବା ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିୟମ ମୁତାବକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ, ଏସପି ଓ ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିବିଶେଷ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେଇପାରିବେ ନାହିଁ। କିନ୍ତୁ ସମସ୍ତ ନିୟମର ଏଠାରେ ଧଜିଆ ଉଡୁଥିବା ଦେଖିବାକୁ ମିଳିଛି । ପୂର୍ବ ନିଷ୍ପତ୍ତି ମୁତାବକ ସ୍ୱୋୟତମାନଙ୍କୁ କିପ୍ୟାଡ୍ ଫୋନ୍ ବ୍ୟବହାର କରିବାକୁ ଦାବି ହୋଇଛି ।

### ବାନ୍ଧବଗଡ ଟାଇଗର ରିଜର୍ଭରେ ୪ ହାତୀଙ୍କ ଅସ୍ୱାଭାବିକ ମୃତ୍ୟୁ, ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା

**ମଧ୍ୟପ୍ରଦେଶ,**

ବାନ୍ଧବଗଡ ଟାଇଗର ରିଜର୍ଭରୁ ୪ ହାତୀଙ୍କ ମୃତଦେହ ଠାବ । ୫ ହାତୀଙ୍କ ଅବସ୍ଥା ଗୁରୁତର । ୧୩ ଟିକିଆ ହାତୀପଲରେ ସାମିଲ ଥିବା ଅନ୍ୟ ୪ଟି ହାତୀ ସୁସ୍ଥ ଥିବା ଜଣାପଡିଛି । ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ପ୍ରକୃତ କାରଣ । ଟାଇଗର ରିଜର୍ଭରେ ପାଟ୍ରୋଲିଂ କରୁଥିବା ଜଣେ ଫରେଷ୍ଟ ଗାର୍ଡ ୪ ହାତୀ ମୃତଦେହ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଟାଇଗର ରିଜର୍ଭର ସମସ୍ତ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ଏହି ସମୟରେ ଅନ୍ୟ ୫ ହାତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଜଣାପଡିଛି । ହାତୀମାନେ କିଛି ବିଷାକ୍ତ କିମ୍ବା ନାର୍କୋଟିକ ଯୁକ୍ତ ପଦାର୍ଥ ଖାଇଦେଇଥିବା ସନ୍ଦେହ କରାଯାଉଛି । ମୃତ ହାତୀଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ । ସେପଟେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅସୁସ୍ଥ ହାତୀଙ୍କ ଚିକିତ୍ସା କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି । ଏହି ଡାକ୍ତରୀ ଟିମ୍ ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆର ବିଶେଷଜ୍ଞମାନଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି ।

# ପୁଲିସ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି ମହିଳାଙ୍କ ସହ ପୂର୍ବତନ ଥାନାଧିକାରୀଙ୍କ ପ୍ରେମାଳାପ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

'କେମିତି ଅଛ ତୁମ ବିନା ଭଲ ଲାଗୁନି। ଆଇ ଲଭ୍ ୟୁ । ଆଇ ମିସ୍ ୟୁ.. । ମୋ ପାଖକୁ ପଳାଇ ଆସ । ତୁମର ବିରହ ଯନ୍ତ୍ରଣା ସହିହେବନି । ତମ ସ୍ୱାମୀଙ୍କଠାରୁ ମୁଁ ତମକୁ ବେଶି ଭଲ ପାଏ । କେତେବେଳେ ଫାଙ୍କା ଦେଖି ଟିକେ ଆସ...' - ଏମିତି କେତେ କ'ଣ ମନ ମତାଣିଆ କଥା କହି ପ୍ରେମିକାଙ୍କ ସହ ପ୍ରେମାଳାପ କରୁଛନ୍ତି ପ୍ରେମିକ । ଏହି ରଙ୍ଗିନ ମିଜାଜ୍‌ର ପ୍ରେମିକ ଆଉ କେହି ନୁହନ୍ତି, ବରଂ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ପୂର୍ବତନ ଥାନାଧିକାରୀ । ସଂପୃକ୍ତ ଥାନାଧିକାରୀ ଏବେ କଟକ ଜିଲ୍ଲାର ଏକ ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ । ଥାନାଧିକାରୀ ମହିଳାଙ୍କ ସହ ପ୍ରେମାଳାପ କରୁଥିବାର ଏକାଧିକ ଅଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଯାହା ପୁଲିସ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ଭାଇରାଲ୍ ଅଡିଓରୁ ଯାହା ସୂଚନା ମିଳିଛି, ସମ୍ପୃକ୍ତ ମହିଳା ପୂର୍ବରୁ ଥାନାକୁ କୌଣସି ଘଟଣା ବାବଦରେ ଅଭିଯୋଗ କରିବା ପାଇଁ ଆସିଥିଲେ। ଥାନାକୁ ଏକାଧିକ ବାର ଆସିବା ମଧ୍ୟରେ କେନ୍ଦ୍ରାପଡ଼ାର ଏହି ପୂର୍ବତନ ଥାନାଧିକାରୀଙ୍କ ସହ ତାଙ୍କର ସମ୍ପର୍କ ବଢ଼ିଥିଲା । ମହିଳାଙ୍କ ଘର ଥାନାଠାରୁ ମାତ୍ର ଅଧ କିଲୋମିଟର ଦୂର ହେବ। ସମ୍ପର୍କ ଅଧିକ ଘନିଷ୍ଠ ହେବା ସହ ଦୁହେଁ ପରକୀୟା ପ୍ରୀତିରେ ଲିପ୍ତ ରହିଥିଲେ । ଏପରିକି ମହିଳା ଥାନାକୁ ଆସିଲେ ତାଙ୍କର ବେଶ୍ ଭଲ ଚର୍ଚ୍ଚା ହେଉଥିଲା । ଥାନାର ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ମହିଳାଙ୍କ ସହ ଘଣ୍ଟା ଘଣ୍ଟା ଧରି ଗପ ମାରିବା ସହ ତାଙ୍କୁ ସେଓ, ଅଙ୍ଗୁର ଓ କାଜୁ ବାଦାମ ଖୁଆଉଥିଲେ ଥାନାଧିକାରୀ। ଫୋନ୍‌ରେ କଲ୍ କରି କଥା ହେବା ସହ ଭିଡିଓ କଲ୍ ମଧ୍ୟ କରୁଥିଲେ । ଏପରିକି ଏକ ଅଡିଓରେ ମହିଳାଙ୍କୁ ଥାନାଧିକାରୀ ସମ୍ପର୍କ ରଖିବା ନାଁରେ ବାରିପଦା ବୁଲିବାକୁ ମଧ୍ୟ ଡାକୁଥିବା ଶୁଣାଯାଉଛି । ମହିଳାଙ୍କର ମଧ୍ୟ ଏଥିରେ ସମ୍ମତି ଥିବା ଜଣାପଡୁଛି । ତେବେ ମହିଳା ଜଣଙ୍କ ସ୍ମାର୍ଟଫୋନ୍‌ର ବ୍ୟବହାର ବାବଦରେ ସବିଶେଷ ଜାଣିନଥିବାରୁ ଏହାର ସୁଯୋଗ ନେଇଥିଲେ ତାଙ୍କ ଝିଅ । ତାଙ୍କ ଝିଅ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ଭଲ ପାଉଥିଲେ। ନିଜର ପତିଆରା ଦେଖାଇବାକୁ ଥାନାଧିକାରୀଙ୍କ ସହ ତାଙ୍କ ପରିବାରର ଭଲ ସମ୍ପର୍କ ଥିବା କଥା କହିଥିଲେ । ଥନାଧିକାରୀଙ୍କ ସହ ତାଙ୍କ ମା'ଙ୍କ ନିବିଡ଼ତା ବିଷୟରେ ପ୍ରମାଣିତ କରିବାକୁ ଯାଇ ପ୍ରେମିକଙ୍କ ପାଖକୁ ତାଙ୍କ ମା'-ଆଇଆଇସିଙ୍କ ବାର୍ତ୍ତାଳାପର କେତେକ ଅଡିଓ ପଠାଇ ଦେଇଥିଲେ । ଯାହାକୁ ପରେ ସମ୍ପୃକ୍ତ ପ୍ରେମିକ ଭାଇରାଲ୍ କରିଦେଇଥିଲେ । ପରେ କଥା ଥାନାଧିକାରୀ ଓ ତାଙ୍କ ପତ୍ନୀଙ୍କ ପାଖରେ ମଧ୍ୟ ପହଞ୍ଚିଥିଲା । ଏ ବିଷୟରେ ଖବର ପାଇବା ପରେ ଥାନାଧିକାରୀଙ୍କ ଦାମ୍ପତ୍ୟ ଜୀବନରେ ମଧ୍ୟ କଳହ ସୃଷ୍ଟି ହୋଇଥିବା ଜଣାଯାଇଛି । ଥାନାଧିକାରୀଙ୍କ ଚୋରା ପୀରତି ବିଷୟରେ ଜଣାପଡ଼ିବା ପରେ ସେ ଏହାକୁ କୌଣସି ମତେ ରଫାଦଫା କରିବାକୁ ଉଦ୍ୟମ କରିଥିଲେ । ପ୍ରକାଶ ଥାଉକି, ସମ୍ପୃକ୍ତ ଥାନାଧିକାରୀ କେନ୍ଦ୍ରାପଡ଼ା ଜିଲ୍ଲାରେ କାର୍ଯ୍ୟରତ ଥିବା ବେଳେ ବିଭିନ୍ନ ମାମଲାରେ ବିବାଦୀୟ ହୋଇପଡ଼ିଥିଲେ । ସଂପୃକ୍ତ ଥାନାଧିକାରୀ କେନ୍ଦ୍ରାପଡ଼ା ଜିଲ୍ଲାର ଏକାଧିକ ଥାନାରେ କାମ କରିଛନ୍ତି।








# ଆମ୍ବ ଟାକୁଆର କୋଇଲି ଜାଉ ଖାଇ ୨ ମୃତ, ୬ ଗୁରୁତର

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଆମ୍ବ ଟାକୁଆରେ ପ୍ରସ୍ତୁତ ଜାଉ ଖାଇ ୨ ଜଣଙ୍କ ମୃତ୍ୟୁ ଘଟିଛି । କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତର ମାଣ୍ଡିପଙ୍କା ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି । ଏଥିରେ ଅନ୍ୟ ୬ ଜଣ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିବା ସୂଚନା ମିଳିଛି । ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମାଣ୍ଡିପଙ୍କା ଦଡ଼ାସାହିର ରୁନୁ ମାଝୀ (୩୦) ଏବଂ ରୁମିତା ପାଟମାଝୀ (୨୮) । ରୁନୁ ଜଣେ ଦିବ୍ୟାଙ୍ଗ ଯୁବତୀ ହୋଇଥିବା ବେଳେ ଏଭଳି ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଅସୁସ୍ଥଙ୍କ ମଧ୍ୟରେ ପ୍ରଭାତୀ ପାଟମାଝୀ (୩୨), ଡ୍ରାଙ୍ଗାଲୁ ପାଟମାଝୀ (୫୫), ଚୁନି ମାଝୀ (୪୫), ସୁଷମା ପାଟମାଝୀ (୨୮), ଜିତା ମାଝୀ (୩୦), ଜେବନ୍ତ ମାଝୀ (୩୦) ଗୁରୁତର ରହିଥିବା ବେଳେ ସେମାନଙ୍କୁ ପ୍ରଥମେ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଛି । ଖବରପାଇ ଦାରିଙ୍ଗବାଡ଼ି ବିଡିଓ ପ୍ରୀତିରଞ୍ଜନ ରଥ ଏବଂ ତହସିଲଦାର ଶରତ ଶବର ମାଣ୍ଡିପଙ୍କା ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି । କେଉଁ ପରିସ୍ଥିତିରେ ମାଣ୍ଡିପଙ୍କାର ଏହି ମହିଳାମାନେ ଆମ୍ବ ଟାକୁଆ ଖାଇଲେ ସେ ନେଇ ତଦନ୍ତ ଆରମ୍ଭ ହୋଇଥିବା ବିଷୟ ବିଡିଓ ଶ୍ରୀ ରଥ କହିଛନ୍ତି । ପ୍ରକାଶ ଯେ, ଗତ ୨୯ ତାରିଖରେ ୬ଟି ପରିବାରର ୮ ଜଣ ଆମ୍ବ ଟାକୁଆକୁ ଜାଉ କରି ଖାଦ୍ୟ ଭାବେ ଖାଇଥିଲେ ଏବଂ ତାପରଦିନ ମଧ୍ୟ ଉକ୍ତ ବାସି ଆମ୍ବ ଟାକୁଆକୁ ପୁନର୍ବାର ଖାଇଥିଲେ । ଫଳରେ ଖାଦ୍ୟ ଖାଇବା ପରେ ସେମାନଙ୍କୁ ପ୍ରଥମେ ବାନ୍ତି ହୋଇଥିଲା । ସମସ୍ତ ଗୁରୁତରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରଥମେ ଗୁରୁତର ରମିତାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୬ ଜଣ ଗୁରୁତରଙ୍କୁ ବ୍ରହ୍ମପୁର ନେବା ସମୟରେ ରୁନୁଙ୍କ ବାଟରେ ମୃତ୍ୟୁ ହୋଇଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି । ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ବାରମ୍ବାର ଏପରି ଘଟଣା ଘଟୁଥିବା ସାମ୍ନାକୁ ଆସିଛି । ଦାରିଦ୍ର୍ୟ ଏବଂ ସଚେତନତା ଅଭାବରୁ ଲୋକମାନେ ଆମ୍ବ ଟାକୁଆକୁ ଜାଉ କରି ଖାଇବାକୁ ବାଧ୍ୟ ହେଉଛନ୍ତି । ଯାହାଫଳରେ ଏପରି ଘଟଣା ଘଟୁଛି ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

# ଅବ୍ୟବସ୍ଥା ଘେରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ:ରୋଗୀ ହନ୍ତସନ୍ତ

**ନରଣପୁର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ କିଛି ବି ଠିକ୍ ଚାଲୁ ନଥିବା ନେଇ ସୋସିଆଲ୍ ମିଡିଆରେ ବାରମ୍ବାର ଅଭିଯୋଗ ପରେ ଅଭଯୋଗ ହୋଇ ଆସୁଥିବା ବେଳେ ପ୍ରକୃତ ସ୍ଥିତିବି ବହୁତ ଦୟନୀୟ ଥିବା ଦେଖିବାକୁ ମିଳିଛି । କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତିଦିନ କ୍ଷମତା ଠାରୁ ଅଧିକ ରୋଗୀ ଆସୁଥିବା ବେଳେ ଅନେକ ଭୟଙ୍କର ରୋଗରେ ପୀଡିତ ହୋଇ ଆସିଥାନ୍ତି । ଏପରିକି ଅନେକ ଚାଲି ପାରୁନଥିବା ଅବସ୍ଥାରେ ଆସି ଆଡମିସନ୍ ହୋଇଥାନ୍ତି । କେନ୍ଦୁଝର ଜିଲ୍ଲାରେ ସେଥିପାଇଁ ସର୍ବାଧିକ ୯୨ଟି ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ହୋଇବି ଅନେକ ସମୟରେ ଆମ୍ବୁଲାନ୍ସର ଅଭାବ ପରିଲକ୍ଷିତ ହୋଇଥାଏ । ଏଠାରେ ରୋଗୀଙ୍କୁ ବିଭିନ୍ନ ୱାର୍ଡକୁ ନେବା ଆଣିବା ପାଇଁ ଲିଫ୍ଟର ବ୍ୟବସ୍ଥା ଜିଲ୍ଲା ଖଣିଜ ପାଣ୍ଠି ପକ୍ଷରୁ ଲଗାଯାଇଛି । ଏହି ଲିଫ୍ଟ ଗୁଡିକ ଦୀର୍ଘଦିନ ବନ୍ଦ ରହିବା ନେଇ ଅଭିଯୋଗ ହେବାପରେ ସେଗୁଡିକୁ କାର୍ଯ୍ୟକ୍ଷମ କରାଯାଇଛି । ହେଲେ ଏହି ଲିଫ୍ଟ ଗୁଡ଼ିକୁ ବିଭିନ୍ନ ସମୟରେ ଜାଣିଶୁଣି ବନ୍ଦ କରିଦିଆଯାଉଛି । ରାତି ଦଶଟା ପରେ ଲିଫ୍ଟ ଗୁଡିକୁ ବନ୍ଦ କରାଯାଉଥିବା ବେଳେ ଅନେକ ସମୟରେ ଏହାକୁ ଦିନବେଳେ ଓ ସନ୍ଧ୍ୟା ସମୟରେ ମଧ ବନ୍ଦ କରି ଦିଆଯାଉଛି । ଏ ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟିଙ୍କୁ ପଚାରିବାରେ ଏପରି ହେବା ଉଚିତ୍ ନୁହେଁ ବୋଲି ସେ କହିଛନ୍ତି । ତେବେ ଯଦି ଏ ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କିମ୍ବା ଡାକ୍ତରଖାନା ସୁପରିଟେଣ୍ଡେଣ୍ଟ କିଛି ଜାଣୁ ନାହାନ୍ତି ତେବେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ଷମ ଲିଫ୍ଟ ଗୁଡିକୁ ବିଭିନ୍ନ ସମୟରେ ବନ୍ଦ କରି ଦେଉଛି କିଏ ଓ




କାହା ନିର୍ଦ୍ଦେଶରେ ବନ୍ଦ କରାଯାଉଛି ସେ ନେଇ ତଦନ୍ତର ଆବଶ୍ୟକତା ରହୁଛି । ଜିଲା ଖଣିଜ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନିଯୁକ୍ତି ପାଇଥିବା ଏକାଧିକ ଡାକ୍ତରଖାନା ପରିଚାଳକ କରୁଛନ୍ତି କଣ ବୋଲି ଅନେକ ରୋଗୀଙ୍କ ସମ୍ପର୍କୀୟ ପ୍ରଶ୍ନ ଉଠାଇଛନ୍ତି । କେବଳ ଯେ ଲିଫ୍ଟ ତାହା ନୁହେଁ, ଡାକ୍ତରଖାନାରେ ବର୍ଣ୍ଣିଙ୍ଗ ୱାର୍ଡ ସହିତ ବିଭିନ୍ନ ୱାର୍ଡରେ ଏସି କାମ କରୁନାହିଁ । ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ପାଇଖାନା ସବୁ କାହିଁ କେତେ ଦିନରୁ ସଫା ହେଉନାହିଁ । ଏପରିକି ତା ଭିତର ଆବର୍ଜନାକୁ ଦୀର୍ଘଦିନ ଧରି ସଫା ନକରି କେଉଁ ଏକ କୋଣରେ ଜାକି ଦିଆଯାଉଛି । ଏସବୁ କିନ୍ତୁ ଡାକ୍ତରଖାନା ପରିଚାଳକ ମାନଙ୍କ ଦୃଷ୍ଟିରେ ପଡୁନାହିଁ କେମିତି ? ଏଠାରେ ନିୟୋଜିତ ଠିକା କର୍ମଚାରୀଙ୍କ ରୋଗୀ ଓ ସମ୍ପର୍କୀୟଙ୍କ ପ୍ରତି ବ୍ୟବହାର ଠିକ୍ ରହୁନଥିବା ନେଇ ମଧ ବିଭିନ୍ନ ସମୟରେ ଅଭିଯୋଗ ହେଉଛି । ଯଦି ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥା ଏତେ ରୁଗ୍ଣ ତେବେ ରୋଗୀ ଯିବେ କୁଆଡେ ଓ ଅଭିଯୋଗ କରିବେ କାହାକୁ ? ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଧରଣୀଧର ମେଡ଼ିକାଲ୍ କଲେଜ ଭିନ୍ନ ଭିନ୍ନ ସ୍ଥାନରେ ଥିବାରୁ ଅନେକ ସମୟରେ ଡାକ୍ତରଖାନା ପରିଚାଳକ ମାନେ ବାହାନା ଦେଖାଇ ନିଜ କାମରେ ବାହାରେ ବୁଲୁଥିବା ଅନେକ ସମୟରେ ଦେଖିବାକୁ ମିଳୁଛି । ଏସବୁ ବିଷୟରେ ଗୁରୁତ୍ୱର ସହ ବିଚାରକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ମେଡ଼ିକାଲ ସୁପରିଟେଣ୍ଡେଣ୍ଟ କେନ୍ଦୁଝର ଜିଲ୍ଲାବାସୀଙ୍କ ବୃହତ ସ୍ୱାର୍ଥକୁ ଆଖି ଆଗରେ ରଖି ପ୍ରକୃତ ତଦନ୍ତ କରି ତାହାର ସମାଧାନ କରାଯିବା ଉଚିତ୍ ତେବେ ଯାଇ ଏଠାକୁ ଆସୁଥିବା ରୋଗୀ ମାନେ ପ୍ରକୃତ ସେବା ପାଇପାରିବେ ଓ ଜିଲ୍ଲା ଖଣିଜ ପାଣ୍ଠିରୁ ଖର୍ଚ୍ଚ ହେଉଥିବା କୋଟି କୋଟି ଟଙ୍କାର ପ୍ରକୃତ ବିନିଯୋଗ ହୋଇପାରିବ ।

## ///// ଜିଲ୍ଲାରେ ୬୩ ପ୍ରତିଶତ ଆବାସ ନିର୍ମାଣ ଅସମ୍ପୂର୍ଣ୍ଣ /////

# ୮୪୩ ଜିଓ ଟ୍ୟାଗଡ ଅଫିସରଙ୍କ ଦରମା ବନ୍ଦ ନିର୍ଦ୍ଦେଶ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

୨୦୨୨ ମସିହା ସୁଦ୍ଧା ସମସ୍ତଙ୍କୁ ପକ୍କାଘର ମିଳିଯିବାର ପ୍ରତିଶୃତି ଦେଇ ୨୦୧୯ ନିର୍ବାଚନରେ ଉଭୟ କେନ୍ଦ୍ରର ବିଜେପି ଏବଂ ରାଜ୍ୟର ତତ୍କାଳୀନ ବିଜେଡ଼ି ସରକାର ନିର୍ବାଚନ ବୈତରଣୀ ପାର୍ ହୋଇଥିଲେ । ତେବେ ୨୦୨୪ ନିର୍ବାଚନ ପୂର୍ବରୁ ଆବାସ ଗୃହ ନିର୍ମାଣ ଲକ୍ଷ ପୂରଣ ହୋଇନଥିବାରୁ ତତ୍କାଳୀନ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ପରସ୍ପରକୁ ଦୋଷ ଦେଇ ନିଜ ନିଜ ମୁଣ୍ଡରୁ ଦୋଷ ହଟାଇବାକୁ ଚାହିଁଥିଲେ । ତେବେ ନିର୍ବାଚନର କିଛିମାସ ପୂର୍ବରୁ ରାଜ୍ୟସରକାର ମେଳା ଆୟୋଜନ କରି ଆବାସ ଯୋଜନାରେ ବାସ ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିବା ବେଳେ, ଅଦ୍ୟାବଧି ଜିଲ୍ଲାରେ ୬୩ ପ୍ରତିଶତ ଆବାସ ନିର୍ମାଣ ଅସମ୍ପୂର୍ଣ୍ଣ ରହିଥିବାର ଜଣାଯାଇଛି । ତେବେ ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାରେ ଗ୍ରାମୀଣ ଗୃହ ନିର୍ମାଣ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ୮୪୩ ଜିଓ ଟ୍ୟାଗଡ ଅଫିସରଙ୍କ ଦରମା ବନ୍ଦ କରାଯିବା ନେଇ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟ ବିଭାଗୀୟ ଚିଠି ନଂ. ୮୪୫୯ ତା ୨୮/୧୦/୨୪ ଅନୁଯାୟୀ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଦରମା ପ୍ରଦାନ ନକରିବାକୁ ଚିଠିରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ, ଜିଲ୍ଲାରେ ଗ୍ରାମୀଣ ଗୃହ ନିର୍ମାଣ କାର୍ଯ୍ୟରେ ୧୦୧୬ଜଣ ଅଫିସର ନିଯୁକ୍ତ ରହିଥିବା ବେଳେ, ସେମାନଙ୍କ ମଧ୍ୟରୁ ୧୭୩ଜଣ ସଠିକ୍ ଭାବେ କାର୍ଯ୍ୟ ସମ୍ପନ୍ନ କରିଛନ୍ତି ଏବଂ ଅବଶିଷ୍ଟ ୮୪୩ଜଣଙ୍କ କାର୍ଯ୍ୟ ସନ୍ତୋଷଜନକ ନୁହେଁ ବୋଲି ଜଣାପଡିଛି । ଟ୍ୟାଗଡ ଅଫିସର ମାନଙ୍କ କ୍ଷେତ୍ର ପରିଦର୍ଶନ ଏବଂ ନିରନ୍ତର ମନିଟରିଂ ଅଭାବରୁ ୬୩ ପ୍ରତିଶତ ଘର ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଫଳରେ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ । ନିର୍ମାଣାଧୀନ ଗୃହଗୁଡ଼ିକର କାର୍ଯ୍ୟ ସମାପ୍ତ ହେବାରେ ବିଳମ୍ବ ଦେଖାଯାଇଛି । ଏହାକୁ ନେଇ ଟ୍ୟାଗଡ ଅଫିସରଙ୍କ ଦରମାକୁ ଅକ୍ଟୋବର ୨୦୨୪ରୁ ବନ୍ଦ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପରେ ସେମାନଙ୍କ ଦରମା ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ଜିଲ୍ଲାରେ ନିର୍ମାଣ ହେଉଥିବା ଗୃହର ଜିଓ ଟ୍ୟାଗ ନିମନ୍ତେ ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର ଓ ପଞ୍ଚାୟତ ସମ୍ପ୍ରସାରଣ ଅଫିସର ମାନେ ନିୟୋଜିତ ଥିଲେ । ତେବେ ଗୃହ ନିର୍ମାଣ ଲକ୍ଷ୍ୟ ପୂରଣ ପାଇଁ ତଳିଆ ଅଧିକାରୀଙ୍କୁ ତାଗିଦ କରିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ମାତ୍ର ଗୃହ ନିର୍ମାଣ ବିଳମ୍ବ ହେବାର ଅନେକ କାରଣ ରହିଛି । ଗୃହ ନିର୍ମାଣ ସରଞ୍ଜାମ ବଜାର ଦର ବଢ଼ିଥିବା ବେଳେ, ଆବାସ ଗୃହ ନିର୍ମାଣ ପାଇଁ ମିଳୁଥିବା ସ୍ୱଳ୍ପ ଅର୍ଥରେ ସାଧାରଣ ଗରିବ ଖଟିଖିଆ ବର୍ଗର ହିତାଧିକାରୀ ମାନେ ଧାର୍ଯ୍ୟ ପ୍ଲାନ୍ ମୁତାବକ ବାସ ଗୃହ ନିର୍ମାଣ କରିପାରୁ ନାହାନ୍ତି । ଯଦିବି ବହୁ ହିତାଧିକାରୀ ଗୃହ ନିର୍ମାଣ ଆରମ୍ଭ କରି ଅଧାଅଧି କାମ କରିଛନ୍ତି ତାହା ସମାପ୍ତ କରିବାକୁ ଅର୍ଥ ଅକୁଳାଣ ହେଉଛି । ମଝିରେ ନିର୍ବାଚନ ପାଇଁ ଆଦର୍ଶ ଅଚରଣ ବିଧି ଲାଗି ଥିବାରୁ ଅନେକ ହିତାଧିକାରୀ ସଠିକ୍ ସମୟରେ ବିଲ୍ ପାଇପାରିନଥିଲେ । ପୁନଶ୍ଚ ନିର୍ବାଚନ ପରେ ବର୍ଷା ଦିନ ଥିବାରୁ ବାଲି, ଚିପ୍ସ ସହଜରେ ମିଳୁନଥିଲା । ଯଦିବି ମିଳୁଥିଲା ବେଶ୍ ଚଢ଼ା ଦରରେ ମିଳୁଥିଲା । ସ୍ୱଳ୍ପ ଅର୍ଥରେ ଚଢ଼ା ଦାମ୍‌ରେ ସରଞ୍ଜାମ କିଣି ଗରିବ ହିତାଧିକାରୀଙ୍କ ପକ୍ଷେ ବାସ ଗୃହ ନିର୍ମାଣ କରିବା ଦୁରୂହ ବ୍ୟାପାର ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଏଣୁ ଆବାସ ଯୋଜନାର ଗୃହ ନିର୍ମାଣ କାର୍ଯ୍ୟ ସରକାରୀ ବିଭାଗ ବା ଏଜେନ୍ସି ମାଧ୍ୟମରେ କରାଗଲେ ସରକାରଙ୍କ ଲକ୍ଷ ପୂରଣ ସହଜରେ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

# ଖାନନଗର ପାର୍କରେ ପୁନଃ ସ୍ଥାପନା ହେଲା ଭଜନ ସମ୍ରାଟ ଭିକାରୀ ବଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି



**କଟକ, ନ୍ୟୁଜ୍ ବ୍ୟୁରୋ**

ଭଜନ ସମ୍ରାଟ ଭିକାରୀ ବଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପୂର୍ବରୁ ଖାନନଗର ପାର୍କରେ ଅବସ୍ଥାପିତ ହୋଇଥିଲା । ନେତାଜୀ ବସ୍ ଟର୍ମିନାଲ୍‌ର ନିର୍ମାଣ ହେବା ଏବଂ ସମ୍ମୁଖ ରାସ୍ତା ୬ ଲେନ୍ ସମ୍ପ୍ରସାରଣ କାର୍ଯ୍ୟ ହେବା ଦ୍ୱାରା ସଂପୃକ୍ତ ପାର୍କ ଓ ଭଜନ ସମ୍ରାଟ ଭିକାରୀ ବଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା । ରାସ୍ତାକାମ ଚାଲିଥିବାରୁ ଦିର୍ଘଦିନ ଧରି ଏହି ପ୍ରତିମୂର୍ତ୍ତି ପୁନଃ ସ୍ଥାପିତ ହୋଇପାରିନଥିଲା । ଅପରାହ୍ନ ୪ଟା ସମୟରେ ଭଜନ ସମ୍ରାଟ ଭିକାରି ବଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି କଟକ ଖାନନଗର ପାର୍କ ପରିସରରେ ମେୟର ସୁବାସ ସିଂହ ଏବଂ ବିଧାୟକ ସୌଭିକ ବିଶ୍ୱାଳ ଓ କମିଶନର ଅନାମ ଚରଣ ପାତ୍ରଙ୍କ ଉପସ୍ଥିତିରେ ପୁନଃ ସ୍ଥାପନା ହୋଇଯାଇଛି । ସୂଚନାଯୋଗ୍ୟ ଯେ ଖୁବ୍‌ଶୀଘ୍ର-ଚଳିତ ମାସରେ କଟକ ମହାନଗର ନିଗମ ପକ୍ଷରୁ ୮୯ ଲକ୍ଷ ଟଙ୍କାର ଏକ ଟେଣ୍ଡର ପକ୍ରିୟା କରାଯାଇ ପାର୍କଟିକୁ ପୁନଃ ବ୍ୟବସ୍ଥିତ ଓ ସମ୍ପ୍ରସାରଣ ହେବାର ଯୋଜନା କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ, ବିଧାୟକ ସୌଭିକ ବିଶ୍ୱାଳ କମିଶନର ଅନାମ ଚରଣ ପାତ୍ର, ୱାର୍ଡ କମିଟି ଅଧକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, କର୍ପୋରେଟର ଗୋପାଳ ବେହେରା ନିର୍ବାହୀ ଯନ୍ତ୍ରୀ, ଭିକାରୀ ବଳ ସ୍ମୃତି କମିଟି ସମ୍ପାଦକ ସୁନାକର ରାଉତ, ଭିକାରୀ ବଳଙ୍କ ପୁତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବାଣ ବିସ୍ଫୋରଣରେ ଗୁରୁତରଙ୍କ ମୃତ୍ୟୁ

**କଟକ, ନ୍ୟୁଜ୍ ବ୍ୟୁରୋ**

ପୁରୀ ସଦର ଥାନା ଅନ୍ତର୍ଗତ ବାଟ ଗାଁରେ ବାଣ ବିସ୍ଫୋରଣରେ ଜଣେ ଯୁବକ ଗୁରୁତର ଆହତ ହୋଇ ଏସ୍‌ସିବି ମେଡିକାଲ୍‌ରେ ଭର୍ତ୍ତି ହୋଇଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି । ମୃତକ ବାଟ ଗାଁ ଅଞ୍ଚଳର ଯୁବକ ସଞ୍ଜୟ ଜେନା ବୋଲି ଜଣାପଡ଼ିଛି । ବାଣ ବିସ୍ଫୋରଣରେ ଜଣେ ମହିଳା ଓ ୨ ଜଣ ଯୁବକ ଆହତ ହୋଇଥିଲେ । ସମସ୍ତଙ୍କୁ ପ୍ରଥମେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ସଞ୍ଜୟ ଜେନାଙ୍କୁ କଟକ ଏସ୍‌ସିବି ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସକାଳେ ମୃତ୍ୟୁ ଘଟିଛି । ଅନ୍ୟ ୨ ଗୁରୁତର ଏବେ ଭୁବନେଶ୍ୱର ଏମ୍‌ସ୍‌ରେ ଚିକିତ୍ସିତ ହେଉଥିବା ସୂଚନା ରହିଛି ।



# ଦକ୍ଷିଣ କାଳୀ ମନ୍ଦିରରେ ଶ୍ୟାମାକାଳୀ ପୂଜା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଶକ୍ତିପୀଠ ଗରାପୁର ସ୍ଥିତ ଦକ୍ଷିଣ କାଳୀ ମନ୍ଦିରରେ ଶ୍ୟାମାକାଳୀ ପୂଜା ଓ ଭଜନ ସନ୍ଧ୍ୟା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମନ୍ଦିରକୁ ସାଜସଜ୍ଜା କରାଯିବା ସହ ପରମ୍ପରା ଅନୁଯାଇ ମଧ ରାତ୍ରରେ ଶ୍ୟାମାକାଳୀ ପୂଜା ଓ ଚଣ୍ଡୀଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶରଧାବାଲି ଭଜନ ସନ୍ଧ୍ୟା ପକ୍ଷରୁ ମନ୍ଦିର ପରିସରରେ ଭଜନ ପରିବେଷଣ କରାଯାଇଛି । କଣ୍ଠଶିଳ୍ପୀ ଶ୍ରୀବନ୍ତ ଜେନା, ଗୋଲେଖ କୁମାର, ଜିତେନ୍ଦ୍ର ନାୟକ, ପ୍ରିୟଙ୍କା ପତି, ସୌଭେନ୍ଦ୍ରୀ ଜେନା, ଅମୃତ ରଂଜନ ରାଉତ, ନାରାୟଣ କୁମାର ଓ ସଂଗମ ରାଉତ ପ୍ରମୁଖ କଳାକାରମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ ।

# ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ ଫଟୋ ପ୍ରଘଟ ମାମଲା ଥାନାରେ କ୍ଷମାପ୍ରାର୍ଥନା ପରେ ଜାମିନରେ ଗଲା ଅଭିଯୁକ୍ତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ ଫଟୋ ପ୍ରଘଟ ମାମଲାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଚନ୍ଦନ ଦାସ ବୁଧବାର ଖଣ୍ଡଗିରି ଥାନାରେ ହାଜର ହୋଇଥିଲା । ପୋଲିସର ପଚରାଉଚରା ପରେ ନିଜ ଭୁଲ୍ ସ୍ୱୀକାର କରିଥିଲା । ପରେ ଅଭିଯୋଗକାରୀଙ୍କୁ ଭୁଲ୍ ମାଗିବା ସହ ଥାନାରୁ ଜାମିନ୍‌ରେ ଯାଇଛି । ଭବିଷ୍ୟତରେ ଏଭଳି ଆଉ ଫଟୋ ପ୍ରଘଟ କରିବନାହିଁ ବୋଲି ଅଭିଯୁକ୍ତ ସର୍ତ୍ତ ଲେଖିଯାଇଛି । ଦୈନିକ ସମାଜ ଖବରକାଗଜର ଭୁବନେଶ୍ୱର ଶାଖା ସହ ପରିଚାଳକ ବିନାୟକ ଶତପଥୀଙ୍କ ଅଭିଯୋଗ ଆଧାରରେ ପୋଲିସ ଚନ୍ଦନ ଦାସ, ବନମାଳି ଦାସ ଓ ଦେବାଶିଷ ମିଶ୍ରଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଥାନାରେ ହାଜର ହେବା ଲାଗି ପୋଲିସର ନିର୍ଦ୍ଦେଶ ରହିଥିଲା । ବୁଧବାର ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ହାଜର ହୋଇଥିଲା । ଅଭିଯୋଗରୁ ପ୍ରକାଶ, ଗତ ୨୬ ତାରିଖ ଦିନ ଶ୍ରୀ ଶତପଥୀଙ୍କ ମୋବାଇଲ ଫୋନ ନମ୍ବର ୭୦୦୮୩୮୪୦୮୩ ହ୍ୱାଟ୍ସଆପ୍‌କୁ କିଛି ସାଙ୍ଗ ବ୍ୟକ୍ତିଗତ ଫଟୋ ପଠାଇଥିଲେ । ଏପରି ଆପତ୍ତିଜନ ଫଟୋକୁ ଅଭିଯୁକ୍ତମାନେ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିବା ଜାଣିବା ପରେ ସେ ଥାନା ଦ୍ୱାରସ୍ଥ ହୋଇଥିଲେ । ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାକୁ ଗୁରୁତର ସହ ଗ୍ରହଣ କରି ତଦନ୍ତ କରିଥିଲା । ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଚନ୍ଦନ ତାଙ୍କ ଫଟୋକୁ ପ୍ରଘଟ କରିଥିବା ସ୍ୱୀକାର କରିଥିଲା । ଅନ୍ୟପଟେ ଶ୍ରୀ ଶତପଥୀ ଥାନା ଦ୍ୱାରସ୍ଥ ହୋଇଥିବା ଜାଣିବା ପରେ ଅଭିଯୁକ୍ତ ତାଙ୍କ ଫଟୋକୁ ସାମାଜିକ ଗଣମାଧ୍ୟମରୁ ଡିଲିଟ୍ କରିଦେଇଥିଲେ ।

# ସମ୍ପର୍କୀୟ ପୁତୁରା ବିଧବା ଖୁଡ଼ିର ଲୁଟିନେଲା ସୁନା ଗହଣା

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ସମ୍ପର୍କୀୟ ପୁତୁରା ବିଧବା ଖୁଡିର ସୁନା ଗହଣା ଲୁଟି ନେବା ଭଳି ଏକ ବିଶ୍ୱାସ ଘାତକତା କାର୍ଯ୍ୟ କରି ପୋଲିସ ହାତରେ ଦୁଇ ମହିଳା ବନ୍ଧା ହୋଇଛନ୍ତି । ଘଟଣାଟି କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା କାଟିଙ୍ଗିଆ ଅଞ୍ଚଳରେ ଦେଖିବାକୁ ମିଳିଛି । ବିଧବା ବୃଦ୍ଧା ଇସ୍ତରା ଶୋଭା ସୁନ୍ଦର ନିଜ ସମ୍ପର୍କୀୟ ପୁତୁରା ଘରକୁ ଭଲ ମନ୍ଦ ବୁଝିବା ସହ ତାଙ୍କୁ ଭେଟିବା ପାଇଁ ଆସିଥିଲେ । ହେଲେ ସେହି ସମ୍ପର୍କୀୟ ମାନେ ବୃଦ୍ଧା ପିନ୍ଧିଥିବା ସୁନା ଗହଣା ଉପରେ ଲୋଭ ରଖିଥିଲେ । ପ୍ରାୟ ୨ ଶହ ୪୦ ଗ୍ରାମ ସୁନା ଗହଣାକୁ ଚୋରି କରିନେଲେ । ହେଲେ ପୋଲିସ ତଦନ୍ତ ବେଳେ ଜଣେ ଫେରାର୍ ହୋଇଯାଇଥିବା ବେଳେ ୨ ଜଣ ମହିଳାଙ୍କୁ କେଶ ନଂ. ୨୦୧/୨୪ ପ୍ରକାରେ ଗିରଫ କରାଯାଇଥିବା ବିଷୟ ଆଇଆଇସି ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଗିରଫ ୨ ଜଣ ହେଲେ ଅମିତା ନାୟକ ଏବଂ ମେନକା ସିଂ ବୋହୂଙ୍କୁ ଦେଖିବା ପାଇଁ ୨୮ ତାରିଖରେ ଦାରିଙ୍ଗବାଡ଼ି ଚାଲି ଆସିଥିଲେ । ତାଙ୍କ ଘରେ ରାତିରେ ରହିଥିଲେ । ସମସ୍ତେ ଖାଇ ପିଇ ଶୋଇପଡ଼ିଥିଲେ ମଧ ଅତିଥି ଭାବେ

**▶ ୨ ମହିଳା ଗିରଫ**
**▶ ଜଣେ ଫେରାର:ତଦନ୍ତ ଅବ୍ୟାହତ**

ଏଥିରେ ସମ୍ପୃକ୍ତ ସୁନୀଲ କୁମାର ସିଂ ଫେରାର୍ ହୋଇଥିବାରୁ ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି । ଚୋରି ଯାଇଥିବା ସମସ୍ତ ୨ ଶହ ୪୦ ଗ୍ରାମ୍ ସୁନାକୁ ପୋଲିସ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି, ଅଭିଯୋଗକାରୀଙ୍କ ଅଭିଯୋଗ ଅନୁଯାୟୀ, ସେ ନିଜ ଗାଁ କାଟିଙ୍ଗିଆ । ଅଞ୍ଚଳରୁ ପୁତୁରା ଓ ପୁତୁରା ଆସିଥିବା ବୃଦ୍ଧାଙ୍କ ସୁନା ଗହଣା ଉପରେ ନଜର ରଖିଥିବା ପୁତୁରା ଓ ପୁତୁରା ବୋହୂ ବୃଦ୍ଧା ଶୋଇ ପଡ଼ିବା ପରେ ଚୋରି କରି ନେଇଥିଲେ । ବୃଦ୍ଧା ଜଣକ ସକାଳୁ ନିଜେ ପିନ୍ଧିଥିବା ସୁନା ଗହଣା ନଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ ପରେ ଘଟଣା ସମ୍ପର୍କରେ ଅଭିଯୁକ୍ତମାନେ ମାନିଯାଇଥିଲେ ବୋଲି ପୋଲିସ ପ୍ରକାଶ କରିଛି ।



# ୨୫ରେ ବାରଙ୍ଗର ପ୍ରସିଦ୍ଧ କାର୍ତ୍ତିକେଶ୍ୱର ଭସାଣି

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ଅଞ୍ଚଳର ପ୍ରସିଦ୍ଧ କାର୍ତ୍ତିକେୟଙ୍କ ପୂଜା ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହେବାକୁଯାଉଛି । ଏହି ପୂଜା ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ନଭେମ୍ବର ୨୫ରେ ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ । ଚଳିତ ବର୍ଷ କାର୍ତ୍ତିକେୟଙ୍କର ୧୦ ଦିନ ବ୍ୟାପି ପୂଜା ହେବ । ଏହି କାର୍ତ୍ତିକେୟଙ୍କର ଭଷାଣୀ ଉତ୍ସବ ପାଇଁ କଟକ ଡିସିପି ଜଗମୋହନ ମୀନାଙ୍କ ଆହ୍ୱାନ କ୍ରମେ ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟି ଓ ପୋଲିସ ପ୍ରଶାସନ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡିସିପିଙ୍କ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା । ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଓଡ଼ିଶାର ପ୍ରସିଦ୍ଧ କଟକ ବାଲିଯାତ୍ରା ପରେ ପରେ ଅର୍ଥାତ ନଭେମ୍ବର ୨୫ ତାରିଖ ସୋମବାର ଦିନ ଐତିହାସିକ ବାରଙ୍ଗ କାର୍ତ୍ତିକେଶ୍ୱର ପୂଜାର ଭସାଣି ଉତ୍ସବ କରିବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ଉକ୍ତ ନିଷ୍ପତ୍ତିକୁ ଆଗାମୀ ବର୍ଷ ମାନଙ୍କରେ ଏହି ନିଷ୍ପତ୍ତିକୁ ସମସ୍ତ ପୂଜାକମିଟି ମାନିନେବେ । ଏହି ବୈଠକରେ ଡିସିପି ଜଗମୋହନ ମୀନା, ଅତିରିକ୍ତ ଡିସିପି ଦେବଦତ୍ତ କର, ଏସିପି ଉମାକାନ୍ତ ପ୍ରଧାନ, ବାରଙ୍ଗ ଥାନା ଅଧିକାରୀ ବିଶ୍ୱରଂଜନ ନାୟକ, ବାରଙ୍ଗ ଶାନ୍ତି କମିଟି ସମ୍ପାଦକ ସୁରେଶ ମହାନ୍ତି, ବିଜୟ କୁମାର ପଣ୍ଡା, ପବିତ୍ର ପ୍ରଧାନ, ସୌଭାଗ୍ୟ କୁମାର ସାହୁ, ରଞ୍ଜିତ ବିଷୋୟୀ କଟକ ମହାନଗର ପୂଜା କମିଟିର ସାଧାରଣ ସମ୍ପାଦକ ଏବଂ ଶାନ୍ତି କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଆସନ୍ତା ସୋମବାର ୪ ତାରିଖ ଦିନ ସନ୍ଧ୍ୟାରେ ବାରଙ୍ଗ ଥାନା ପରିସରରେ ବାରଙ୍ଗ ପ୍ରଶାସନ, ଶାନ୍ତି କମିଟି ଏବଂ ଅଞ୍ଚଳର ପୂଜା କମିଟି ମାନଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ ବୈଠକ ଅନୁଷ୍ଠିତ ହେବ ବୋଲି ଶାନ୍ତି କମିଟିର ସାଧାରଣ ସମ୍ପାଦକ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩।୧୧।୨୦୨୪, କାର୍ତ୍ତିକ ଦି୧୮ନ, ରବିବାର**

**ସୂର୍ଯ୍ୟୋଦୟ-** ଘ୫।୪୮।୫୪ **ଚନ୍ଦ୍ରୋଦୟ-** ପ୍ରାଘ ୭।୧୨।୧୨

**ଦ୍ୱିତୀୟା-** ରାଘ ୧୦।୦୬ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର ମଳ-** ପ୍ରାଘ ୫।୫୮ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ରାଘ ୧୦।୦୬ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୩୬ ଗତେ ଘ ୮।୫୨ ମଧ୍ୟେ । ଦିଘ ୧୨।୫୪ ଗତେ ଘ ୨।୫୨ ମଧ୍ୟେ ।
**ପର୍ବୋତ୍ସବ -** ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା, ଯମ ଦ୍ୱିତୀୟା ଭ୍ରାତୃ ଦ୍ୱିତୀୟା ।



**ମେଷ:** ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ । ଆୟର ପରିମାଣ ବଢ଼ିବ । ଦୂରଯାତ୍ରା କରି ସଫଳତା ପ୍ରାପ୍ତି ହେବ । ପାରିବାରିକ ଆନନ୍ଦ ଲାଭ କରିବେ । ଧନ କ୍ଷୟ ଯୋଗ । ମହିଳାମାନେ ସୁଖୀ ହେବେ ।



**ବୃଷ:** ଦୂରଯାତ୍ରା କରି ଆନନ୍ଦ ଅନୁଭବ କରିବେ । ବନ୍ଧୁ ସହଯୋଗ ମିଳିବ । ନୂତନ ସ୍ଥାନକୁ ଭ୍ରମଣରେ ଯାଇପାରନ୍ତି । ରୋଜଗାର ମଧ୍ୟମ ହେବ । ପାରିବାରିକ କଳହ ସୃଷ୍ଟି ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ ।



**ମିଥୁନ:** ମନରେ ଅହଂଭାବ ଆସିବ । ସହକର୍ମୀ ମାନଙ୍କ ସହିତ ମତାନ୍ତର ସୃଷ୍ଟି । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ମନରେ ବିରକ୍ତି ଆସିବ । ପରିବାରରେ ସୁଖ ଶାନ୍ତି ବଜାୟ ରହିବ । ଶୁଭ ଖବର ମିଳିବ ।



**କର୍କଟ:** ସଂଯମତା ରକ୍ଷା କରିବା ଉଚିତ୍ । କର୍ମକ୍ଷେତ୍ରରେ ବହୁ ଶ୍ରମର ସୂଚନା । ସମ୍ମାନ ଉପରେ ଆଞ୍ଚ ଆସିପାରେ । ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ । ଆୟ ପୂର୍ବପରି ରହିବ ।



**ସିଂହ:** ବହୁତ ପରିଶ୍ରମ କରିବାକୁ ପଡ଼ିବ । ମନରେ ଅଶାନ୍ତି ଲାଗିବ । କର୍ମକ୍ଳାନ୍ତି ଅନୁଭବ କରିବେ । ଆୟରେ ବାଧା ଉପୁଜିବ । କର୍ମହାନୀ ଯୋଗ । ଘରେ ଆନନ୍ଦ ଲାଭ କରିବେ । ଶରୀର ସୁସ୍ଥ ରହିବ । ମନ ଭଲ ରହିବ ।



**କନ୍ୟା:** ନୀତିନିଷ୍ଠ ଯୋଗୁ ଅନ୍ୟର ସମାଲୋଚିତ ହେବେ । ତଥାପି କର୍ତ୍ତବ୍ୟରେ ଅବିଚଳିତ ରହିବେ । ଆୟରେ ସ୍ଥିରତା ଆସିବ । ମନରେ ଆନନ୍ଦ ଲାଗି ରହିବ । ଘରେ ସୁଖ ଶାନ୍ତି ଲାଭ କରିବେ । ଦେବ ଦର୍ଶନର ସୁଯୋଗ ।



**ତୁଳା:** ଆଶା ରଖି କାର୍ଯ୍ୟ କଲେ ଭଲ ହେବ । ମନରେ ଶତ ସିଂହର ବଳ ଜାଗ୍ରତ ହେବ । ପ୍ରତୀକ୍ଷାରେ ସମୟ ବିତିପାରେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ କଳହର ସୂଚନା । ମନ ଅସ୍ଥିର ରହିବ ।



**ବିଛା:** ମନରେ ଶାନ୍ତି ଆସିବ । ନୂତନ କାର୍ଯ୍ୟକ୍ରମରେ ମନ ବଳାଇବେ । ଆୟରେ ଉନ୍ନତି ଆସିବ । ନୂତନ ଦ୍ରବ୍ୟ ପ୍ରାପ୍ତି ଯୋଗ । ପାରିବାରିକ ଆଶଙ୍କା ମଧ ରହିଛି । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ନୂଆ ବନ୍ଧୁ ଜୁଟିବେ ।



**ଧନୁ:** ଅତୀତ କର୍ମ ପାଇଁ ମନରେ ଅଶାନ୍ତି ଆସିପାରେ । କୌଣସି ସମୟରେ ମନସ୍ତାପ କରିପାରନ୍ତି । ଆୟରେ ବାଧା ଆସିବ । ଘରେ ସହଯୋଗ ପାଇବେ । ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ ।



**ମକର:** ପରୋପକାର କରି ପ୍ରଶଂସା ଲାଭ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିଲେ ବି ନୂନତ ଦ୍ରବ୍ୟ କ୍ରୟ କରିବେ । ବନ୍ଧୁ ସହଯୋଗ ମିଳିବ । ପରିବାରରେ ଅଶାନ୍ତି ଦେଖାଦେବ । ଶରୀର ସୁସ୍ଥ ରହିବ ।



**କୁମ୍ଭ:** ସାହାଯ୍ୟ ସହଯୋଗ ଲାଭ କରି ଆଗେଇ ଚାଲିବେ । କର୍ମପଥରେ ସାଫଲ୍ୟତା ଯୋଗ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ବ୍ୟୟ ଯୋଗ । ଶୁଭ ଖବର ପ୍ରାପ୍ତି ହେବ । ସତ୍ କର୍ମରେ ଲିପ୍ତ ରହିବେ ।



**ମୀନ:** ସାମାଜିକ କାର୍ଯ୍ୟ ବା ସାମୂହିକ ଆଧାତ୍ମିକ ପରିବେଶରେ ସମୟ ବିତିବ । ସତ୍‌ସଙ୍ଗ ଲାଭ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଦେହ ଓ ମନରେ ଶାନ୍ତି ଲାଭ ହେବ । ମୂଲ୍ୟବାନ ଦ୍ରବ୍ୟ ଲାଭ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୪।୧୧।୨୦୨୪, କାର୍ତ୍ତିକ ଦି୧୯ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୫।୪୯।୨୪ **ଚନ୍ଦ୍ରୋଦୟ-** ଦିଘ ୮।୦୭।୧୬

**ତୃତୀୟା-** ରାଘ ୧୧।୨୫ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ଦିଘ ୮।୦୪ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧୧।୨୫ ଗତେ ମୂଳା ଖାଇବା ନିଷେଧ । **ଆଜିର ଶୁଭବେଳା-** ପ୍ରାଘ ୫।୫୩ ଗତେ ଘ ୭।୧୭ ମଧ୍ୟେ । ଦିଘ ୮।୫୩ ଗତେ ଘ ୧୧।୦୫ ମଧ୍ୟେ ।

# ସେୟାର ମୂଲ୍ୟ ନିମ୍ନ ସ୍ତରକୁ ଖସିଲା

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କେବଳ ସାଧାରଣ ଲୋକଙ୍କ ଜୀବନକୁ ପ୍ରଭାବିତ କରୁନାହିଁ, କର୍ପୋରେଟ ଜଗତ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେଉଛି। ଷ୍ଟକ ବଜାରରେ ଯେଉଁ କମ୍ପାନିଗୁଡ଼ିକର ସେୟାର କାରବାର ହେଉଛି। ସେମାନେ ଗ୍ରୀଷ୍ମ ପ୍ରବାହ, ବାତ୍ୟା ଭଳି ଘଟଣାରେ ପ୍ରଭାବିତ ହେଉଛନ୍ତି। ଚଳିତ ବର୍ଷ ଜଳବାୟୁରେ ଏଲ୍-ନିନୋ ପ୍ରଭାବ ରହିବ ବୋଲି ଆଶଙ୍କା କରାଯାଉଥିବା ଖବର ବିଭିନ୍ନ କଂପାନିର ସେୟାର ଉପରେ ଚାପ ସୃଷ୍ଟି କଲାଣି। ବିଶେଷ କରି କୃଷି ଓ ଗ୍ରାମାଞ୍ଚଳ କ୍ଷେତ୍ରରେ କାରବାର କରୁଥିବା କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ଚାପରେ ରହିଛି।

ଗ୍ରୀଷ୍ମ ପ୍ରବାହ, ବାତ୍ୟା ଭଳି ଘଟଣା ପାଇଁ ଭାରତ ସମେତ ଏସିଆର ବିଭିନ୍ନ ଦେଶରେ କଂପାନିର ସେୟାର ମୂଲ୍ୟ ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଅଷ୍ଟ୍ରେଲିଆରେ ଏକ କଂପାନିର ଖଣି ବନ୍ଦ ରହିବାରୁ ତାହାର ସେୟାର ମୂଲ୍ୟ ଦୁଇ ବର୍ଷ ନିମ୍ନ ସ୍ତରକୁ ଖସିଆସିଛି। ସେଠାରେ ପ୍ରବଳ ବର୍ଷା ଓ ବନ୍ୟା ହେବାରୁ ଖଣି କାର୍ଯ୍ୟ ବନ୍ଦ କରିବାକୁ କଂପାନି ବାଧ ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କିଛି କଂପାନିର ସେୟାରକୁ ବଢ଼ାଇବାରେ ମଧ୍ୟ ସହାୟକ ହୋଇଛି।

ଭାରତରେ ଦ୍ରୁଟ ଉତ୍ପାଦନ ହ୍ରାସ ପାଇଥିବାରୁ ଦ୍ରୁଟଜାତ ଉତ୍ପାଦ କାରବାର କରୁଥିବା କଂପାନିଗୁଡ଼ିକର ସେୟାର ମୂଲ୍ୟ ବଢୁଛି । ଏଲ୍-ନିନୋ ପ୍ରଭାବ ରହିଲେ ଭାରତରେ ଟ୍ରାକ୍ଟର ଓ ଦୁଇଚକିଆ ଯାନ ବିକ୍ରି ପ୍ରଭାବିତ ହେବାର ଆଶଙ୍କା ରହିଛି। ଏସିଆର ଜଳବାୟୁରେ ହଠାତ୍ ଏଭଳି କିଛି ପରିବର୍ତ୍ତନ ଘଟୁଛି। ଯାହାକୁ ପୂର୍ବରୁ ଆକଳନ କରାଯାଇପାରୁନାହିଁ। ଅନେକ କମ୍ପାନି ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି। ସେମାନେ ଗୋଟିଏ ଯୋଜନା ରଖି କାମ କରୁଥିବା ବେଳେ ପାଣିପାଗ ପରିବର୍ତ୍ତନ ଓ ସେ ସମ୍ପର୍କିତ ବିଭିନ୍ନ ଘଟଣା ଯୋଗୁଁ ସମ୍ପୂର୍ଣ୍ଣ ଯୋଜନା ବିଫଳ ହେଉଛି। ତେଣୁ ବ୍ୟବସାୟ ରଣନୀତି ପ୍ରସ୍ତୁତ କରିବା ବେଳେ ଅତ୍ୟଧିକ ଜଳବାୟୁ ପରିବର୍ତ୍ତନ ସ୍ଥିତି ବିଚାରକୁ ନେବା ଲାଗି ବିଶେଷଜ୍ଞମାନେ କଂପାନିଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ବିଭିନ୍ନ କମ୍ପାନିର ସେୟାର ନିବେଶ କରୁଥିବା ନିବେଶକମାନେ ମଧ୍ୟ ନିଜ ରଣନୀତି ବଦଳାଇବା ଦରକାର ବୋଲି ବିଶେଷଜ୍ଞମାନେ କହୁଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)
(କ୍ରମଶଃ)

# କିମ୍ବଦନ୍ତୀ ମହିଳା ଅନ୍ନପୂର୍ଣ୍ଣା



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ଜଗତସିଂହପୁର,
ମୋ – ୯୯୩୭୧୫୧୦୫୨

ଭାରତର ମୁକ୍ତି ସଂଗ୍ରାମ କଥା ଉଠିଲେ ଓଡିଶାର ଏମିତି ଏକ ପରିବାର କଥା ଉଠେ ଯେଉଁ ପରିବାର ଦେଶକୁ ସ୍ୱାଧୀନ କରିବାଲାଗି ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇଥିଲେ । ସମ୍ଭ୍ରାନ୍ତପଣ ଓ ଜମିଦାରୀ ଥାଟକୁ ଆଡେଇ ଦେଇ ଏହି ପରିବାର ଦେଶର ସ୍ୱରାଜ୍ୟ ପାଇଁ ନିଜକୁ ଯେତିକି ସମର୍ପି ଦେଇଥିଲେ, ଓଡିଆ ସାହିତ୍ୟର ଅଭିବୃଦ୍ଧି ପାଇଁ ସେତିକି ସମର୍ପିତ ଥିଲେ । ଏହି ପରିବାର ହେଉଛି ଜଗତସିଂହପୁରର "ଚୌଧୁରୀ ପରିବାର" । ଚୌଧୁରୀ ପରିବାରର ବଡ ଝିଅ ଚୁନି ବା ଅନ୍ନପୂର୍ଣ୍ଣା ମହାରଣା । ଏକାଧାରରେ ସେ ଥିଲେ ବହୁପାଠୀ, ସଂଗ୍ରାମୀ, ଲେଖିକା ଓ ସମାଜସେବୀ । ପରବର୍ତ୍ତୀ କାଳରେ ସେ 'ଚୁନି ଅପା' ନାମରେ ପ୍ରସିଦ୍ଧ ଥିଲେ।

ଅନ୍ନପୂର୍ଣ୍ଣା ମହାରଣା ୧୯୧୭ ମସିହା ନଭେମ୍ବର ୩ ତାରିଖରେ କଟକର ବାଖରାବାଦଠାରେ ଜନ୍ମଗ୍ରହଣ କରିଥିଲେ। ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀଙ୍କର ସେ ଥିଲେ ପ୍ରିୟ କନ୍ୟା। ବାଲ୍ୟକାଳରୁ ଉଭୟ ବାପା ଓ ମା'ଙ୍କ ସଂଗ୍ରାମମୟ ଜୀବନର ଛିଟା ପଡିଥିଲା ତାଙ୍କ ଉପରେ। ସୌଭାଗ୍ୟକୁ ସେ ଏମିତି ଏକ ପରିବାରରେ ଜନ୍ମ ନେଇଥିଲେ ଯେଉଁଠି ପ୍ରବାହିତ ହେଉଥିଲା ସ୍ୱାଧୀନତା ସଂଗ୍ରାମର ଆବହାଓ୍ୱା। ପରବର୍ତ୍ତୀ ପର୍ଯ୍ୟାୟରେ ଦାଦା ତରି ଆଶ୍ରମର ସନ୍ଥ ନବକୃଷ୍ଣ ଚୌଧୁରୀ, ଖୁଡୀ ବିପ୍ଳବିନୀ ମାଳତୀ ଚୌଧୁରୀ, ଭାଇ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସାରଥୀ ମନମୋହନ ଚୌଧୁରୀ ଓ ବିବାହ ପରେ ସ୍ୱାମୀ ଶରତ ମହାରଣାଙ୍କ ଜୀବନାଦର୍ଶ ତାଙ୍କୁ ବହୁଭାବରେ ପ୍ରଭାବିତ କରିଥିଲା। ସେଇ ଆଦର୍ଶକୁ ପାଥେୟ କରି ସେ ନିଜକୁ ଜଣେ ମହୀୟସୀ ନାରୀ ନେତ୍ରୀ ରୂପେ ପ୍ରତିଷ୍ଠିତ କରିବାରେ ସଫଳ ହୋଇପାରିଥିଲେ।

ମାତ୍ର ୧୩ ବର୍ଷ ବୟସରେ ଜମିଦାରୀ ଆଭିଜାତ୍ୟ ପଛରେ ପକାଇ ବାନର ସେନା ଭାବେ ମାତୃଭୂମି ପାଇଁ ଲଢେଇରୁ ଆରମ୍ଭ ହୋଇଥିଲା ଅନ୍ନପୂର୍ଣ୍ଣାଙ୍କର ସଂଗ୍ରାମୀ ଜୀବନ। କୈଶୋର ଜୀବନର ଚପଳତା ବଦଳରେ ତାଙ୍କୁ କାରାଗାରର କଷ୍ଟ ସହ୍ୟ କରିବାକୁ ପଡିଥିଲା। ଆଉ ତାପରଠୁ ସେ ପଛକୁ ଫେରି ଚାହିଁନଥିଲେ। ତାପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ। ୧୯୩୪ ମସିହାରେ ଗାନ୍ଧିଜୀ ଆରମ୍ଭ କରିଥିବା ହରିଜନ ପଦଯାତ୍ରାର ସେ ସହଯୋଗୀ ଥିଲେ। ବରୀରେ ହରିଜନ ସେବା, ନିଶା ନିବାରଣ, ମୌଳିକ ଶିକ୍ଷା, ଖଦୀ, ଗ୍ରାମ ସଫେଇ ଭଳି ରଚନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୧୯୪୨ରେ ଭାରତଛାଡ ଆନ୍ଦୋଳନରେ ସାମିଲ ହେବା ସହିତ ମା' ରମାଦେବୀ ଓ ଖୁଡୀ ମାଳତୀ ଦେବୀଙ୍କ ସହିତ କୁଜଙ୍ଗରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ। ଏହି ସମୟରେ କଟକ ଓ ଯାଜପୁର ଜେଲରେ କଟିଥିଲା ଦୁଇବର୍ଷ ତିନିମାସ। ଚମ୍ବଲ ଉପତ୍ୟକାରେ ମଧ୍ୟ ତାଙ୍କର କଟିଥିଲା ଏକ ମାସ। ଏଥିସହିତ ଗାନ୍ଧିଜୀଙ୍କ ଡାକରାରେ ପୁରୀ ଜିଲ୍ଲାର ବୀର ନରସିଂହପୁର ଓ କଟକରେ ଖଦୀକାମ ଓ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟ କରିଥିଲେ।

ସେବାରେ ସେ ସର୍ବଦା ଆଗରେ ଥିଲେ। କେଉଁଠି କଣ ହେଲେ ତାଙ୍କୁ ଡାକିବାକୁ ପଡୁନଥିଲା। ସେ ଆପେ ଆପେ ସେଠାରେ ହାଜର ହୋଇଯାଉଥିଲେ। ବରୀ ଓ କଳାମାଟିଆ ଇଂରେଜ ବିରୋଧୀ ସଭାରେ ପୁଲିସ୍ ଆଖିବୁଜା ଗୁଳିରେ ଶିକାର ଆହତ ମାନଙ୍କର ସେବା କରିଥିଲେ। ଅନ୍ନପୂର୍ଣ୍ଣା ଏହି ସେବା ଭିତରେ ଗୁଳି ଆଗରେ ନିଜର ଛାତି ପାତିଦେଇଥିଲେ। ୧୯୬୬ ମସିହାରେ କଳାହାଣ୍ଡି ଦୁର୍ଭିକ୍ଷ, ୧୯୬୯ ମସିହାରେ ପ୍ରଳୟଙ୍କରୀ ବନ୍ୟା, ୧୯୯୯ ମସିହାରେ ମହାବାତ୍ୟାରେ ସର୍ବୋଦୟ ରିଲିଫ୍ କମିଟି ମାଧ୍ୟମରେ ନିଜକୁ ସଂପୂର୍ଣ୍ଣ ନିୟୋଜିତ କରିଥିଲେ। ୧୯୬୪ ମସିହାରେ ରାଉରକେଲାଠାରେ ହୋଇଥିବା ସାଂପ୍ରଦାୟିକ ଦଙ୍ଗା ପ୍ରଶମନରେ ଅନ୍ନପୂର୍ଣ୍ଣା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ୧୯୬୪ ମସିହାର ଐତିହାସିକ ଛାତ୍ର ଆନ୍ଦୋଳନ ଓ ଡାକ୍ତରୀ ଛାତ୍ର ଆନ୍ଦୋଳନର ସମାଧାନ କ୍ଷେତ୍ରରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ୧୯୭୧ ମସିହାରେ ବାଙ୍ଗଲାଦେଶ ମୁକ୍ତି ଆନ୍ଦୋଳନ ସମୟରେ ଅନ୍ନପୂର୍ଣ୍ଣା ବାଙ୍ଗଲାଦେଶ ସୀମାରେ କାର୍ଯ୍ୟ କରିଥିଲେ। ଚମ୍ବଲ ଦସ୍ୟୁମାନଙ୍କ ସହିତ ରହି ୧୯୭୨ ମସିହାରେ ସେମାନଙ୍କୁ ଆତ୍ମ ସମର୍ପଣ ପାଇଁ ପ୍ରବର୍ତ୍ତାଇ ଥିଲେ ଓ ସେମାନେ ତାଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଜୟପ୍ରକାଶଙ୍କ ନିକଟରେ ଆତ୍ମ ସମର୍ପଣ କରିଥିଲେ।

ଆଦିବାସୀ ପିଲାଏ ଶିକ୍ଷିତ ହୋଇ ନିଜ ଜାତିକୁ ଶିକ୍ଷିତ କରାଇବେ। ଏହାଦ୍ୱାରା ସମାଜର ମଙ୍ଗଳ ହେବ ବୋଲି ଏହି କଥା ମର୍ମେ ମର୍ମେ ଅନୁଭବ କରିଥିଲେ ଅନ୍ନପୂର୍ଣ୍ଣା। ସେଥିପାଇଁ ରାୟଗଡା ନିକଟସ୍ଥ ଗୋପାଳବାଡିଠାରେ ଆଦିବାସୀ ଛାତ୍ରୀନିବାସ ଆରମ୍ଭ କରି ତାର ପରିଚାଳନା ଦାୟିତ୍ୱ ନେଇଥିଲେ ସେ। ସେଇ ବିଦ୍ୟାଳୟଟି ଆଜିବି ଅବିଭକ୍ତ କୋରାପୁଟ ଜିଲ୍ଲାର ଶିକ୍ଷା ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହୋଇ ରହିଛି। ଏହି ବିଦ୍ୟାଳୟ ଏବେ ବିରାଟ ଅନୁଷ୍ଠାନ ଭାବେ ଉଭା ହୋଇଛି। ଏହା ପଛରେ ରହିଛି ଅନ୍ନପୂର୍ଣ୍ଣା ମହାରଣାଙ୍କ ନିରବଚ୍ଛିନ୍ନ ସାଧନା ଓ ପ୍ରଚେଷ୍ଟାର ଫଳଶ୍ରୁତି। ସର୍ବୋଦୟ, ଭୂଦାନ ଓ ସମାଜ ସେବାରେ ନିଜକୁ ସମର୍ପିତ କରି ୧୯୫୦ ମସିହାରେ ଅନୁଗୁଳ, ୧୯୫୫ ମସିହାରେ ପୁରୀ ଓ ୨୦୦୩ ମସିହାରେ କଟକରେ ଅନୁଷ୍ଠିତ ଅଖିଳ ଭାରତୀୟ ସର୍ବୋଦୟ ସମ୍ମଳନୀର ମୁଖ୍ୟ ଭୂମିକାରେ ରହିଥିଲେ। ବିଶେଷ କରି ସମାଜର ପଛୁଆବର୍ଗ, ମହିଳା ଓ ଆଦିବାସୀଙ୍କ ସେବାରେ ନିଜକୁ ନିୟୋଜିତ କରି ସେ ଆମମାନଙ୍କ ପାଇଁ ଉଦାହରଣ ହୋଇଯାଇଛନ୍ତି।

ସୃଜନଶୀଳତା କ୍ଷେତ୍ରରେ ମଧ୍ୟ ନିଜର ସ୍ୱତନ୍ତ୍ର ସ୍ୱାକ୍ଷର ଛାଡି ଯାଇଛନ୍ତି, ଅନ୍ନପୂର୍ଣ୍ଣା। କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା ନଥିଲେ ବି ସେହି ଅନୁଭବରୁ ଲେଖିଥିଲେ ପୁସ୍ତକ 'ଦସ୍ୟୁ ହୃଦୟରେ ଦେବତା'। ତାଙ୍କ ଜୀବନ ବ୍ୟାପୀ ଅନୁଭବରୁ ସୃଷ୍ଟି ହୋଇଥିଲା ଅମୃତ ଅନୁଭବ। ଏହା କେବଳ ତାଙ୍କ ଜୀବନ କାହାଣୀ ନୁହେଁ ଓଡିଶା ତଥା ଭାରତରେ ହୋଇଥିବା ଆଇନ ଅମାନ୍ୟ ଆନ୍ଦୋଳନ, ଭାରତଛାଡ ଆନ୍ଦୋଳନଠାରୁ ଆରମ୍ଭ କରି ଭୂଦାନ, ନିଶାନିବାରଣ ଆନ୍ଦୋଳନର ଏକ ଚମତ୍କାର ଅଙ୍ଗେନିଭା ଦଲିଲ୍। ତାଛଡା ଗୀତା ପ୍ରବଚନ, ଭାଗବତ ଧର୍ମସାର, ସ୍ଥିତପ୍ରଜ୍ଞ ଦର୍ଶନ, ନାରୀଶକ୍ତି, ସପ୍ତ ଶକ୍ତି, ଶିକ୍ଷା ତତ୍ତ୍ୱ, ଆଚାର୍ଯ୍ୟକୁଳ, ରାଷ୍ଟ୍ରୀୟ ଯୋଜନାର ମୂଳକଥା, ଶାନ୍ତି ସେନା, କାରାଗାର କାହାଣୀ, ଦକ୍ଷିଣ ଆଫ୍ରିକା ସତ୍ୟାଗ୍ରହ, ହିନ୍ଦ ସ୍ୱରାଜ, ଅନାସକ୍ତି ଯୋଗ ଭଳି ବହୁ ମୂଲ୍ୟବାନ ପୁସ୍ତକ ରଚନାକରିଛନ୍ତି।

ଜୀବନବ୍ୟାପୀ ସାଧନା ଓ ତ୍ୟାଗ ପାଇଁ ଅନ୍ନପୂର୍ଣ୍ଣାଙ୍କୁ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଓ କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ଅନ୍ନପୂର୍ଣ୍ଣାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ନିଜର ଆତ୍ମଜୀବନୀ 'ଅମୃତ ଅନୁଭବ' ପାଇଁ ସେ ପାଇଥିଲେ ସାରଳା ପୁରସ୍କାର। ଏଥି-ସହିତ ତାଙ୍କୁ ପ୍ରାଣନାଥ ସମ୍ମାନ, ଉତ୍କଳ ରତ୍ନ, ହେମଲତା ସମ୍ମାନ, ଆନ୍ତର୍ଜାତୀୟ ରୋଟାରୀ ସମ୍ମାନ, ଦିୱାଲି ବେନ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଆଜୀବନ ସେବିକା ସମ୍ମାନ, ରାଧାନାଥ ରଥ ଫାଉଣ୍ଡେସନ୍ ସମ୍ମାନ ଭଳି ଅନେକ ସମ୍ମାନ ତାଙ୍କୁ ମିଳିଥିଲା। ସର୍ବୋପରି ସ୍ୱାଧୀନତା ସଂଗ୍ରାମୀ ଭାବେ ସେ ରାଷ୍ଟ୍ରପତିଙ୍କ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। ଅନ୍ନପୂର୍ଣ୍ଣା ମହାରଣା ଆଜି ଆମ ଗହଣରେ ନାହାଁନ୍ତି। ୨୦୧୨ ମସିହା ଡିସେମ୍ବର ୩୧ ତାରିଖ ଦିନ ସେ ଚାଲି ଯାଇଛନ୍ତି ଅଫେରା ରାଇଜକୁ । ଚୌଧୁରୀ ପରିବାରରେ ଜନ୍ମ ନେଇଥିବା ଅନ୍ନପୂର୍ଣ୍ଣା ନାରୀ ଜାତିର ବିଭବ। ଗାନ୍ଧୀ ଯୁଗର ଶେଷ ଦିପଶିଖା "ଚୁନି ଅପା" ଓଡିଆ ଜାତିର ଚିରନମସ୍ୟା । ସେ ଆମ ପାଇଁ ଅପାଶୋରା ହୋଇ ରହିବେ।

# ରଙ୍ଗ, ଆଲୁଅରେ ଭରା ଜୀବନ



ମନୋରଞ୍ଜନ ମହାନ୍ତି
ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୭୨

ଆମ ଚାରିପଟର ନେଚର୍ ବା ପ୍ରକୃତିରେ କ୍ଲୋରୋଫିଲ୍ ଅର୍ଥାତ୍ ସବୁଜ ଉପାଦାନ ଓ ଅନ୍ୟ ସମସ୍ତ ରଙ୍ଗମୟ ଉଜ୍ଜ୍ୱଳ ଉପାଦାନ ଆଲୋକ ଦ୍ୱାରା ସଂଶ୍ଳେଷିତ ହୋଇଥାଏ । ଆଲୋକ ଆମ ବଗିଚା, ଜଙ୍ଗଲ, ଚାଷକ୍ଷେତ, ଘାସପଡ଼ିଆ ସମେତ ନାଳ, ନଦୀ, ହ୍ରଦ, ସମୁଦ୍ର, ମହାସମୁଦ୍ର ସବୁଠି ତା'ର ସଶକ୍ତ ପ୍ରଭାବ ବିସ୍ତାର କରେ । ଆଲୋକରଶ୍ମିରେ ସୌନ୍ଦର୍ଯ୍ୟ ଥାଏ । ଫଟୋସିନ୍ଥେସିସ୍ ବା ଆଲୋକସଂଶ୍ଳେଷଣ ଦ୍ୱାରା ସୌନ୍ଦର୍ଯ୍ୟ ବିକଶିତ ହୁଏ, ଫୁଲଗୁଡ଼ିକ ଭିନ୍ନ ଭିନ୍ନ ରଙ୍ଗ ଓ ଉଜ୍ଜ୍ୱଳତା ପ୍ରକଟ କରି ପରାଗସଂଗମ (ପଲିନେସନ୍) ସୃଷ୍ଟିକାରୀ କୀଟପତଙ୍ଗମାନଙ୍କୁ ଆକର୍ଷିତ କରନ୍ତି । ଆଲୋକସଂଶ୍ଳେଷଣ ସହିତ ସୌନ୍ଦର୍ଯ୍ୟର ସଂଶ୍ଳେଷଣ ଆରମ୍ଭ ହୋଇଥାଏ । ତେଣୁ କୁହାଯାଏ, ସୌନ୍ଦର୍ଯ୍ୟ ହେଉଛି ଏକ ସଙ୍ଗୀତ, ଯାହାକୁ ସୂର୍ଯ୍ୟଦେବ ଆଲୋକସଂଶ୍ଳେଷଣ ଜରିଆରେ ପୃଥିବୀ ପାଇଁ ଗାନ କରନ୍ତି । ଜୀବଜଗତର ସମଗ୍ର ଜୀବନ ସୁନ୍ଦର, ଯେହେତୁ ଆଲୋକର ଭୂମି ଉପରେ ଜୀବନ ଗଢ଼ାହୋଇଥାଏ ।

ୱିଲିଅମ୍ ୱାର୍ଡ୍‌ସ୍‌ୱାର୍ଥ୍ ବାଦଲ, ଉପତ୍ୟକା, ପାହାଡ଼, ହ୍ରଦ, ଗଛର ରଙ୍ଗ ସହିତ ଡାଫୋଡିଲ୍‌ଗୁଡ଼ିକର ସୁନାରଙ୍ଗକୁ ଦେଖି ବିମୋହିତ ହୋଇଛନ୍ତି । ତାଙ୍କ ମତରେ ଯେଉଁ ହୃଦୟ ନେଚର୍ ବା ପ୍ରକୃତିକୁ ଭଲ ପାଏ, ନେଚର୍ କେବେ ତା' ପ୍ରତି ବିଶ୍ୱାସଘାତକତା କରେ ନାହିଁ। ମହାତ୍ମାଗାନ୍ଧିଙ୍କ ବିଚାରରେ ବୃକ୍ଷ-ଉପାସନା ହେଉଛି ମଣିଷର ସୌନ୍ଦର୍ଯ୍ୟବୋଧ ଓ ସମଗ୍ର ଉଦ୍ଭିଦ-ଜଗତ ପ୍ରତି ତା'ର ସତ୍ ଶ୍ରଦ୍ଧା ଓ ସମ୍ମାନର ପ୍ରତୀକ । ତାଙ୍କୁ ବୋଧ ହୋଇଛି, ସତେ ଯେପରି ଗଛଗୁଡ଼ିକ ନିୟୁତଜିହ୍ୱ ହୋଇ ଈଶ୍ୱରଙ୍କ ଗୌରବ ଗରିମାକୁ ଘୋଷଣା କରୁଛନ୍ତି । ଆମେରିକାର ଖ୍ରୀଷ୍ଟିୟ ପ୍ରତିଷ୍ଠାତା ଜନକ ଟମାସ୍ ଜେଫର୍‌ସନ୍ ଓ ବେଞ୍ଜାମିନ୍ ଫ୍ରାଙ୍କ୍‌ଲିନ୍ କହନ୍ତି ଯେ ନେଚର୍‌କୁ ନିରୀକ୍ଷଣ କରିବା ହେଉଛି ଜଣେ ପରମ ପୁରୁଷ ବା ସ୍ରଷ୍ଟାଙ୍କର ଅସ୍ତିତ୍ୱକୁ ବିଚାର କରିବା ପାଇଁ ଯଥେଷ୍ଟ। ବେଲ୍‌ଜିୟମ୍‌ର କ୍ୟାଥୋଲିକ୍ ଧର୍ମପ୍ରଚାରକ, ପଦାର୍ଥବିଜ୍ଞାନୀ ଜର୍ଜେସ୍ ଲିମାଇଟର୍ ସର୍ବପ୍ରଥମେ ମତବ୍ୟକ୍ତ କଲେ ଯେ ବିଶ୍ୱବ୍ରହ୍ମାଣ୍ଡର କ୍ରମ ପ୍ରସାରଣ ହେଉଛି, ଯାହାକୁ ପରବର୍ତ୍ତୀ ସମୟରେ 'ବିଗ୍‌ବ୍ୟାଙ୍ଗ୍ ଥିଓରି'ର ପ୍ରବକ୍ତା ବିଜ୍ଞାନୀମାନେ ଆଇନ୍‌ଷ୍ଟାଇନ୍‌ଙ୍କ ଗବେଷଣା ଆଧାରରେ ସ୍ୱୀକାର କଲେ । ତେବେ କବି, ଅଧ୍ୟାତ୍ମବାଦୀ, ଧର୍ମଜ୍ଞ, ଜ୍ଞାନୀ, ବିଜ୍ଞାନୀ ଯେ କେହି ହୁଅନ୍ତୁ ସମସ୍ତେ ଅଗ୍ନି, ପୃଥିବୀ, ଆକାଶର ରଙ୍ଗ, ଆଲୁଅକୁ ଦେଖି ସାତ୍ତ୍ୱିକ, ସର୍ଜନାତ୍ମକ ଚିନ୍ତାର ଗଭୀରତାରେ ବୁଡ଼ିରହିଛନ୍ତି ।

ସୁଫି, ମୁସ୍‌ଲିମ୍ ଅଧ୍ୟାତ୍ମବାଦୀମାନେ ହୋଲି, ଦିୱାଲି ପାଳନ କରିବା ମୂଳରେ ଥିଲା ରଙ୍ଗ, ଆଲୁଅର ଆକର୍ଷଣ । ତାଙ୍କ ମତରେ ହୋଲି ଜୀବନ-ରଙ୍ଗର ଓ ଦିୱାଲି ଅନ୍ତଃସ୍ଥ ଆଲୋକର ପ୍ରତୀକ (ଜସ୍ନ-ଇ-ରଖ୍‌ଶନ୍ଦ-ଇ-ସଫାୟ) । ସମସ୍ତ ଫାର୍ଶୀ ଅଧ୍ୟାତ୍ମବାଦୀଙ୍କର ଉପମହାଦେଶୀୟ ଧର୍ମଧାରା ଓ ହିନ୍ଦୁ ପରମ୍ପରା, ପର୍ବପର୍ବାଣି ସମ୍ବନ୍ଧରେ ଜ୍ଞାନ ରହିଥିଲା। ଅମୀର ଖୁସ୍ରୁ ଓ ସୟଦ୍ ବନ୍ଦା ନୱାଜ୍ ଗେସୁ ଦରାଯ୍‌ଙ୍କ ଭଳି ଅଧ୍ୟାତ୍ମବାଦୀମାନେ ସେମାନଙ୍କ ଶିଷ୍ୟମାନଙ୍କ ସହିତ ହିନ୍ଦୁ ପର୍ବପର୍ବାଣିରେ ଯୋଗଦେଉଥିଲେ । ଅମୀର ଖୁସ୍ରୁ ଏକ ଫାର୍ଶୀ ସଙ୍ଗୀତରେ ଲେଖିଛନ୍ତି, 'ହୋଲିର ରଙ୍ଗ ସମାରୋହରେ ମୁଁ ଦିବ୍ୟାନନ୍ଦ ଅନୁଭବ କରୁଛି ।' ଇରାନ୍‌ର ଅନ୍‌ୱରି 'ପହଲଭି'ରେ କହିଛନ୍ତି, 'ହୋଲିର ରଙ୍ଗ ଜୀବନର ବିବିଧତାକୁ ପ୍ରକଟ କରୁଛି ।' ଜ୍ୟାକ୍ ୱାର୍ଡେନ୍‌ବର୍ଗ୍ ତାଙ୍କର 'ମୁସ୍‌ଲିମ୍ ପରସେପ୍‌ସନ୍ସ ଅଫ୍ ଅଦର୍ ରିଲିଜିଅନ୍ସ : ଏ ହିଷ୍ଟୋରିକାଲ୍ ସର୍ଭେ' ବହିରେ ଲେଖିଛନ୍ତି, 'ଇରାନ୍‌ର ଅଧ୍ୟାତ୍ମବାଦୀମାନେ ଶିଷ୍ୟମାନଙ୍କୁ ବିଭିନ୍ନ ରଙ୍ଗର ପୋଷାକ ପିନ୍ଧିବାକୁ ଉତ୍ସାହିତ କରୁଥିଲେ ।' ସେମାନଙ୍କ ଦୃଷ୍ଟିରେ ହଳଦୀ ରଙ୍ଗ ପ୍ରାଚୁର୍ଯ୍ୟ, ଔଜ୍ଜ୍ୱଲ୍ୟର ଓ ଗୋଲାପି ଆଗ୍ରହାତିଶଯ୍ୟର ପ୍ରତୀକ । ଫରିଦୁଦ୍ଦିନ୍ ଅତ୍ତାରଙ୍କ ମତରେ, ହୋଲି ହେଉଛି ପାର୍ଥିବ ଓ ଅପାର୍ଥିବ ଆନନ୍ଦର ପ୍ରାଚ୍ୟ ପ୍ରକଟନ । ରବୟା ବାସ୍ରି ନିଜ ନିରାଡ଼ମ୍ବର ଘରର ଦ୍ୱାରଟିକୁ ବିଭିନ୍ନ ରଙ୍ଗର ଫୁଲରେ ସଜାଉଥିଲେ ଓ ଥରେ ଜଣେ ଶିଷ୍ୟ ଅଲ୍ ଘୟୁମ୍‌ଙ୍କ ନିକଟକୁ ଲେଖିଥିଲେ, 'ଯେ ପର୍ଯ୍ୟନ୍ତ ପୃଥିବୀରେ ରଙ୍ଗ ଅଛି, ସେଯାଏଁ ଜୀବନ ବୃଥା ହେବ ନାହିଁ ।' ରଙ୍ଗମୟତା ଜୀବନର ଧାରାବାହିକତାର ପ୍ରତୀକ ।

ସୁଫି ସନ୍ଥ ଜଲାଲୁଦ୍ଦିନ୍ ରୁମିଙ୍କ ମତରେ, ବିବିଧ ରଙ୍ଗ ମାଧ୍ୟମରେ ଆଲୋକକୁ ଅନୁଭବ କରିହେବ, ବିଶ୍ୱବ୍ରହ୍ମାଣ୍ଡର ଆଲୋକ, ମଣିଷ-ହୃଦୟର ଅନ୍ତଃସ୍ଥ ଆଲୋକ, ଉଭୟକୁ । ଷ୍ଟାନ୍‌ଫୋର୍ଡ୍ ବିଶ୍ୱବିଦ୍ୟାଳୟରେ 'ପ୍ରାଚୀନ ବିଜ୍ଞାନ ଓ ଲୋକଜ୍ଞାନର ଇତିହାସ' ସମ୍ପର୍କରେ ଗବେଷଣା କରିଥିବା ଆଡ୍ରିଏନ୍ନି ମେୟର୍ ତାଙ୍କର 'ଗଡ୍ସ ଆଣ୍ଡ୍ ରୋବଟ୍ସ : ମିଥ୍ସ, ମେସିନ୍ସ ଆଣ୍ଡ୍ ଆନ୍‌ସିଏଣ୍ଟ୍ ଡ୍ରିମ୍ସ ଅଫ୍ ଟେକ୍ନୋଲୋଜି' ବହିରେ ଲେଖିଛନ୍ତି ଯେ ପ୍ରାଚୀନ କାଳରେ ଭାରତୀୟମାନେ ତୈଳଦୀପ (ଅଏଲ୍ ଲ୍ୟାମ୍ପ) ଜଳାଇବାର ପରମ୍ପରାରୁ ସୂଚନା ମିଳୁଛି ସେମାନଙ୍କର 'ନାଫ୍‌ଥା' ସମ୍ବନ୍ଧୀୟ ଜ୍ଞାନ ରହିଥିଲା ଯାହା ବହୁ ବର୍ଷ ପର୍ଯ୍ୟନ୍ତ ଗ୍ରୀକ୍ ଓ ରୋମାନ୍‌ମାନଙ୍କର ନଥିଲା । ଏବେବି ସେହି ପରମ୍ପରା ଅବ୍ୟାହତ ରହିଛି । ଦିୱାଲି ରାତିରେ ରାଶି, ଜଡ଼ା ତେଲରେ ଦୀପ ଜଳାଉଥିବା ଭାରତୀୟ ବିଶ୍ୱାସ ରଖିଥାଏ ଯେ ଜ୍ଞାନର ଆଲୁଅରେ ଅଜ୍ଞାନତାର ଅନ୍ଧାର, ଐଶ୍ୱରିକତାର ଆଲୁଅରେ ଆସୁରିକତାର ଅନ୍ଧାର ଦୂର ହୋଇଯିବ, ତେଣୁ ପ୍ରାର୍ଥନା କରୁଥାଏ ପରମ ପୁରୁଷଙ୍କୁ, 'ମତେ ଐଶ୍ୱରିକ ଜ୍ଞାନ ପ୍ରଦାନ କର ପ୍ରଭୁ, ଯେଉଁ ଜ୍ଞାନ ମୋର ମନୋଭୂମିକୁ ସୃଜନଶୀଳତାର ଆଲୋକରେ ଆଲୋକିତ କରିବ, ମୋ ଜୀବନର ଯାତ୍ରାପଥକୁ ସାତ୍ତ୍ୱିକତାର ରଙ୍ଗରେ ରଞ୍ଜିତ କରିବ ।'

ଜାପାନ୍‌ର ସାକୁମା ଶୋଯାନ୍ ପ୍ରାଚ୍ୟର ନୈତିକ, ଆଧ୍ୟାତ୍ମିକ ଦର୍ଶନ ସହିତ ପାଶ୍ଚାତ୍ୟର ବୈଜ୍ଞାନିକ, ଯାନ୍ତ୍ରିକ କୌଶଳର ତୁଳନାତ୍ମକ ଅଧ୍ୟୟନ କରି ପହଞ୍ଚିଥିବା ସିଦ୍ଧାନ୍ତରେ ପାଶ୍ଚାତ୍ୟ ବୈଜ୍ଞାନିକ ଦୃଷ୍ଟି, ଯାନ୍ତ୍ରିକ ଦକ୍ଷତା ସହିତ ନବ୍ୟ କନ୍‌ଫୁସୀୟ ଅନ୍ତର୍ଦୃଷ୍ଟି ସଂଯୋଜିତ ହୋଇଥିଲା । କଠୋପନିଷଦ ଓ ଭଗବତ୍ ଗୀତାରେ ବର୍ଣ୍ଣିତ 'ସଂସାର ବୃକ୍ଷ' ଜେମ୍ସ କ୍ୟାମେରନ୍‌ଙ୍କ 'ଅବତାର'ରେ 'ପବିତ୍ର ଆତ୍ମା ବୃକ୍ଷ' ରୂପରେ ପ୍ରଦର୍ଶିତ ହୋଇଥିଲା । ପ୍ରାଚୀନ ଭାରତୀୟ ଶାସ୍ତ୍ରରେ ପୃଥିବୀରେ ୮୪ଲକ୍ଷ ପ୍ରକାରର ପ୍ରାଣୀ ଅଛନ୍ତି ବୋଲି କୁହାଯାଇଥିବା ସ୍ଥଳେ ଏବେ ବୈଜ୍ଞାନିକମାନଙ୍କ ଆକଳନ ଅନୁଯାୟୀ ୮୭ଲକ୍ଷ ପ୍ରକାରର ପ୍ରାଣୀ ଅଛନ୍ତି, ଯାହା ପାରମ୍ପରିକ ଜ୍ଞାନ ଓ ଆଧୁନିକ ବିଜ୍ଞାନର ସାମଞ୍ଜସ୍ୟକୁ ସୂଚାଇଦେଉଛି। ତେଣୁ ପଦାର୍ଥବିଜ୍ଞାନ ଓ ଚେତନାବିଜ୍ଞାନର ସମନ୍ୱୟ ସ୍ଥାପନ କରିଥିବା ଫ୍ରିଜଫ୍ କାପ୍ରା ତାଙ୍କର 'ଟାଓ ଅଫ୍ ଫିଜିକ୍ସ'ରେ କହନ୍ତି ଯେ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ବିଚାରପଦ୍ଧତି ସମଜ୍ଞାନସମ୍ପନ୍ନ । ଜୀବଜଗତର ବିପୁଳତା, ବିବିଧତା, ବୈଚିତ୍ର୍ୟ ସହିତ ପରମ୍ପରା ଓ ଆଧୁନିକତା, ଅଧ୍ୟାତ୍ମ ଓ ବିଜ୍ଞାନର ସଂଯୋଗ ଇତ୍ୟାଦି ସୂଚାଇଦେଉଛି ବିଶ୍ୱବ୍ରହ୍ମାଣ୍ଡ କେତେ ରଙ୍ଗମୟ, ମଣିଷର ଚୈତ୍ୟସତ୍ତା କେତେ ଆଲୋକମୟ ।

ହେକ୍ଟର୍ ଗାର୍ସିଆ ଜଣେ ସଫ୍ଟୱେୟାର୍ ଇଂଜିନିୟର୍, ଜନ୍ମ ସ୍ପେନ୍‌ରେ, ଦୀର୍ଘକାଳର ରହଣି ଜାପାନ୍‌ରେ । ଫ୍ରାନ୍‌ସେସି ମିରାଲିସ୍‌ଙ୍କ ସହିତ ମିଶି ଲେଖିଛନ୍ତି ବହିଟିଏ, ଯା'ର ଶୀର୍ଷକ 'ଇକିଗାଇ : ଦି ଜାପାନିଜ୍ ସିକ୍ରେଟ୍ ଟୁ ଏ ଲଙ୍ଗ୍ ଆଣ୍ଡ୍ ହାପି ଲାଇଫ୍' । 'ଇକିଗାଇ' ଏକ ଜାପାନୀ ଶବ୍ଦ, ଅର୍ଥ ହେଉଛି 'ଯାହା ମଣିଷକୁ ସୁଖୀ କରେ', ସାହିତ୍ୟ ଅର୍ଥରେ ବୁଝିଲେ 'ଜୀବନର ଉଦ୍ଦେଶ୍ୟ' । ବହିଟିକୁ ପଢ଼ିଲେ ବୁଝିହେଉଛି ଜାପାନ୍‌ର ଓକିନାୱାରେ ଓଗିମି ଗୋଟିଏ ଗାଁ, ଯେଉଁଠି ଲୋକେ ପୃଥିବୀରେ ଦୀର୍ଘତମ ଜୀବନ ବଞ୍ଚନ୍ତି, ଶହେ ବା ତଦୂର୍ଦ୍ଧ୍ୱ ବର୍ଷ ବଞ୍ଚୁଥିବା ଲୋକଙ୍କ ସଂଖ୍ୟା ସେଠି ସର୍ବାଧିକ। କାରଣ, ସେମାନେ ସବୁବେଳେ ସତ୍ ମାର୍ଗରେ କର୍ମରତ। 'ମୁଁ ଅବସର ନେବି ଏବଂ ତା'ପରେ ଜୀବନରେ ଆଉ କିଛି କାମ କରିବି ନାହିଁ', ଏପରି ସ୍ୱପ୍ନ କେହି କେବେ ଦେଖନ୍ତି ନାହିଁ । କେହି ଧନୀ ନୁହଁନ୍ତି କି ଗରିବ ନୁହଁନ୍ତି। ପ୍ରତ୍ୟେକେ ସମାନ ପରିମାଣର ଅର୍ଥ ଦାନ କରି ସମୂହର ଉନ୍ନତି ପାଇଁ ଉପଯୋଗ କରନ୍ତି । ଭାରି ସଂଯତ ହୋଇ ଖାଦ୍ୟ ଗ୍ରହଣ କରନ୍ତି, ଯେପରି ପେଟର ଶତକଡ଼ା ଅଶୀଭାଗ ପୂର୍ଣ୍ଣ ହୁଏ। ଏଭଳି ମଣିଷମାନେ ବ୍ୟକ୍ତି ଓ ସମୂହ ଜୀବନର ମହତ୍ତ୍ୱ ଉନ୍‌ମୋଚନରେ ସତରେ ସଫଳ ହୋଇଛନ୍ତି । ଏମାନଙ୍କ ଜୀବନର ଶାନ୍ତ ଦିଗନ୍ତ ସତ୍ ଅନୁଭୂତିର ରଙ୍ଗରେ ଓ ସତ୍ ଅନୁଭବର ଆଲୋକରେ ସଦା କମନୀୟ ।

# ବସନ୍ତ ମୁଦୁଲି ଥିଲେ ଲୋହିତ ଦିଗ୍‌ବଳୟ



ମୌସୁମୀ ଦାସ
ଜଳସମ୍ପଦ ବିଭାଗ,
ଲୋକସେବା ଭବନ,
ଭୁବନେଶ୍ୱର
ମୋ - ୯୪୩୮୩୭୨୪୭୫

କବି ବସନ୍ତ ମୁଦୁଲି ଥିଲେ କ୍ରାନ୍ତିର ମାନ୍ତ୍ରିକ ଓ ଶବ୍ଦର ପ୍ରେମିକ। ଜ୍ୱଳନ୍ତ ବହ୍ନିମାନଙ୍କୁ ଶବ୍ଦର ରୂପ ଦେଇ ନିର୍ଭୀକ ବୁଲୁଥିଲେ କ୍ରାନ୍ତିର ଅଗଣାରେ । କେଉଁଠି ବର୍ଷୁଥିଲେ ବିପ୍ଳବର ଧାରା ଶ୍ରାବଣ ତ କେଉଁଠି ପ୍ରେମିକା ପତ୍ନୀ ପାଇଁ ଓଜାଡୁଥିଲେ ରାଶି ରାଶି ଶବ୍ଦଙ୍କ ଶେଫାଳି। ବସନ୍ତ ମୁଦୁଲି ଜୀବନରେ କେବେ ବିଳାସକୁ କରି ନ ଥିଲେ ଶୋଇବାର ଶେଯ । ଗରିବ ହାହାକାର ଥିଲା ତାଙ୍କ ପାଇଁ ବଞ୍ଚିବାର ଆଶା। ବ୍ୟବସ୍ଥାରେ ଅବ୍ୟବସ୍ଥା । ନୀତିରେ ଦୁର୍ନୀତି, ଭାବରେ ଭାବକୁ ସେ ନିଜର ବିଦ୍ରୋହୀ ସ୍ୱରରେ କରୁଥିଲେ କବିତାଶ୍ରୟୀ। ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ ସ୍ପଷ୍ଟ ପ୍ରତିବାଦ କରିବା ସହ ବ୍ୟବସ୍ଥା ପୀଡ଼ିତ ଦୁର୍ଭାଗ୍ୟଭୋଗୀ ଦୁଃଖୀ ଲୋକଙ୍କ ସପକ୍ଷରେ ସମ୍ବେଦନଶୀଳ ହେବା ତାଙ୍କର ଥିଲା ସହଜାତ ଗୁଣ । ସେ ମଧ ଥିଲେ ରୋମାଞ୍ଚର ଅନ୍ୱେଷଣର, ଉତ୍ତରଣର କବି । କବି ରମାକାନ୍ତ ରଥଙ୍କ ମତରେ, "ଯେଉଁ କବିମାନଙ୍କର ଗୋଟିଏ କବିତା ପଢିଲାବେଳେ ଆଉ ଗୋଟିଏ କବିତାର ସ୍ୱର ଶୁଭେ, ସେମାନଙ୍କ ଭିତରୁ ବସନ୍ତ ମୁଦୁଲି ଅନ୍ୟତମ।" ଶୀତଋତୁର ନରମ ଦିନରେ ନଭେମ୍ବର ୨, ୧୯୫୫ ମସିହାରେ ଭଦ୍ରକ ଜିଲ୍ଲାର ଅରଣ୍ଡୁଆ ଗ୍ରାମରେ ତାଙ୍କର ଜନ୍ମ । ଆବାଲ୍ୟରୁ ଆର୍ଥିକ ଦୁଃସ୍ଥିତିକୁ ଦେଖି, ଅନୁଭବ କରିଆସିଥିବା ବସନ୍ତଙ୍କ ଭିତରେ ଥିଲା ଅସମାନ ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ସ୍ୱରତ୍ତୋଳନର ସ୍ଫୁଲିଙ୍ଗ । ଅର୍ଥାଭାବରୁ ଉଚ୍ଚତର ଶିକ୍ଷାଗ୍ରହଣ ପାଇଁ ଯେଉଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା, ସେହି ଅଭାବବୋଧ ଭିତରୁ ମଞ୍ଜି ଧରି ଚାରାଟିଏ ଦିନେ ବଢିଥିଲା ବିପ୍ଳବୀଧର୍ମୀ କବିତାର ମହାଦ୍ରୁମ ହୋଇ । ଯେଉଁ 'ଭୁର୍ଜପତ୍ର'ରୁ ଲେଖନୀ ଚାଳନା କରି ଦିନେ 'ଲିଟେରିଆ ଗ୍ଲୋବାଲ' ସାହିତ୍ୟ ଅନୁଷ୍ଠାନ ଗଠନ କରିଥିଲେ କବି ବସନ୍ତ, ମାତ୍ର ଛଅ ବର୍ଷର କାବ୍ୟସାଧନା ଭିତରେ ସେ ଓଡ଼ିଆ ସାହିତ୍ୟରେ ଛାଡ଼ି ଦେଇଗଲେ ଅସାଧାରଣ କବିକୃତିର 'ସ୍ୱର ଓ ସ୍ୱାକ୍ଷର' । ଜୀବଦ୍ଦଶାରେ ପ୍ରକାଶିତ ତାଙ୍କର ପ୍ରଥମ କବିତା ସଙ୍କଳନ 'ଯିଏ ଯେଉଁଠି ଅଛ' ସମେତ ମରଣୋତ୍ତର ଭାବେ ପ୍ରକାଶିତ ତାଙ୍କର କବିତା ସଙ୍କଳନ 'ବସନ୍ତ ବର୍ଣ୍ଣମାଳା', 'ବସନ୍ତ ବର୍ଣ୍ଣବିଭା', 'ଶ୍ରେଷ୍ଠ କବିତା' ଇତ୍ୟାଦି ସବୁଠି ଏକ ଦୀପ୍ତ ବସନ୍ତର ବର୍ଣ୍ଣଛିଟା, ଯାହା ରହିବ କାଳଜୟୀ, ଅମ୍ଳାନ । ଜୀବନ ଦୈର୍ଘ୍ୟ ନୁହେଁ, କର୍ମର ମହନୀୟତା ଓ ବୈଶିଷ୍ଟ୍ୟ ହିଁ ଗୋଟିଏ ସାର୍ଥକ ଜୀବନର ପ୍ରକୃତ ମୂଲ୍ୟାୟନ, ଯଥାର୍ଥରେ ଏହା ପ୍ରତିପାଦିତ ହୁଏ ସ୍ୱଳ୍ପାୟୁ ଯଶୋଦେହୀ ବସନ୍ତଙ୍କ ଜୀବନରୁ । ବିପ୍ଳବୀ ଚେତନା ଓ ସାଲିସ୍-ବିହୀନ ଜୀବନ ଥିଲା ଏହି ପ୍ରତିଭାସମ୍ପନ୍ନ କବି ବ୍ୟକ୍ତିତ୍ୱଙ୍କ ସ୍ୱକୀୟତା। ସାରାଜୀବନ ଦୁଃସ୍ଥତା ଭିତରେ କାଳାତିପାତ କରିବା ଭିତରେ ସେ ଲେଖି ଚାଲିଥିଲେ ଅଜସ୍ର କବିତା। ଏକ ଦୁର୍ଘଟଣାରେ ତାଙ୍କ ଜୀବନ ପ୍ରଦୀପ ଲିଭିଗଲା ସତ, କିନ୍ତୁ ସେ ରହିଗଲେ ଓଡ଼ିଆ ସାହିତ୍ୟର ଏକ ଅମ୍ଳାନ ଜ୍ୟୋତି ହୋଇ । ନିଜ ଅଙ୍ଗେଲିଭା ଅନୁଭୂତି ତାଙ୍କୁ ଖୁବ୍ ଉପେକ୍ଷିତ, ଅବହେଳିତ, ନିର୍ଯ୍ୟାତିତ ମଣିଷଙ୍କ ପାଖରେ ଠିଆ କରିଦେଇଛି। ସେମାନଙ୍କ ପ୍ରତିବାଦର ସ୍ୱର ଉଚ୍ଚାରିତ ହୋଇଛି ତାଙ୍କ କବିତାରେ । ନିଜ ପାଇଁ ନୁହେଁ, ଅନ୍ୟ ପାଇଁ ବଞ୍ଚିଛନ୍ତି ସେ । ସେଥିପାଇଁ ସେ କହିଛନ୍ତି, 'ଗୀତଗାଉନି କି ଗପ କହୁନି / ଲୁହଲୁହର କଥା କହୁଚି' (ମୋ କବିତା)। ଯଥାର୍ଥରେ ରବି ସିଂ କହିଥିଲେ ବସନ୍ତଙ୍କ ସମ୍ପର୍କରେ, 'ବସନ୍ତ ! ତମକୁ ମଳୟ ଭାବି ଯେଉଁମାନେ ତମର ସ୍ତୁତିଚାରଣ କରିବେ, ସେମାନେ ଭୁଲ୍ କରିବେ। କାରଣ ତମେ ମଳୟ ନ ଥିଲ, ଥିଲ ଏକ ଲୋହିତ ଦିଗ୍‌ବଳୟ ।' ପ୍ରେମର ବାଣୀ ହେଉ ବା ବିପ୍ଳବର ସ୍ୱର, ତା'ର ଝଙ୍କାର ଆସିଛି କବି ବସନ୍ତଙ୍କ ଅନ୍ତଃଚେତନାରୁ, ସ୍ୱତଃସ୍ଫୂର୍ତ୍ତତାରୁ, ବିଶ୍ୱାସ ଓ ଅଙ୍ଗୀକାରବଦ୍ଧତାରୁ। ତେଣୁ ସେ ଦୃପ୍ତ କଣ୍ଠରେ ଗାଇଛନ୍ତି, 'ଯେତେ ଗୁଳି ଅଛି କୁଢେଇ ଦିଅ ମୋ ଛାତିରେ / ଯେତେ ପ୍ରେମ ଅଛି / ଅଜାଡ଼ି ଦିଅ ଏ ମାଟିରେ / ବାସ୍, ମୋର କହିବାର ଏତିକି / ଏତିକି କହିବା ପାଇଁ ମୁଁ/ମଞ୍ଚକୁ ଆସିଥିଲି ତରବରରେ .......'। ଅକାଳରେ ଚାଲିଯିବା ଯେପରି ଥିଲା ବିଧିନିର୍ଦ୍ଦିଷ୍ଟ। କାଳଜୟୀ କବିତା ଲେଖିବା ବି ଥିଲା ତାଙ୍କ ନିୟତି ନିର୍ଧାର୍ଯ୍ୟ।



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୩ ନଭେମ୍ବର ୨୦୨୪ ରବିବାର







## କଟକ ବାଲିଯାତ୍ରା:ଏଥର ନୂଆ ଢାଞ୍ଚାରେ ଓର୍‌ମାସ୍ ଷ୍ଟଲ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ଐତିହାସିକ କଟକ ବାଲିଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡିଲାଣି ତଳ ପଡିଆ । ଏଥିରେ ଟେଣ୍ଡ ପାଇଥିବା ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ସଂସ୍ଥା ଦ୍ୱାରା ଦୁଇଟି ସାଂସ୍କୃତିକ ମଞ୍ଚ ତିଆରି କାମ ଆରମ୍ଭ ହୋଇସାରିଥିବା ବେଳେ ଓର୍‌ମାସ୍‌ର ଷ୍ଟଲ୍ କାମ ଏଥର ନୂଆ ଢାଞ୍ଚାରେ ହେବ । ଏଥିପାଇଁ ଏକ ସଂସ୍ଥା ଦ୍ୱାରା ଲୁହାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ତେବେ ଏସବୁ ପାଇଁ ବାଲିଯାତ୍ରା ତଳ ପଡିଆରେ ଅସ୍ଥାୟୀ ଶିବିର କରି ଏକ ମାସ ପର୍ଯ୍ୟନ୍ତ ଶ୍ରମିକମାନେ ସେଠାରେ ରହିବାକୁ ବ୍ୟବସ୍ଥା କରିଛନ୍ତି । ଚଳିତ ବର୍ଷ ସରକାରଙ୍କ ଦ୍ୱାରା ଐତିହାସିକ କଟକ ବାଲିଯାତ୍ରାକୁ ଏକ ବଡ ଧରଣର ଆୟୋଜନ କରିବାକୁ ନିଷ୍ପତ୍ତି ରହିଛି । ଆସନ୍ତା ୧୫ ତାରିଖରୁ ବାଲିଯାତ୍ରା ଆରମ୍ଭ ହେବ । ଏଥିପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ବିଭିନ୍ନ କମିଟି ସବୁ କାର୍ଯ୍ୟକୁ ଟେଣ୍ଡ ଦ୍ୱାରା କରାଯାଉଛି । ଏସବୁ ମଧ୍ୟରେ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କାର୍ଯ୍ୟ ବ୍ରହ୍ମପୁରର ଏକ ସଂସ୍ଥାକୁ ଦିଆଯାଇଛି । ଏହି ସଂସ୍ଥା ଦ୍ୱାରା ଗଣକବି ବୈଷ୍ଣବ ପାଣି ମଞ୍ଚର କାମ ଆରମ୍ଭ ହୋଇଥିଲା ବେଳେ ଅକ୍ଷୟ ମହାନ୍ତି ମଞ୍ଚ ତିଆରି ହେଉଛି । ତେବେ ଏହାକୁ ଆକର୍ଷଣୀୟ କରିବା ପାଇଁ ସ୍ୱତନ୍ତ୍ର ମଡେଲ୍‌ରେ ଏହାକୁ ତିଆରି କରାଯାଉଥିବା ଜଣାପଡିଛି । ଅନ୍ୟ ପକ୍ଷରେ ଆଜିଠୁ ଓର୍‌ମାସ୍ ପାଇଁ ଷ୍ଟଲ୍ ତିଆରି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି । ସାଧାରଣତଃ ବାଉଁଶ ବାନ୍ଧି ଷ୍ଟଲ୍ ତିଆରି କରାଯାଇଥାଏ । ଏଥର କିନ୍ତୁ ଢେଙ୍କାନାଳରୁ ପ୍ରାୟ ୫୦ ଜଣ କାରିଗର ଆସି ପଡିଆରେ ଅସ୍ଥାୟୀ ଶିବିରରେ ରହିଛନ୍ତି । ସେମାନେ ବାଉଁଶ ବଦଳରେ ଲୁହାକୁ ଖଞ୍ଜି ମଜ୍‌ବୁତ୍ ଷ୍ଟଲ୍ ତିଆରି କରିବାରେ ଲାଗିପଡିଛନ୍ତି । ଏଥର ଓର୍‌ମାସ୍‌ରେ ପାଖାପାଖି ୫ ଶହ ଷ୍ଟଲ୍ ହେବ ବୋଲି ଯୋଜନା ରହିଛି ।

## ତୃଣମୂଳ ସ୍ତରରୁ ଦୁର୍ନୀତିକୁ ରୋକିବା ପାଇଁ ଆହ୍ୱାନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଅକ୍ଟୋବର ୨୮ ତାରିଖରେ ଆରମ୍ଭ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଏହି ଆୟୋଜିତ ସାଧାରଣ ସଭାରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବାରିପଦା ପୌରପାଳିକା, ନଗରପାଳ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ଏହି ସାଧାରଣ ସଭା ପୂର୍ବରୁ ଛାତ୍ରଛାତ୍ରୀ ଏବଂ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ନେଇ ଏକ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଅମ୍ବିକା ମନ୍ଦିର ପର୍ଯ୍ୟନ୍ତ ହୋଇଥିବା ଏହି ରାଲିରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ସ୍ୱୟଂ ସହାୟକ ମହିଳା ସଦସ୍ୟ ଅଂଶ ଗ୍ରହଣ କରି ଦୁର୍ନୀତି ବିରୋଧୀ ସଚେତନତା ସ୍ଲୋଗାନ୍ ଦେଇ ଶୋଭାଯାତ୍ରା କରିଥିଲେ । ଆୟୋଜିତ ସଭାରେ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ବାରିପଦା ଭିଜିଲାନ୍ସ ୟୁନିଟ୍) ହରେକୃଷ୍ଣ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପାଳନୀୟ କାର୍ଯ୍ୟକ୍ରମରୁ ସାଫଲ୍ୟ ମଣ୍ଡିତ କରିଥିଲେ । କାର୍ଯ୍ୟକ୍ରମରେ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ହାଁସଦା, ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉଦ୍‌ବୋଧନ ଦେଇଥିବା ବେଳେ ନଗରପାଳ ଶ୍ରୀ ମହାନ୍ତି ଦୁର୍ନୀତିକୁ କିପରି ତୃଣମୂଳ ସ୍ତରରେ ରୋକା ଯାଇପାରିବ, ସେ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ପ୍ରଶାସନର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପ-ବିଭାଗ ସଂଯୋଜନାରେ ସ୍କୁଲ ଏବଂ କଲେଜ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ ହୋଇଥିଲା । ସେଥିରେ କୃତକାର୍ଯ୍ୟ ଲାଭ କରିଥିବା ଛାତ୍ର ଛାତ୍ରୀଙ୍କୁ ଏହି ସାଧରଣ ସଭାରେ ପୁରସ୍କୃତ କରାଯାଇଥିଲା । ଏହି ସଭାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ସଞ୍ଚାଳନ କରିଥିବା ବେଳେ ଭିଜିଲାନ୍ସ ନିରୀକ୍ଷକ ବିକାଶ ସ୍ୱାଇଁ ଧନ୍ୟବାଦ କରିଥିଲେ ।

## ଶିଶୁଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରିବାକୁ ଶିକ୍ଷକମାନଙ୍କୁ ପରାମର୍ଶ



**କେନ୍ଦୁଝର, ନ୍ୟୁଜ୍**

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝରଗଡ଼ ଠାରେ ଶିକ୍ଷା ବର୍ଷ ୨୦୨୪-୨୫ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ବ୍ଲକ ଶିକ୍ଷା ଅଧିକାରୀ, ତେଲକୋଇ ସତ୍ୟନାରାୟଣ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ମଧୁସୂଦନ ପଣ୍ଡା ଯୋଗଦେଇ ଶିଶୁ ମାନଙ୍କ ଉତ୍ତରୋତ୍ତର ଉନ୍ନତି ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ଯୋଗଦେଇ ଶ୍ରେଣୀ ଗୃହର ଶେଷ ବେଞ୍ଚରେ ବସିଥିବା ଶିଶୁ ଠାରେ ମଧ୍ୟ ଶୀର୍ଷ ସ୍ଥାନରେ ପହଞ୍ଚିବାର ଦକ୍ଷତା ରହିଥାଏ ବୋଲି ବକ୍ତବ୍ୟ ମାଧ୍ୟମରେ ନିଜର ମତ ରଖିଥିଲେ । ଏଥିସହିତ ଶିଶୁର ଅନ୍ତର୍ନିହିତ ଗୁଣକୁ ଚିହ୍ନଟ କରି ବିକଶିତ କରିବାକୁ ଶିକ୍ଷକ ମାନଙ୍କୁ ଆହ୍ୱାନ ଦେଇଥିଲେ । ସମଗ୍ର ଶିକ୍ଷା କେନ୍ଦୁଝରର ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ପୀତବାସ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଶିଶୁ ମହୋତ୍ସବ ଓ କଳା ଉତ୍ସବ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଶିଶୁ ମହୋତ୍ସବରେ ତିନୋଟି ବିଭାଗରେ ୨୯ଟି ପ୍ରତିଯୋଗିତାର ୪୫୦ରୁ ଉର୍ଦ୍ଧ୍ୱ ଶିଶୁ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ପ୍ରୋତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଭାଗ ନେବେ । ଜିଲ୍ଲା ଶିକ୍ଷା ଅଧିକାରିଣୀ ଗୌରୀରାଣୀ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ଷମ ସଂପୂର୍ଣ୍ଣ ହୋଇଛି । ଏଥିରେ ସମଗ୍ର ଶିକ୍ଷା କେନ୍ଦୁଝରର ସମସ୍ତ କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବିଭିନ୍ନ ପ୍ରତିଯୋଗିତା ଗୁଡ଼ିକୁ ପରିଚାଳନା କରିଥିଲେ । ସର୍ବଶେଷରେ ବିଭିନ୍ନ ବ୍ଲକରୁ ଆସିଥିବା ଶିଶୁମାନେ ସେମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ ।



## ଶହୀଦନଗର ହାଇସ୍କୁଲର ଛାତ୍ରପ୍ରିୟ ଶିକ୍ଷକ ଡ଼ ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ ଅବସର ସଭା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶହୀଦନଗର ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତଙ୍କର ପ୍ରିୟ ଶିକ୍ଷକ ଡ଼ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ସାରଙ୍କ ଅବସର କାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ସାରଙ୍କର ପ୍ରାୟ ୩୨ବର୍ଷ ୬ ମାସର କାର୍ଯ୍ୟକାଳ ଶେଷ ହୋଇଛି । ଏହି କାର୍ଯ୍ୟକ୍ରମରେ ମୋ ସ୍କୁଲ୍ ସଭାପତି ଡ଼ ନାରାୟଣ ମହାପାତ୍ର, ସୀତାକାନ୍ତ ମହାପାତ୍ର, ଶ୍ରୀନିବାସ ରାଓ ପ୍ରମୁଖ ସାରଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପତାକା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ନିରଞ୍ଜନ ପଣ୍ଡା ପୂର୍ବତନ ପ୍ରଧାନଶିକ୍ଷକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦାସ, ଅନ୍ୟ ଗୁରୁ ମା' ଓ ସ୍କୁଲର ପିଲାମାନେ ଉପସ୍ଥିତ ଥିଲେ । ଏହି ସଭାରେ ସାରଙ୍କ ପ୍ରାୟ ୨୦୦ ପୁରାତନ ଛାତ୍ର ଓ ଛାତ୍ରୀ ଯୋଗ ଦେଇଥିଲେ । ସେମାନେ ମିଳିତ ଭାବେ ସାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମସ୍ତଙ୍କ ସହିତ ସାର୍ ଓ ଅନ୍ୟ ଗୁରୁ ମା' ମାନଙ୍କର ପୁରୁଣା ସ୍ମୃତି ଆଲୋଚନା ହୋଇଥିଲା, ସମସ୍ତେ ସାରଙ୍କ ଛାତ୍ର ମାନଙ୍କୁ ଭଲ ପାଇବା ଓ ପଢ଼ାଇଥିବା ପାଠ ବିଷୟରେ ଆଲୋଚନା କରି ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ସାରଙ୍କ ଲିଖିତ ବହି ସମସ୍ତଙ୍କ ଉପସ୍ଥିତିରେ ଉନ୍ମୋଚିତ କରାଯାଇଥିଲା ।

## କଂଗ୍ରେସ ପ୍ରତିନିଧି ଦଳଙ୍କ ବାଲେଶ୍ୱରର ବାତ୍ୟାଞ୍ଚଳ ପରିଦର୍ଶନ

**ବାଲେଶ୍ୱର, ନ୍ୟୁଜ୍**



ଏଆଇସିସି ସଭ୍ୟ ନବଜ୍ୟୋତି ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଛାତ୍ର କଂଗ୍ରେସ ସଭାପତି ଉଦ୍ଧୀତ ପ୍ରଧାନ ଓ ପିସିସି ପୂର୍ବତନ ସାଧାରଣ ସମ୍ପାଦକ ପଦ୍ମକର ଗୁରୁ ପ୍ରମୁଖ ରେମୁଣା ନିର୍ବାଚନ ମଣ୍ଡଳୀର ବନ୍ୟା ଓ ବାତ୍ୟା ବିପନ୍ନଙ୍କୁ ସାକ୍ଷାତ ଆଲୋଚନା ସହିତ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି । ଏଆଇସିସି ସଭ୍ୟ ତଥା କଂଗ୍ରେସର ପୂର୍ବତନ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଦେଶ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲ୍ଲା ସଭାପତି ସଞ୍ଜୀବ ଗିରିଙ୍କ ସହ ସନ୍ଧ୍ୟାରେ ରେମୁଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବନ୍ୟା ଓ ବାତ୍ୟା ବିପନ୍ନଙ୍କୁ ସାକ୍ଷାତ ଆଲୋଚନା ସହିତ ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। କେନ୍ଦ୍ରାପଡ଼ା ଓ ଚାନ୍ଦବାଲି ବାତ୍ୟା ପରିଦର୍ଶନରେ ଯାଇ ବିଳମ୍ବ ହେଲେ ସୁଦ୍ଧା ପ୍ରତିଶୃତି ରକ୍ଷା କରି ଶ୍ରୀ ପଟ୍ଟନାୟକ ବାତ୍ୟାରେ କ୍ଷୟକ୍ଷତି ହୋଇଥିବା ଲୋକମାନଙ୍କୁ ଭେଟିଥିଲେ। ପୂର୍ବରୁ ଅପେକ୍ଷା କରିଥିବା ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନାଙ୍କ ନେତୃତ୍ୱରେ ଦହପଡା ପଞ୍ଚାୟତର ଯୁବକ ମାନେ ଶ୍ରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇ ପାଛୋଟି ନେଇଥିଲେ। ଦହପଡା ପଞ୍ଚାୟତ ପଚାନ୍ତ ଛକଠାରୁ ମୁସଲିମ ସାହି ପର୍ଯ୍ୟନ୍ତ ବନ୍ଧର ଦୁଇ ପାର୍ଶ୍ୱରେ ବାତ୍ୟା ବିପନ୍ନ ଆଦିବାସୀ ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିବା ସହ ସରକାରୀ ସହାୟତା ତୁରନ୍ତ କିପରି ମିଳିପାରିବ ସେ ବିଷୟରେ ପୂର୍ବତନ ବିଧାୟକ ଶ୍ରୀ ଜେନା ଏବଂ ଛାତ୍ର, ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ଆଲୋଚନା କରି ପ୍ରଶାସନ ନିକଟରେ ପହଞ୍ଚାଇବାକୁ କହିଥିଲେ। ଏହି ପରିଦର୍ଶନ ସମୟରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନାଙ୍କ ସମେତ ସଦର କଂଗ୍ରେସର ଯୁବନେତା ସରୋଜ କୁମାର ଲେଙ୍କା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ତୁଷାର ତପସ୍ୱୀ,ଦେବଦତ୍ତ ଦାସ, ଶ୍ରୀକାନ୍ତ ବୁଗୁଡ଼ାଇ, ଜୀବନ ମହାପାତ୍ର ପ୍ରମୁଖଙ୍କ ସହିତ ଦହପଡା ପଞ୍ଚାୟତର ଯୁବଗୋଷ୍ଠୀ ମାନେ ସାମିଲ୍ ହୋଇଥିଲେ।

## ସୁବର୍ଣ୍ଣପୁର ଜିଲ୍ଲା ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ଚୟନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଘରୋଇ ବସ୍ ମାଲିକ ସଂଘ ସୁବର୍ଣ୍ଣପୁରର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ସ୍ଥାନୀୟ ହୋଟେଲ୍ ମୁନ୍ ଠାରେ ସଂଘର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏହା ଅନୁଷ୍ଠିତ ହୋଇଛି । ସର୍ବ ସମ୍ମତି କ୍ରମେ ଦୀପକ କୁମାର ମହାପାତ୍ରଙ୍କୁ ସଭାପତି, ଦେବ ରଞ୍ଜନ ତ୍ରିପାଠୀଙ୍କୁ ଉପ ସଭାପତି, ସୁଦର୍ଶନ ପଣ୍ଡାଙ୍କୁ ସମ୍ପାଦକ, ଭାସ୍କର ବାବୁ ଶ୍ରଦ୍ଧାକର ଦାଶଙ୍କୁ ସହ ସମ୍ପାଦକ ଓ ଯୋଗେନ୍ଦ୍ର ହୋତାଙ୍କୁ କୋଷାଧ୍ୟକ୍ଷ ଭାବରେ ଚୟନ କରାଯାଇଛି। ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ସଂଘର ବରିଷ୍ଠ ସଦସ୍ୟ ପୁରୁଷୋତ୍ତମ ପାଣିଗ୍ରାହୀ, ସୁରେନ୍ଦ୍ର ପତି, ସଞ୍ଜୀବ ସାହୁ, ଯୋଗେଶ୍ୱର ହୋତା, ପ୍ରଦୀପ କୁମାର ହୋତାଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଛି । ଉକ୍ତ ଚୟନ ପ୍ରକିୟା ସଂଘର ବରିଷ୍ଠ ସଦସ୍ୟ ପୁରୁଷୋତ୍ତମ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ସୋନପୁର ସହରର ସମସ୍ତ ବସ୍ ମାଲିକଙ୍କ ସମେତ ବିନିକାରୁ ୟାକୁବ ଖାନ, ସତ୍ୟ ମେହେର, ପ୍ରଦୀପ ହୋତା, ସଞ୍ଜୀବ ସାହୁ, ବୀରମହାରାଜପୁର ବ୍ଲକରୁ ସୁରେନ୍ଦ୍ର ପତିଙ୍କ ସମେତ ସୋନପୁରର ସୁନିଲ ମେହେର ମଧ୍ୟ ଅଂଶ ଗ୍ରହଣ କରିଥିଲେ। ଏହି ସଭାରେ ଉପସ୍ଥିତି ସମସ୍ତ ସଭ୍ୟଙ୍କୁ ଶେଷରେ ସଞ୍ଜୟ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ନୂତନ ସଭାପତି ହେବା ପରେ ଦୀପକ କୁମାର ମହାପାତ୍ରଙ୍କ ସହ ସମସ୍ତ ପଦାଧିକାରୀ ମା' ସୁରେଶ୍ୱରୀଙ୍କ ଦର୍ଶନ କରିଥିଲେ । ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ଅନେକ ବ୍ୟବସାୟୀଙ୍କ ଷ୍ଟଲ, ପୁରୁଣା ଟାଉନ୍ ହଲ୍ ବହୁ ଦିନରୁ ଭଙ୍ଗା ଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି ଓ ସରକାର ତଥା ସ୍ଥାନୀୟ ପ୍ରଶାସନ ଏ ଦିଗରେ ତୁରନ୍ତ ନିଷ୍ପତ୍ତି ନେଇ ନୂତନ ବସ୍ ଷ୍ଟାଣ୍ଡ ତିଆରି କରିବାକୁ ସଂଘ ପକ୍ଷରୁ ଅନୁରୋଧ ରଖିଛନ୍ତି।



## ଜିଲ୍ଲା ପ୍ରଶାସନ ତରଫରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ରୟାଗଡ଼ ସ୍ୱାତୀ ଏସ୍ କୁମାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଭିଜିଲାନ୍ସ ଏସ୍‌ପି, କୋରାପୁଟ ଡିଭିଜନ୍, ଜୟପୁର ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଅତିରକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁପ୍ରସାଦ ପାତ୍ର, ଉପଜିଲ୍ଲାପାଳ ରାୟଗଡ଼ା କଲ୍ୟାଣୀ ସଂଘମିତ୍ରା ଦେବୀ, ମୁଖ୍ୟବକ୍ତା ଶିକ୍ଷାବିତ୍ତ ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ମାନିତ ବକ୍ତା ଭାବେ ଓକିଲ ପଦ୍ମନାଭ ଦାଶ ପ୍ରମୁଖ ଯୋଗଦାନ କରି ଭାରତ ଭଳି ବିରାଟ ଗଣତାନ୍ତ୍ରିକ ଦେଶରେ ଦୁର୍ନୀତି ଏକ ବଡ଼ ବ୍ୟାଧି ସତ୍ୟନିଷ୍ଠ ଭାବରେ ଏହାରି ବିରୋଧରେ ସମାଜର ସବୁସ୍ତରରୁ ସଂଘଠିତ ହୋଇ ସଂଗ୍ରାମ କଲେ ଦେଶ ଆଗକୁ ଯିବ ବୋଲି ମତ ଦେଇଥିଲେ। ବୈଠକରେ ବରିଷ୍ଠ ନାଗରିକ, ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, ମିଶନ ଶକ୍ତି ମହିଳାମାନେ, ସ୍ୱୟଂ ସହାୟିକା ମହିଳା, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଗଜପତି ଛକ ଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଇତ, ଆରକ୍ଷୀ ଅଧିକ୍ଷକ ଦୁର୍ନୀତି ନିବାରଣ ବିଭାଗ, କୋରାପୁଟ ଶ୍ରୀ ଦ୍ୱିବେଦୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ କହଁର, ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ରାୟଗଡ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ଯୁଜିଏମ୍‌ଆଇଟି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଯୋଗଦାନ କରି ଦୁର୍ନୀତି ବିରୋଧରେ ସଚେତନତା ମୂଳକ ସ୍ଲୋଗାନ୍ ଦେଇ ଗଜପତି ଛକରୁ ହୋଟେଲ୍ କପିଳାଶ ଛକ ଦେଇ ସ୍ଥାନୀୟ ଜିଲ୍ଲାପରିଷଦ କାର୍ଯ୍ୟକ୍ଷଳୟ ପର୍ଯ୍ୟନ୍ତ ଯାଇଥିଲେ । ବୈଠକ ପ୍ରାରମ୍ଭରେ ଆରକ୍ଷୀ ଅଧିକ୍ଷକ, ରାୟଗଡ ଉପସ୍ଥିତ ସଭିଙ୍କୁ ଶପଥ ପାଠ କରାଇଥିଲେ। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ନେଇ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କୃତ କରାଯାଇଥିଲା। ଉପ ଆରକ୍ଷୀ ଅଧୀକ୍ଷକ ଦୁର୍ନୀତି ନିବାରଣ ଶାଖା ତରୁଲତା ବେହେରା ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ କାର୍ଯ୍ୟ ପରିଚାଳନା କରିବା ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଚଳିତବର୍ଷ ଐତିହାସିକ ବାଲିଯାତ୍ରାରେ ମୁଖ୍ୟ ଆକର୍ଷଣ ପାଲଟିବ ଓଡ଼ିଆ ଚଳଚ୍ଚିତ୍ର

**କଟକ, ନ୍ୟୁଜ୍ ବ୍ୟୁରୋ**

ଚଳିତବର୍ଷ ଐତିହାସିକ ବାଲିଯାତ୍ରାରେ ଦର୍ଶକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିବ ଓଡ଼ିଆ ଚଳଚ୍ଚିତ୍ର ଓଡ଼ିଆ ସିନେମାକୁ ନେଇ ପ୍ରସ୍ତୁତ କରାଯିବ ଥିମ୍ । ଏହାକୁ ପ୍ରଦର୍ଶିତ କରାଯିବ ଐତିହାସିକ ବାଲିଯାତ୍ରା ତଳ ପଡ଼ିଆଠାରେ ଥିବା କଟକ-ଇନ୍-କଟକ ପ୍ୟାଭିଲିନ୍ ଠାରେ । ଯାହାଦ୍ୱାରା ଓଡ଼ିଆ ଫିଲ୍ମର ଗୁଣାତ୍ମକ ବୈଶିଷ୍ଟ୍ୟକୁ ଲୋକଲୋଚନକୁ ଆଣିହେବ । ନଭେମ୍ବର ୧୫ ରୁ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ କଟକ ଐତିହାସିକ ବାଲିଯାତ୍ରା । ଏନେଇ ପ୍ଲଟ୍ ରେଜିଷ୍ଟ୍ରେସନ୍ ସରି ଜାରି ରହିଛି ଜମି ନିଲାମ ପ୍ରକ୍ରିୟା । ଆଉ ମାତ୍ର କିଛି ଦିନ ମଧ୍ୟରେ କଟକ ବାଲିଯାତ୍ରା ପଡ଼ିଆରେ ହଜାର ହଜାର ଦୋକାନ ବଜାର, ଦୋଳି, ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରେ ଝଲସି ଉଠିବ ବାଲିଯାତ୍ରା ପଡିଆ । ବାଲିଯାତ୍ରାରେ ମୁଖ୍ୟ ଆକର୍ଷଣ ସାଜିବ ତଳ ପଡ଼ିଆ ଠାରେ ଥିବା କଟକ-ଇନ୍-କଟକ ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରଦର୍ଶିତ କରାଯିବ ଓଡ଼ିଆ ଚଳଚ୍ଚିତ୍ର । ତେବେ ଗତବର୍ଷ ମାନଙ୍କରେ କଟକ-ଇନ୍-କଟକରେ ଗାଁ ପରିବେଶ ଓ ଓଡ଼ିଆ ଘରର ପରମ୍ପରାକୁ ସ୍ଥାନିତ କରାଯାଇଥିବା ବେଳେ ଚଳିତ ଥର କିନ୍ତୁ ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ତିଆରି ହୋଇଛି ଥିମ୍ । ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପକୁ ବରିଷ୍ଠ ଅଭିନେତା ତଥା ସିନେ ପ୍ରଯୋଜକମାନେ ବେଶ୍ ସ୍ୱାଗତ କରିଛନ୍ତି । କାହିଁକି ନା ବାଲିଯାତ୍ରା ହେଉଛି ଓଡ଼ିଶାର ଗର୍ବ ଓ ଗୌରବ । ପୁରୁଣା ପରମ୍ପରା ସଂସ୍କୃତିକୁ ବଜାୟ ରଖିବା ପାଇଁ ଏକ ମାଧ୍ୟମ । ବର୍ତ୍ତମାନ ସମୟରେ ପାଶ୍ଚାତ୍ୟ ସଂସ୍କୃତିର ବହୁଳ ମାତ୍ରରେ ଗ୍ରହଣ ହେବାପରେ ଓଡ଼ିଆ ସିନେମାର ଚମକ ଫିକା ପଡିନି କିନ୍ତୁ ନବେ ଦଶକରୁ ବିଂଶ ଓ ଏକବିଂଶ ଶତାବ୍ଦୀ ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଦେଖିବା ଦିଗରେ ଲୋକମାନେ ଆଗ୍ରହ ପ୍ରକାଶ କରିବା କମ୍ କରିଛନ୍ତି । ବରିଷ୍ଠ କଳାକାର ପ୍ରଦ୍ୟୁମ୍ନ ବଳ କହିଛନ୍ତି, ମୁଁ ଯେତେବେଳେ ଛୋଟ ଥିଲି ସେତେବେଳେ ପ୍ରଶାନ୍ତ ନନ୍ଦଙ୍କ ଅଭିନୀତ ଓଡ଼ିଆ ଚଳଚ୍ଚିତ୍ର ମାଟିର ମଣିଷ ହଲ୍‌ରେ ପଡ଼ିଥାଏ । କିନ୍ତୁ ହଲ୍‌ରେ ଦେଖିବାର ସୁଯୋଗ ପାଇନଥିଲି । ଏହି ବାଲିଯାତ୍ରାରେ ହିଁ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଦେଖିବାର ସୁଯୋଗ ପାଇଥିଲି ବୋଲି କହିଛନ୍ତି ପ୍ରଦ୍ୟୁମ୍ନ । ତେଣୁ ପୁରୁଣା ସିନେମାକୁ ଲୋକାଭିମୁଖୀ କରିବା ପାଇଁ ପ୍ରଶାସନର ଏପରି ଯୋଜନା ବେଶ୍ ସ୍ୱାଗତଯୋଗ୍ୟ ବୋଲି ସେ କହିଛନ୍ତି । ଅନ୍ୟପଟେ ବାଲିଯାତ୍ରାରେ ଚଳଚ୍ଚିତ୍ର ପଦର୍ଶନ କରିବା ଯୋଜନାକୁ ସ୍ୱତନ୍ତ୍ର ଫୋକସ୍ ଦେଇଛି କଟକ ଜିଲ୍ଲା ପ୍ରଶାସନ । ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ କହିଛନ୍ତି,ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ଏକ ଏଜେନ୍ସିକୁ ହସ୍ତାନ୍ତର କରାଯାଇଛି । ସେମାନେ ବିଭିନ୍ନ ପ୍ରଯୋଜନା ଓ ନିର୍ଦ୍ଦେଶନା ସଂସ୍ଥା ସହ ଯୋଗାଯୋଗ କରି ଆମକୁ ଓଡ଼ିଆ ସିନେମାର ତଥ୍ୟ ପ୍ରଦାନ କରିବେ । କେବଳ ସେତିକି ନୁହେଁ ଦର୍ଶକଙ୍କ ପାଇଁ ଆମ୍ଫି ଥିଏଟର ବ୍ୟବସ୍ଥା କରାଯିବା ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ ହେଉଛି । ଯେଉଁଠାରେ ନୂଆ, ପୁରୁଣା ସୁପରହିଟ୍ ସିନେମା ସବୁ ପ୍ରଦର୍ଶିତ ହେବ । ପୁରୁଣା ସମୟର ସିନେମା, କଳାକାର, ଯନ୍ତ୍ରପାତି ବିଷୟରେ ଲୋକମାନେ ଅବଗତ ହୋଇପାରିବେ । ଯାହାଦ୍ୱାରା ଆଗମୀ ଦିନରେ ଓଡ଼ିଆ ସିନେମାର ପ୍ରଚାର ପ୍ରସାର ଅଧିକ ମାତ୍ରାରେ ହୋଇପାରିବ ବୋଲି ଲକ୍ଷ୍ୟ ରଖିଛି ପ୍ରଶାସନ ।

## ନାରୀ ନିର୍ଯାତନା ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କଲେ ବିଧାୟିକା ସୋଫିଆ ଫିର୍ଦ୍ଦୋସ



**କଟକ, ନ୍ୟୁଜ୍ ବ୍ୟୁରୋ**

ନାରୀ ନିର୍ଯାତନା ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କଲେ କଂଗ୍ରେସ ବିଧାୟକ ସୋଫିଆ ଫିର୍ଦ୍ଦୋସ । ରାଜ୍ୟରେ ମହିଳା ନିର୍ଯାତନା ବଢିବାରେ ଲାଗିଛି । ଯାହାକି ଖୁବ୍ ଦୁଃଖର ବିଷୟ ବୋଲି କହିଛନ୍ତି ସୋଫିଆ । ପୋଲିସ ମହିଳା ନିର୍ଯାତନା ମାମଲାକୁ ହାଲୁକା ଭାବେ ନେଉଛି । ବ୍ରହ୍ମପୁର ଓ କଟକ ଉଦାହରଣ ନେଇ ସରକାରଙ୍କ ଉପରେ ବର୍ଷିଲେ । କଣ ପାଇଁ ମହିଳାଙ୍କୁ ସୁରକ୍ଷା ଦିଆଯାଉନାହିଁ । ଧାର୍ଯ୍ୟ ସମୟରେ ତଦନ୍ତ ରିପୋର୍ଟ ଦେବା କଥା ତାହା ଦେଉନାହାନ୍ତି । ଝିଅମାନେ ନିଖୋଜ ହୋଇଯାଉଛନ୍ତି । ପୋଲିସ ସେମାନଙ୍କୁ ପାଉନାହିଁ । ତେଣୁ ଲୋକମାନେ କାହା ପାଖକୁ ଯିବେ ବୋଲି ବିଧାୟିକା ପ୍ରଶ୍ନ କରିଛନ୍ତି । ମହିଳାଙ୍କ ଉପରେ ସାଇବର କ୍ରାଇମ୍ ମଧ୍ୟ ବଢିବାରେ ଲାଗିଛି । ଭରତପୁର ଥାନା କଥା ଉଠାଇ ସରକାରଙ୍କୁ ଘେରିଛନ୍ତି କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ । ଦିନକୁ ଦିନ ରାଜ୍ୟରେ ନାରୀ ନିର୍ଯାତନା ବଢିବା ସହ ଥାନାରେ ମହିଳା ମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନଥିବା ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକରେ ଦଳମତ ନିର୍ବିଶେଷରେ ଓ ବିଧାୟିକାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ପୋଲିସ ମହିଳା ମାନଙ୍କୁ ନ୍ୟାୟ ଦେବାରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଜେଡ଼ି ବିଧାୟକ ସୁଜାତା ସାହୁ ଦାବି କରିଛନ୍ତି । ସେହିଭଳି ମହିଳାମାନେ କିଭଳି ଉପଯୁକ୍ତ ନ୍ୟାୟ ପାଇବେ ଓ ଥାନା ଗୁଡିକରେ ମହିଳା ଓ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ସେନେଇ ବୈଠକରେ ଆଲୋଚନା କରାଯାଇଥିବା କହିଛନ୍ତି କମିଟିର ଅଧ୍ୟକ୍ଷ ସିମାରାଣୀ ନାୟକ ।

## ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ ସଚେତନତା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଏକ ମିନି ମାରାଥନ୍‌କୁ ଜିଲ୍ଲାପାଳ ଅନ୍ୟା ଦାସ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ। ଆୟୋଜିତ ମିନି ମାରାଥନ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ସ୍ଥାନୀୟ ରୋୟାଲ ପଡିଆ ଠାରୁ ବାହାରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ । ପରେ ପରେ ଏନ୍‌ଏସିଏସି, ରେଡକ୍ରସ, ଗାଇଡ୍ ସମେତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଦଳ କର୍ମକର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଶତାଧିକ ସଂଖ୍ୟାରେ ଏକ ସଚେତନତା ଶୋଭାଯାତ୍ରାରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଭିନ୍ନ ଜନସଚେତନତା ସ୍ଲୋଗାନ୍ ସହ ଶୋଭାଯାତ୍ରାରେ ଅନୁଷ୍ଠିତ ସଭାସ୍ଥଳକୁ ପହଞ୍ଚିଥିଲେ। ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ




ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ ଦିବସ ପାଳନ ନିମନ୍ତେ ଅନୁଷ୍ଠିତ ସଚେତନତା ସଭା ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଡେପୁଟି କଲେକ୍ଟର ଜରୁରୀ ଶାଖା ଶୁଭଶ୍ରୀ ରଥ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଜରୁରୀ ଶାଖା ଓସ୍‌ଡାମା ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ ସଭାର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ୧୯୯୯ ମହାବାତ୍ୟାରେ ଏବଂ ବିଭିନ୍ନ ପ୍ରାକୃତିକ ବିପଦରେ ସହସ୍ର ସଂଖ୍ୟାରେ ମୃତାହତ ହୋଇଥିବା ଜନସାଧାରଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ, ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରଶମନ ସମୟରେ ନିଜର କର୍ତ୍ତବ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁ, ଆର୍‌ଟିଓ ଅକ୍ଷୟ କୁମାର ଜେନା, ଏସ୍‌ଡିପି ଓ ସୋନପୁର ପ୍ରମୁଖ ୧୯୯୯ ମହାବାତ୍ୟା, ଫାଇଲିନ୍, ହୁଡ୍‌ହୁଡ୍, ଦାନା ସହ ବିଭିନ୍ନ ପ୍ରାକୃତିକ ବିପତ୍ତିର ସ୍ମୃତି ଚାରଣ କରିଥିଲେ । ସମସ୍ତ ପ୍ରକାର ପ୍ରାକୃତିକ ବିପଦକୁ କିଭଳି ଭାବରେ ମୁକାବିଲା କରାଯାଇପାରିବ ଏବଂ ଏହି କାର୍ଯ୍ୟରେ ଯୁବ ସମାଜର ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ସଦସ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବିଶଦ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ଉପଯୁକ୍ତ ପ୍ରାକ୍ ପ୍ରସ୍ତୁତି ଏବଂ ଆଧୁନିକ ପ୍ରଯୁକ୍ତି ବିଜ୍ଞାନର ସହଯୋଗରେ ଓଡ଼ିଶା କିଭଳି ବିଭିନ୍ନ ମହାବାତ୍ୟାକୁ ସଫଳତାର ସହିତ ମୁକାବିଲା କରି ପ୍ରଶଂସିତ ହୋଇଛି ତାହାର ଉଦାହରଣ ଦେଇଥିଲେ । ଏହା ସହିତ ଜିଲ୍ଲା ପ୍ରଶାସନ ବନ୍ୟା, ମରୁଡିର ମୁକାବିଲା କରିବା ପାଇଁ କିଭଳି ପ୍ରସ୍ତୁତ ସେ ସମ୍ବନ୍ଧରେ ସୂଚନା ଦେଇଥିଲେ ଓ କାର୍ଯ୍ୟକ୍ରମ ଅବସରରେ ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ଚିତ୍ରାଙ୍କନ, ରଚନା, ତର୍କ ପ୍ରତିଯୋଗିତାର ସଫଳ ଛାତ୍ରଛାତ୍ରୀ ତଥା ମିନି ମାରାଥନ୍‌ରେ ଉଭୟ ପୁରୁଷ ଓ ମହିଳା ବର୍ଗରେ କୃତିତ୍ୱ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଏବଂ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାଶେଷରେ ଅଗ୍ନିଶମ ବିଭାଗ ଅଧିକାରୀ ଓ ଅଗ୍ନିକମାନେ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ କିଭଳି ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇପାରିବ ଏବଂ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଭାବରେ ଜନସାଧାରଣଙ୍କୁ ଉଦ୍ଧାର କରିହେବ ତାର ନମୁନା ପ୍ରଦର୍ଶନ କରିଥିଲେ। ଆୟୋଜିତ ସଭାରେ ତଥା କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ପଦାଧିକାରୀ, ଅଗ୍ନିଶମ ବିଭାଗର କର୍ମଚାରୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ସଦସ୍ୟା ଓ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

## ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଉପଲକ୍ଷେ ପଥ ଉତ୍ସବ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି ଗାନ୍ଧିଛକ, ମେଡିକାଲ୍ ଛକ ଓ କୁସୁମା ଦେଇ ସହର ପରିକ୍ରମା କରି ଗୌତମ ବୁଦ୍ଧ ସଂସ୍କୃତି ଭବନ ନିକଟରେ ପହଞ୍ଚିଥିଲା । ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଓ ଉପ ଜିଲ୍ଲାପାଳ ଅଂଶୁମାନ ଶତପଥୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ସୂଚନାଯୋଗ୍ୟ ଯେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଅକ୍ଟୋବର ୨୯ ତାରିଖ ଠାରୁ ୨୮ ନଭେମ୍ବର-୨୦୨୪ ପର୍ଯ୍ୟନ୍ତ ଚାଲୁ ରହିଛି ଓ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ନିର୍ଭୁଲ ଓ ଶୁଦ୍ଧ ଭୋଟର ତାଲିକାର ଆବଶ୍ୟକତା ରହିଛି । ତେଣୁ ବିଶେଷ ଅଭିଯାନ ଦିବସ ଭାବେ ନଭେମ୍ବର-୨, ୧୦, ୧୬ ଓ ୨୪ ତାରିଖରେ ନିଜ ଘର ପାଖ ବୁଥ୍‌ରେ ଭୋଟର ତାଲିକାରେ ନାମ ଯୋଗ ଓ ସଂଶୋଧନ କରିବା ନିମନ୍ତେ ଏହି ସଚେତନତା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଏହି ଦିବସ ମାନଙ୍କରେ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ନୂତନ ନାମ ପଞ୍ଜିକରଣ ଓ ସଂଶୋଧନ ପାଇଁ ଆବେଦନ ଗ୍ରହଣ କରିବେ । ଜାନୁଆରୀ ୧, ୨୦୨୫ ସୁଦ୍ଧା ଯେଉଁମାନଙ୍କ ବୟସ ୧୮ ବର୍ଷ ହେଉଥିବ ସେମାନେ ମଧ୍ୟ ଆବେଦନ କରିପାରିବେ । ଭୋଟର ହେଲ୍ପ ଲାଇନ୍ ଆପ୍ ମାଧ୍ୟମରେ ନାମ ପଞ୍ଜିକରଣ କରିପାରିବେ । ପଦ ଯାତ୍ରାର ଅଂଶଗ୍ରହଣକାରୀମାନେ ସହର ପରିକ୍ରମା କରି ସଂସ୍କୃତି ଭବନରେ ପହଞ୍ଚିଥିଲେ ଓ ସେଠାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୫ ନିମନ୍ତେ ଆୟୋଜିତ ସାଧାରଣ ସଭାରେ ଉପଜିଲ୍ଲାପାଳ ଅଂଶୁମାନ ଶତପଥି ସଭା ପରିଚାଳନା କରିଥିଲେ । ଭୋଟରମାନେ ନିକଟସ୍ଥ ବୁଥ୍‌ରେ ଭୋଟର ତାଲିକାରେ ନାମ ଯୋଗ ଓ ସଂଶୋଧନ କରିବାକୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ସମସ୍ତଙ୍କୁ ଅନୁରୋଧ ରଖିବା ସହ ସଚେତନତାର ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ । ପଦ ଯାତ୍ରା, ପଥ ଉତ୍ସବ ଓ ସଭା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲ, ତହସିଲଦାର ଅରବିନ୍ଦ ବେହେରା, ଡେପୁଟି କଲେକ୍ଟର (ନିର୍ବାଚନ) ରଶ୍ମି ରଞ୍ଜନ ମଲ୍ଲିକ, ଶାଶ୍ୱତୀ ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ,ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ। ବିଶିଷ୍ଟ ପାଲାଗାୟକ ଜଗବନ୍ଧୁ ଓଝା ଓ ସାଥୀମାନେ ପାଲା ମାଧ୍ୟମରେ ସଚେତନତା ବାର୍ତ୍ତା ପରିବେଷଣ କରିଥିଲେ।

# ନ୍ୟୁଜିଲ୍ୟାଣ୍ଡ ୯ ୱିକେଟରେ ୧୪୩ ରନ୍‌ରେ ଅଗ୍ରଣୀ : ଭାରତ ପାଇଁ ବଡ଼ ସୁଯୋଗ

**ମୁମ୍ବାଇ**

ରୋମାଞ୍ଚ କର ସ୍ଥିତିରେ ମୁମ୍ବାଇ ଟେଷ୍ଟ ସମ୍ମାନ ରକ୍ଷା ପାଇଁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ତୃତୀୟ ଟେଷ୍ଟ ଖେଳୁଥିବା ଟିମ ଇଣ୍ଡିଆ ଅପେକ୍ଷାକୃତ ସହଜ ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ୨୮ ରନର ଗୁରୁତ୍ୱପୂର୍ଣ୍ଣ ଲିଡ୍ ପାଇଥିବା ଭାରତ ଦ୍ୱିତୀୟ ଇନିଂସରେ ନ୍ୟୁଜିଲ୍ୟାଣ୍ଡର ୯ ବ୍ୟାଟରଙ୍କୁ ପ୍ୟାଭିଲିୟନ ପଠାଇ ଦେଇଛି।

୨-୦ରେ ଟେଷ୍ଟ ସିରିଜକୁ କବଜା କରି ସାରିଥିବା ନ୍ୟୁଜିଲ୍ୟାଣ୍ଡ ଦ୍ୱିତୀୟ ଇନିଂସରେ ୧୪୩ ରନର ଲିଡ୍ ହାସଲ କରି ନେଇଛି । ହାତରେ ଆଉ ଗୋଟିଏ ୱିକେଟ ଥିବାରୁ ଦଳ ଯଥାସମ୍ଭବ ଲିଡ୍‌କୁ ୨୦୦ ରନର ନିକଟବର୍ତ୍ତୀ କରିବାକୁ ଚେଷ୍ଟା କରିବ। ମୁମ୍ବାଇର ଟର୍ଣ୍ଣିଂ ଟ୍ରାକରେ ମାତ୍ର ଗୋଟିଏ ଥର ୧୦୦ରୁ ଅଧିକ ରନ ଚେଜ ହୋଇଥିବାରୁ ଭାରତ ପାଇଁ ମ୍ୟାଚ୍ ଜିତିବା ସହଜ ହେବ ନାହିଁ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି।

ଦ୍ୱିତୀୟ ଦିନରେ ମୋଟ ୧୫ଟି ୱିକେଟ ପଡିଛି। ପ୍ରଥମ ଦିନରେ ୧୪ଟି ୱିକେଟ ପଡିଥିଲା। ତେଣୁ ମୁମ୍ବାଇର ୱାଙ୍ଖେଡେ ପିଚ୍ ବୋଲରଙ୍କୁ ସୁହାଇବାରେ ଲାଗିଛି । ଭାରତ ଦ୍ୱିତୀୟ ଦିନରେ ତାର ପ୍ରଥମ ଇନିଂସରେ ୬ଟି ୱିକେଟ ହରାଇଥିବା ବେଳେ ନ୍ୟୁଜିଲ୍ୟାଣ୍ଡର ୯ ଜଣ ବ୍ୟାଟର ଆଉଟ ହୋଇଛନ୍ତି।

ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ତାର ଦ୍ୱିତୀୟ ଇନିଂସରେ ୯ ୱିକେଟ ହରାଇ ୧୭୧ ରନ କରିଛି । ଦିବସର ଶେଷ ବ୍ୟାଟର ଭାବେ ମ୍ୟାଟ ହେନରୀ ୧୦ ରନ କରି ଆଉଟ ହେବା ପରେ ଅମ୍ପାୟାର ଷ୍ଟମ୍ପ ଅପସାରଣ କରିଛନ୍ତି । ଏହି ସମୟରେ ଏଜାଜ ପଟେଲ ୭ ରନ କରି ରହିଥିଲେ।



ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମଧ୍ୟରେ ବଲରେ କମାଲ କରିଛନ୍ତି ରବୀନ୍ଦ୍ର ଜାଡେଜା। ସେ ଏକାକୀ ୪ ୱିକେଟ ନେଇଥିବା ବେଳେ ତାଙ୍କ ସିନିୟର ଯୋଡ଼ି ରବି ଅଶ୍ୱିନଙ୍କ ଖାତାକୁ ୩ ୱିକେଟ ଯାଇଛି। ଆକାଶ ଦୀପ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏଁ ସଫଳତା ପାଇଛନ୍ତି।

ପ୍ରଥମ ଇନିଂସରେ ଜାଡେଜା ୫ଟି ଓ ୱାଶିଂଟନ ସୁନ୍ଦର ୪ଟି ୱିକେଟ ନେଇଥିଲେ। ନ୍ୟୁଜିଲ୍ୟାଣ୍ଡ ପାଇଁ ଦ୍ୱିତୀୟ ଇନିଂସରେ ୱିଲ ୟଙ୍ଗ ପୁଣି ଅର୍ଦ୍ଧଶତକ ହାସଲ କରିଛନ୍ତି । ହେଲେ ସେ ୫୧ ରନ କରି ଅଶ୍ୱିନଙ୍କ ବଲରେ ଆଉଟ ହୋଇଯାଇଛନ୍ତି।

ଭାରତ ୮୬/୪ରୁ ଖେଳ ଆରମ୍ଭ କରିଥିଲା। ଶୁବମନ ଗିଲଙ୍କ ୯୦ ଓ ଋଷଭ ପନ୍ତଙ୍କ ୬୦ ରନ ବଳରେ ଭାରତୀୟ ଟିମ ଟି ବ୍ରେକ ପୂର୍ବରୁ ୨୬୩ ରନ କରି ଅଲଆଉଟ ହୋଇଯାଇଥିଲା। ନ୍ୟୁଜିଲ୍ୟାଣ୍ଡ ପାଇଁ ଏଜାଜ ପଟେଲ ସର୍ବାଧିକ ୫ ୱିକେଟ ନେଇଥିଲେ।

ଭାରତ ୨୬୩ ରନରେ ଅଲଆଉଟ ହୋଇଥିଲେ ହେଁ ଗୁରୁତ୍ୱପୂର୍ଣ୍ଣ ୨୮ ରନର ଲିଡ ହାସଲ କରିଥିଲା।

ନ୍ୟୁଜିଲ୍ୟାଣ୍ଡ ତାର ଦ୍ୱିତୀୟ ଇନିଂସ ଆରମ୍ଭରୁ ଅଧିନାୟକ ଟମ ଲାଥମ(୨)ଙ୍କୁ ହରାଇଥିଲା। ତାଙ୍କ ୱିକେଟ ଆକାଶ ଦୀପ ନେଇଥିଲେ। ଟି ବ୍ରେକ ପରେ କମାଲ କରିଥିଲେ ଅଶ୍ୱିନ ଓ ଜାଡେଜା ଯୋଡ଼ି। ଏହାପୂର୍ବରୁ ୱାଶିଂଟନ ସୁନ୍ଦର ୨୨ ରନ କରିଥିବା ଡେଭନ କନୱେଙ୍କ ୱିକେଟ ନେଇଥିଲେ ରଚିନ ରବୀନ୍ଦ୍ର(୪) ଅଶ୍ୱିନଙ୍କ ଶିକାର ବନିବା ପରେ ନ୍ୟୁଜିଲ୍ୟାଣ୍ଡ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲା।

ଡାରେଲ ମିଚେଲ ଓ ୟଙ୍ଗ ୪ର୍ଥ ୱିକେଟ ପାଇଁ ୫୦ ରନ ଯୋଡ଼ିଥିଲେ। ହେଲେ ୨୧ ରନ କରିଥିବା ମିଚେଲଙ୍କୁ ଜାଡେଜା ଚମତ୍କାର ଢଙ୍ଗରେ ଅଶ୍ୱିନଙ୍କ ବଲରେ ଆଉଟ କରି ଦେଇଥିଲେ। ଏହାପରେ ୱିକେଟ ପଡ଼ିବା ଆରମ୍ଭ ହୋଇଥିଲା।

ଟମ ବ୍ଲଣ୍ଡେଲ(୪), ଗ୍ଲେନ ଫିଲିପ୍ସ(୨୬) ଓ ଇଶ ଶୋଢ଼ି(୮) ୧୪୮ ରନ ଭିତରେ ଆଉଟ ହୋଇଥିଲେ। ଏହାପରେ ୫୧ ରନ କରିଥିବା ୟଙ୍ଗଙ୍କୁ ଅଶ୍ୱିନ ଆଉଟ କରି ବଡ଼ ବିପର୍ଯ୍ୟୟ ଘଟାଇଥିଲେ। ଏଜାଜ ପଟେଲ ଓ ହେନରୀ ୯ମ ୱିକେଟ ପାଇଁ ୨୧ ରନ ଯୋଡ଼ିଥିଲେ ହେଁ ଏହାକୁ ଜାଡେଜା ଭାଙ୍ଗି ଦେଇଥିଲେ। ହେନରୀ ୧୦ ରନ କରି ଜାଡେଜାଙ୍କ ବଲରେ ବୋଲ୍ଡ ହେବା କ୍ଷଣି ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ହୋଇଥିଲା।

## ୧୦ ବର୍ଷ ପରେ ଚେନ୍ନାଇକୁ ଫେରିବେ

### ଧୋନୀ-ଜାଡେଜାଙ୍କ ସହ ଆଇପିଏଲ ୨୦୨୫ରେ ଆସିବେ ନଜର



**ନୂଆଦିଲ୍ଲୀ**

ଆଇପିଏଲ ୨୦୨୫ର ରିଟେଶନ ତାଲିକା ପ୍ରକାଶ ପାଇବା ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଚର୍ଚ୍ଚାରେ ଥିଲା ଏବଂ ରିଟେଶନ ତାଲିକା ପ୍ରକାଶ ପାଇବା ପରେ ମଧ୍ୟ ଦଳ ଚର୍ଚ୍ଚାରେ ଅଛି । ପୂର୍ବରୁ ଏମଏସ ଧୋନୀ ଆଲୋଚନାର କେନ୍ଦ୍ର ଥିଲେ, ଆଉ ଏବେ ରବିଚନ୍ଦ୍ରନ ଅଶ୍ୱିନ। ଚେନ୍ନାଇ ଏମଏସ ଧୋନୀ, ଋତୁରାଜ ଗାଏକ୍ୱାଡ, ଶିବମ ଦୁବେ, ରବିନ୍ଦ୍ର ଜାଡେଜା ଏବଂ ମଥିଶା ପାଥିରାନାଙ୍କୁ ରିଟେନ କରିଛି । ବର୍ତ୍ତମାନ ନିଲାମ ପାଇଁ ସିଏସ୍‌କେର ପର୍ସରେ ୫୫ କୋଟି ଟଙ୍କା ବାକି ଅଛି।

ଟାଇମ୍ସ ଅଫ ଇଣ୍ଡିଆ ଅନୁଯାୟୀ ଚେନ୍ନାଇ ସୁପର କିଙ୍ଗ୍ସ ସମେତ ଅନ୍ୟ ଅନେକ ଦଳ ୱିକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଉପରେ ବ୍ୟାଟିଂ କରିପାରନ୍ତି। ତାଙ୍କ ବ୍ୟତୀତ ସିଏସ୍‌କେ ରବିଚନ୍ଦ୍ରନ ଅଶ୍ୱିନ୍‌ଙ୍କୁ ଫେରାଇ ଆଣିବାର ମନୋବଳ ଥିବା ପରି ମନେ ହେଉଛି। ଅଶ୍ୱିନ ଚେନ୍ନାଇ ପାଇଁ ୮ଟି ସିଜନ ଖେଳିସାରିଛନ୍ତି।

ଅଶ୍ୱିନ ଏକ ସାକ୍ଷାତକାରରେ କହିଥିଲେ ଯେ ସେ ପୁଣି ଥରେ ତାଙ୍କ ପୁରୁଣା ଦଳ ଯଥା ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିବାକୁ ଚାହୁଁଛନ୍ତି । ଏହି ସମୟରେ, ଏକ ଅପଡେଟ ମଧ୍ୟ ଅଛି ଯେ ସିଏସ୍‌କେ ଫ୍ରାଞ୍ଚାଇଜ ନ୍ୟୁଜିଲ୍ୟାଣ୍ଡର ବିସ୍ଫୋରକ ଓପନିଂ ବ୍ୟାଟ୍ସମ୍ୟାନ ଡିଭନ କନୱେଙ୍କ ଉପରେ ମ୍ୟାଚ କାର୍ଡ ଖେଳିପାରେ। ଆଙ୍ଗୁଠିରେ ଆଘାତ ହେତୁ କନୱେ ଗତ ସିଜନରେ ଖେଳିପାରିନଥିଲା, କିନ୍ତୁ ଆଇପିଏଲ ୨୦୨୩ରେ ସେ ହାରାହାରି ୫୧.୬୯ରେ ୬୭୨ ରନ ସ୍କୋର କରିଥିଲେ।

# ଜି-୨୦ ଡିଆରଆରଡବ୍ଲୁଜି ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେଲେ ଭାରତୀୟ ପ୍ରତିନିଧି ଦଳ




**ନୂଆଦିଲ୍ଲୀ**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଭାରତୀୟ ପ୍ରତିନିଧି ଦଳ ବ୍ରାଜିଲର ବେଲେମ ଠାରେ ଅକ୍ଟୋବର ୩୦ ରୁ ନଭେମ୍ବର ପହିଲା ପର୍ଯ୍ୟନ୍ତ ଅନୁଷ୍ଠିତ ଜି- ୨୦ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟକାରୀ ଗୋଷ୍ଠୀ (ଡିଆରଆରଡବ୍ଲୁଜି) ମନ୍ତ୍ରୀସ୍ତରୀୟ ବୈଠକରେ ଅଂଶଗ୍ରହଣ କରିଛନ୍ତି।

ଭାରତୀୟ ପ୍ରତିନିଧି ଦଳର ସକ୍ରିୟ ଅଂଶଗ୍ରହଣ ସହିତ ବିପର୍ଯ୍ୟୟ ବିପଦ ହ୍ରାସ ଉପରେ ପ୍ରଥମ ମନ୍ତ୍ରୀସ୍ତରୀୟ ଘୋଷଣାନାମାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ସହମତି ପ୍ରକାଶ ପାଇଛି । ବିଭିନ୍ନ ମନ୍ତ୍ରୀସ୍ତରୀୟ ଅଧିବେଶନରେ ଡଃ ପି. କେ. ମିଶ୍ର ବିପର୍ଯ୍ୟୟ ବିପଦକୁ ହ୍ରାସ କରିବା ଏବଂ ଭାରତରେ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଅର୍ଥ ଯୋଗାଣକୁ ବୃଦ୍ଧି କରିବା ଦିଗରେ ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟର ଅଗ୍ରଗତି ବିଷୟରେ ବର୍ଣ୍ଣନା କରିଥିଲେ।

ଡକ୍ଟର ପି. କେ. ମିଶ୍ର ବିପର୍ଯ୍ୟୟ ବିପଦ ହ୍ରାସ (ଡିଆରଆର) ପାଇଁ ଭାରତର ସକ୍ରିୟ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଜି-୨୦ର ଭାରତୀୟ ଅଧ୍ୟକ୍ଷତା ସମୟରେ ନିର୍ଦ୍ଧାରିତ ହୋଇଥିବା ଡିଆରଆରଡବ୍ଲୁଜିର ପାଞ୍ଚଟି ପ୍ରାଥମିକତା ଉପରେ ଆଧାରିତ, ଯଥା ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି, ଡିଆରଆର ଫାଇନାନ୍ସିଂ, ପ୍ରତିରୋଧୀ ଭିତ୍ତିଭୂମି ଏବଂ ପ୍ରକୃତି ଭିତ୍ତିକ ସମାଧାନ । ବିପର୍ଯ୍ୟୟ ମୁକାବିଲା ଭିତ୍ତିଭୂମି କ୍ଷେତ୍ରରେ ସେ ପ୍ରଧାନମନ୍ତ୍ରୀଙ୍କ ବିପର୍ଯ୍ୟୟ ମୁକାବିଲା ଭିତ୍ତିଭୂମି ପାଇଁ ମିଳିତ ଭିତ୍ତିଭୂମି (ସିଡିଆରଆଇ)ର ବିଶ୍ୱସ୍ତରୀୟ ପଦକ୍ଷେପକୁ ସାମିଲ କରିଥିଲେ, ଯେଉଁଥିରେ ବର୍ତ୍ତମାନ ୪୦ଟି ଦେଶ ଏବଂ ୭ଟି ଅନ୍ତର୍ଜାତୀୟ ସଂଗଠନ ସଦସ୍ୟ ଅଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ସେଣ୍ଡାଇ ଫ୍ରେମୱାର୍କ ପ୍ରତି ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ବିଶ୍ୱସ୍ତରରେ ବିପର୍ଯ୍ୟୟ ମୁକାବିଲା ବୃଦ୍ଧି ପାଇଁ ଜ୍ଞାନ ଆଦାନପ୍ରଦାନ, ପ୍ରଯୁକ୍ତି ଦେଣନେଣ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ଅନ୍ତର୍ଜାତୀୟ ସହଯୋଗ ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ ।

ଭାରତୀୟ ପ୍ରତିନିଧି ଦଳ ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକାର ମନ୍ତ୍ରୀଙ୍କ ସହ ଟ୍ରୋଇକା ବୈଠକରେ ଅଂଶଗ୍ରହଣ କରିଥିଲେ ଏବଂ ଆୟୋଜକ ଦେଶ ବ୍ରାଜିଲ ଏବଂ ଅନ୍ୟାନ୍ୟ ଦେଶ ଯଥା ଜାପାନ, ନରୱେ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ, ଜର୍ମାନୀ ଏବଂ ନିମନ୍ତ୍ରିତ ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ।

ଅତ୍ୟଧିକ ଉତ୍ତାପ ଉପରେ ୟୁଏନଏସଜିର ଆହ୍ୱାନରେ ପ୍ରତିକ୍ରିୟା ପ୍ରକାଶ କରି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ସ୍ଥାନୀୟ ପରିସ୍ଥିତି ଅନୁଯାୟୀ ପାରମ୍ପରିକ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେବା ସହିତ ନିଆଯାଉଥିବା ଅଭିଜ୍ଞତା ଏବଂ ପଦକ୍ଷେପ ବିଷୟରେ ଜଣାଇଥିଲେ।

୨୦୨୩ରେ ଜି-୨୦ ର ଅଧ୍ୟକ୍ଷତା ସମୟରେ ଭାରତର ଉଦ୍ୟମରେ ପ୍ରଥମ ଡିଆରଆରଡବ୍ଲୁଜି ପ୍ରତିଷ୍ଠା କରାଯାଇଥିଲା। ଡଃ ମିଶ୍ର ଡିଆରଆରଡବ୍ଲୁଜିକୁ ଜାରି ରଖିବା ଏବଂ ଏହାକୁ ମନ୍ତ୍ରୀ ସ୍ତରକୁ ବୃଦ୍ଧି କରିବା ପାଇଁ ବ୍ରାଜିଲ ପ୍ରେସିଡେନ୍ସିକୁ ଅଭିନନ୍ଦନ ଜଣାଇଥିଲେ ଏବଂ ଆସନ୍ତା ବର୍ଷ ହେବାକୁ ଥିବା ଜି-୨୦ ଅଧ୍ୟକ୍ଷତାରେ ଡିଆରଆରଡବ୍ଲୁଜି ଉପରେ ଦକ୍ଷିଣ ଆଫ୍ରିକା ପ୍ରତି ଭାରତର ସମର୍ଥନକୁ ଦୋହରାଇଥିଲେ।

ଭାରତର ଅଂଶଗ୍ରହଣ ବୈଶ୍ୱିକ ଡିଆରଆର ପ୍ରୟାସରେ ଏହାର ବୃଦ୍ଧି ପାଉଥିବା ଭୂମିକା ଏବଂ ଏକ ସୁରକ୍ଷିତ ଏବଂ ଅଧିକ ସ୍ଥିର ବିଶ୍ୱ ଗଠନ ପାଇଁ ଏହାର ପ୍ରତିବଦ୍ଧତାକୁ ଦର୍ଶାଏ।

## ରାଜ୍ୟସ୍ତରୀୟ ଭାରୋତ୍ତଳନ ପ୍ରତିଯୋଗିତା
## ଆଲିଶାଙ୍କୁ ଦୁଇଟି ସ୍ୱର୍ଣ୍ଣପଦକ

**ବାରିପଦା : ନ୍ୟୁଜ୍ ବ୍ୟୁରୋ**

ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଭାରୋତ୍ତଳନ ପ୍ରତିଯୋଗିତା, ୨୦୨୪ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୁର ସ୍ଥିତ ଭରାହଗିରି ଭେଙ୍କେଟେ ଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅକ୍ଟୋବର ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଅଛି । ଏହି ଭାରୋତ୍ତଳନ ପ୍ରତିଯୋଗିତାରେ ୫୯ କେ. ଜି. ଓଜନ ବିଭାଗର ୧୭ ବର୍ଷରୁ କମ ବାଳିକା ବିଭାଗରେ ବାରିପଦାବ୍ଲକ ଅନ୍ତର୍ଗତ ରାଗଧାସ୍ଥିତ ଶ୍ରୀରାମଚନ୍ଦ୍ରଭଞ୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ରୀ ଆଲିଶା ବେହେରା ୬୨ ଓ ୭୬ କେ.ଜି. ମୋଟ ୧୩୮ କେ. ଜି. ଓଜନର ଭାରୋତ୍ତଳନ କରି ସମଗ୍ର ଓଡିଶା ରାଜ୍ୟରେ ପ୍ରଥମ ହୋଇ ଦୁଇଟି ସ୍ୱର୍ଣ୍ଣ ପଦକ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି ଓ ସମଗ୍ର ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି । ଏଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ଶ୍ରୀରାମଚନ୍ଦ୍ରଭଞ୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଗଧାର ଅଧକ୍ଷ ଅନନ୍ତ ନାରାୟଣ ମିଶ୍ର ଓ ଉକ୍ତ ମାଧ୍ୟମିକ ବିଦ୍ୟାଳୟର ପିଇଟି ରାମଚନ୍ଦ୍ର ବେଶ୍ରା, ସମସ୍ତ ଅଧାପକ ଅଧାପିକା, ଅଫିସ ସହାୟକ, ଶିକ୍ଷା କର୍ମଚାରୀ, ବିଦ୍ୟାଳୟ କମିଟିର ସମସ୍ତ ସଦସ୍ୟ, ଆଲୁମିନ ମେମ୍ବର ପ୍ରମୁଖ ଛାତ୍ରୀ ଆଲିଶା ବେହେରାଙ୍କୁ ଶୁଭେଚ୍ଛା ଜଣେଇଛନ୍ତି।

# ଗୋଟିଏ ଓଭରରେ ୬ ଛକା ସହ ୩୭ ରନ ଦେଲେ ରବିନ ଉଥାପ୍ପା



**ନୂଆଦିଲ୍ଲୀ**

ବୋପାରା ଓ ସମିତ ପଟେଲଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଇଂଲଣ୍ଡ ୬ ଓଭରରେ ଗୋଟିଏ ୱିକେଟ ହରାଇ ୧୨୦ ରନ କରିଥିଲା।

ଇଂଲଣ୍ଡର ପୂର୍ବତନ ଅଲରାଉଣ୍ଡର ରବି ବୋପାରା ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛନ୍ତି । ସେ ଗୋଟିଏ ଓଭରରେ କ୍ରମାଗତ ୬ ଛକା ମାରିବାର ଭିଡିଓ ଏବେ ବେଶ ଚର୍ଚ୍ଚାରେ ରହିଛି।

ସେ ଜଣେ ପୂର୍ବତନ ଭାରତୀୟ କ୍ରିକେଟରଙ୍କ ବଲରେ ଏପରି ରେକର୍ଡ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସାଧାରଣତଃ ବୋଲିଂ କରୁ ନଥିବା ରବିନ ଉଥାପ୍ପାଙ୍କ ବଲରେ ରବି ବୋପାରା ୬ ଛକା ମାରିଛନ୍ତି । ଉଥାପ୍ପା ଗୋଟିଏ ଓଭରରେ ୬ ଛକା ସହ ମୋଟ ୩୭ ରନ ଦେଇଛନ୍ତି। ହଂକଂ ସିକ୍ସେସ ଟୁର୍ଣ୍ଣାମେଣ୍ଟରେ ଏପରି ଘଟଣା ଘଟିଛି।

ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬ ଜଣ ଖେଳାଳି ଖେଳିବାର ନିୟମ ରହିଛି। ଭାରତ ଓ ଇଂଲଣ୍ଡ ପରସ୍ପରକୁ ଗୋଟିଏ ମ୍ୟାଚ୍‌ରେ ଭେଟିଥିବା ବେଳେ ଉଥାପ୍ପା ୬ଟି ଲିଗାଲ ବଲରେ ୬ଟି ଛକା ଓ ଗୋଟିଏ ୱାଇଡ ପକାଇଥିଲେ। ବୋପାରା ମଧ୍ୟ ୧୪ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ।

ଉଥାପ୍ପାଙ୍କ ପ୍ରଥମ ୫ଟି ବଲରୁ ବୋପାରା ୫ଟି ଛକା ମାରିଥିଲେ। ପରବର୍ତ୍ତୀ ବଲ ୱାଇଡ ହୋଇଥିଲା। ସେହିପରି ଶେଷ ବଲରେ ବୋପାରା ପୁଣି ଏକ ଛକା ମାରିଥିଲେ।

ପରବର୍ତ୍ତୀ ଓଭରରେ ବୋପାରା ଭାରତର ଶାହବାଜ ନଦୀମଙ୍କୁ ସାମ୍ନା କରିଥିଲେ। ତାଙ୍କର ପ୍ରଥମ ବଲକୁ ମଧ୍ୟ ସେ ବାଉଣ୍ଡରୀ ବାହାରକୁ ପଠାଇ ଦେଇଥିଲେ। ଏହାର ଅର୍ଥ ସେ ୭ ବଲରେ ୭ ଛକା ମାରିଛନ୍ତି।

ହଂକଂ ସିକ୍ସେସ ଟୁର୍ଣ୍ଣାମେଣ୍ଟରେ ବୋପାରା ଇଂଲଣ୍ଡର କମାଣ ସମ୍ଭାଳିଛନ୍ତି। ସେ ଭାରତ ବିପକ୍ଷ ମ୍ୟାଚରେ ୧୪ ବଲରେ ୫୩ ରନ କରିବା ପରେ ନିୟମ ଅନୁସାରେ ରିଟାର୍ଡ ହୋଇଥିଲେ। ସମିତ ପଟେଲ ମଧ୍ୟ ବୋପାରାଙ୍କ ସାଥ ଦେଇ ୧୮ ବଲରେ ୫୧ ରନର ଇନିଂସ ଖେଳିଛନ୍ତି।

ବୋପାରା ଓ ସମିତ ପଟେଲଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଇଂଲଣ୍ଡ ୬ ଓଭରରେ ଗୋଟିଏ ୱିକେଟ ହରାଇ ୧୨୦ ରନ କରିଥିଲା । ଏହାର ଜବାବରେ କେଦାର ଯାଦବ ୧୫ ବଲରେ ଅପରାଜିତ ୪୮ ରନର ଇନିଂସ ଖେଳିଥିଲେ ହେଁ ଭାରତ କେବଳ ୧୦୫ ରନ କରିପାରି ଥିଲା। ଫଳରେ ଦଳକୁ ୧୫ ରନରେ ହାରିବାକୁ ପଡ଼ିଥିଲା।

# ଆଇପିଏଲ ନିଲାମରୁ ଓହରିପାରନ୍ତି ବେନ ଷ୍ଟୋକ୍ସ

**ନୂଆଦିଲ୍ଲୀ**

ଇଂଲଣ୍ଡର ଖେଳାଳି ବେନ ଷ୍ଟୋକ୍ସ ଆଇପିଏଲ ୨୦୨୫ରେ ଖେଳିନପାରନ୍ତି । ମେଗା ନିଲାମରେ ଭାଗ ନେବାକୁ ବୋଧେ ତାଙ୍କର ଇଚ୍ଛା ନାହିଁ । ଏକ ରିପୋର୍ଟ ଅନୁଯାୟୀ ଇଂଲଣ୍ଡ କ୍ରିକେଟ ଦଳ ପାଇଁ ବେନ ଷ୍ଟୋକ୍ସ ଏହି ନିଷ୍ପତ୍ତି ନେଇପାରନ୍ତି। ସେ ଶେଷ ଥର ପାଇଁ ଆଇପିଏଲ ୨୦୨୩ ରେ ଖେଳିଥିଲେ । ସେ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଖେଳିଥିବାବେଳେ ଏହା ପରେ, ୨୦୨୪ ସିଜିନରେ ନିଜ ନାମ ପ୍ରତ୍ୟାହାର କରିନେଇଥିଲେ। ବର୍ତ୍ତମାନ ଷ୍ଟୋକ୍ସ ପୁଣି ଥରେ ଆଇପିଏଲ ଛାଡିପାରନ୍ତି । ଏହାର ଗୋଟିଏ କାରଣ ବିସିସିଆଇ ନିୟମ ମଧ୍ୟ ହୋଇପାରେ।

ଟେଲିଗ୍ରାଫର ଏକ ଖବର ଅନୁଯାୟୀ, ବେନ ଷ୍ଟୋକ୍ସ ଆଇପିଏଲ ୨୦୨୫ର ମେଗା ନିଲାମ ପାଇଁ ତାଙ୍କ ନାମ ଦେଖିବା ମୁଡ଼ରେ ନାହାନ୍ତି । ସେ ଇଂଲଣ୍ଡ ଦଳର ଆଗାମୀ ଟେଷ୍ଟ ମ୍ୟାଚ ପାଇଁ ଆଇପିଏଲ ଛାଡିପାରନ୍ତି । ଇଂଲଣ୍ଡ ଦଳର କାର୍ଯ୍ୟସୂଚୀ ବହୁତ ବ୍ୟସ୍ତ ହେବାକୁ ଯାଉଛି। ଏହି କାରଣରୁ ସେ ଏହାକୁ ଛାଡିପାରନ୍ତି । ବାସ୍ତବରେ ବିସିସିଆଇ ଆଇପିଏଲରେ ଏକ ଗୁରୁତ୍ୱପୂର୍ଣ୍ଣ ନିୟମ ଯୋଡିଛି। ଯଦି କୌଣସି ଖେଳାଳି ନିଲାମରେ ବିକ୍ରି ହେବା ପରେ ତାଙ୍କ ନାମ ପ୍ରତ୍ୟାହାର କରନ୍ତି, ତେବେ ତାଙ୍କୁ ଦୁଇଟି ସିଜିନରୁ ବ୍ୟାନ କରାଯିବ । ଏହି ନିୟମ ପୂର୍ବରୁ, ଅନେକ ବିଦେଶୀ ଖେଳାଳି ନିଲାମରେ ବିକ୍ରି ହେବା ପରେ ସେମାନଙ୍କ ନାମ ପ୍ରତ୍ୟାହାର କରୁଥିଲେ । ଏଭଳି ପରିସ୍ଥିତିରେ ଦଳଗୁଡିକ କ୍ଷତି ସହିଥିଲେ। ତେଣୁ ଏହା ମଧ୍ୟ ସମ୍ଭବ ଯେ ଷ୍ଟୋକ୍ସ ଏହି କାରଣରୁ ନାମ ନ ଦେବା ପାଇଁ ନିଷ୍ପତ୍ତି ନେଇଥିବେ।

ବେନ ଷ୍ଟୋକ୍ସଙ୍କର ଏପର୍ଯ୍ୟନ୍ତ ଭଲ ରେକର୍ଡ ରହିଛି। ସେ ଜଣେ ଶକ୍ତିଶାଳୀ ଅଲରାଉଣ୍ଡର ହୋଇଛନ୍ତି। ଷ୍ଟୋକ୍ସ ଏପର୍ଯ୍ୟନ୍ତ ଆଇପିଏଲରେ ୪୫ଟି ମ୍ୟାଚ ଖେଳିଛନ୍ତି । ଏହି ଅବଧି ମଧ୍ୟରେ ୯୩୫ ରନ ସ୍କୋର କରିଛନ୍ତି। ସେ ଏହି ଟୁର୍ଣ୍ଣାମେଣ୍ଟରେ ୨ ଶତକ ଏବଂ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଷ୍ଟୋକ୍ସ ମଧ୍ୟ ଆଇପିଏଲରେ ୨୮ଟି ୱିକେଟ ନେଇଛନ୍ତି । ଷ୍ଟୋକ୍ସଙ୍କ ଶ୍ରେଷ୍ଠ ସ୍କୋର ହେଉଛି ୧୦୭ ରନ୍।

# ଟିପିସିଓଡିଏଲ୍‌କୁ ଇନୋଭେସନ୍ ୱିଥ୍ ଇମ୍ପାକ୍ଟ ଆୱାର୍ଡ ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଆୟୋଜିତ ସମ୍ମାନଜନକ ଇନୋଭେସନ୍ ୱିଥ୍ ଇମ୍ପାକ୍ଟ ଆୱାର୍ଡସ ୨୦୨୪ରେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପ୍ରଦର୍ଶନରେ ଉନ୍ନତି ପାଇଁ ପ୍ରଥମ ସ୍ଥାନ ହାସଲ କରିଛି। ଟିପିସିଓଡିଏଲ୍ ମଧ୍ୟ ଆହ୍ୱାନପୂର୍ଣ୍ଣ ରାଜ୍ୟ ବର୍ଗରେ ସାମଗ୍ରିକ ଭାବେ ଦ୍ୱିତୀୟ ସ୍ଥାନ ହାସଲ କରିଛି ଯାହା ବିଦ୍ୟୁତ ବିତରଣରେ ଉତ୍କର୍ଷତା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ପୂର୍ବତନ ଶକ୍ତି ସଚିବ ତଥା ସମ୍ମିଳନୀ ଓ ବିଚାରକ ମଣ୍ଡଳୀର ଅଧ୍ୟକ୍ଷ ଅନୀଲ ରାଜଦାନ ଓ ଦିଲ୍ଲୀ ବିଦ୍ୟୁତ ନିୟାମକ ଆୟୋଗର ପୂର୍ବତନ ସଦସ୍ୟ ତଥା ବିଚାରକ ମଣ୍ଡଳୀର ଅନ୍ୟତମ ସଦସ୍ୟ



ବିପି ସିଂହଙ୍କଠାରୁ ଟିପିସିଓଡିଏଲ୍ ତରଫରୁ କମ୍ପାନୀର ବିଜନେସ୍ ଏକ୍ସଲେନ୍ସ ମୁଖ୍ୟ ନିରଞ୍ଜନ ରାଉତ ଏହି ପୁରସ୍କାର ଗ୍ରହଣ କରିଛନ୍ତି। 'ଇନୋଭେସନ୍ ୱିଥ୍ ଇମ୍ପାକ୍ଟ ଆୱାର୍ଡସ ଫର୍ ଡିସକମ ୨୦୨୪' ରେ ଭାରତର ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକର ଅଭିନବ ଅଭ୍ୟାସକୁ ସ୍ୱୀକୃତି ପ୍ରଦାନ କରାଯାଇଛି । ୨୦୨୪ ଅକ୍ଟୋବର ୨୩ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ପୁରସ୍କାର ସମାରୋହରେ ଟିପିସିଓଡିଏଲ୍, ଟାଟା ପାୱାର ମୁମ୍ବାଇ ଏବଂ ଟାଟା ପାୱାର ଦିଲ୍ଲୀ ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡିଡିଏଲ୍) ଏକାଧିକ ବର୍ଗରେ ଭଲ ପ୍ରଦର୍ଶନ କରିଛନ୍ତି। ଏହି ସମ୍ମାନ ବିଦ୍ୟୁତ ବିତରଣ କ୍ଷେତ୍ରେର ଅଭିନବ ଏବଂ ଉତ୍କର୍ଷ ପ୍ରୟାସ ପ୍ରତି ଟାଟା ପାୱାରର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି । ଶକ୍ତି ମନ୍ତ୍ରଣାଳୟର ସମର୍ଥନରେ ଆୟୋଜିତ ଏହି ପୁରସ୍କାରର ଦ୍ୱାଦଶ ବାର୍ଷିକ ସଂସ୍କରଣରେ ଦେଶବ୍ୟାପୀ ୩୨ଟି ଡିସକମ୍ ଅଂଶଗ୍ରହଣ କରିଥିଲେ। ଏହି ପୁରସ୍କାର ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ନ୍ତଏହି ପୁରସ୍କାର ଆମର ପରିଚାଳନାଗତ ଉତ୍କର୍ଷତା ଏବଂ ଗ୍ରାହକ ସନ୍ତୋଷ ପାଇଁ ନିରନ୍ତର ପ୍ରୟାସର ପ୍ରମାଣ। ଏହା ସମଗ୍ର କେନ୍ଦ୍ରୀୟ ଓଡ଼ିଶାରେ ବିଦ୍ୟୁତ ବିତରଣର ଗୁଣବତ୍ତା ଏବଂ ବିଶ୍ୱସନୀୟତା ବୃଦ୍ଧି ପାଇଁ ଅଭିନବ ସମାଧାନ ପ୍ରୟୋଗ କରିବାକୁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଭଳି ସମ୍ମାନଜନକ ସ୍ୱୀକୃତି ପାଇ ଆମେ ଗର୍ବ ଅନୁଭବ କରୁଛୁ ଏବଂ ଆମେ ସେବା ଯୋଗାଉଥିବା ଅଞ୍ଚଳରେ ଅଧିକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା ଜାରି ରଖିବୁ। ଓଡ଼ିଶାର ଶକ୍ତି ବଂଟନ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଦକ୍ଷତା, ସ୍ଥାୟିତ୍ୱ ଏବଂ ସେବା ଉନ୍ନତି ଦିଗରେ ଟିପିସିଓଡିଏଲ୍‌ର ସମର୍ପଣକୁ ଏହି ସମ୍ମାନ ଦୋହରାଇଛି।

# ବିଜ୍ଞାନ ମେଳାରେ ସମସ୍ତ ବିଦ୍ୟାଳୟକୁ ସାମିଲ ପାଇଁ ଓଷ୍ଟାର ଦାବି

**ବାରିପଦା : ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା), ମୟୂରଭଞ୍ଜ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାଧ୍ୟମରେ ଶିକ୍ଷା ସଚିବଙ୍କୁ ବିଜ୍ଞାନ ମେଳା ପ୍ରଦର୍ଶନୀରେ ଏଡେଡ, ନିଉ ଏଡେଡ ଓ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟକୁ ସାମିଲ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପତ୍ର ଅନୁସାରେ ଚଳିତ ବର୍ଷ କେବଳ ସରକାରୀ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିପାରିବେ ବୋଲି ଦର୍ଶାଯାଇଛି, ଯାହା ଫଳରେ ଅନ୍ୟ ବିଦ୍ୟାଳୟର କୁନି ବୈଜ୍ଞାନିକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏଥିରୁ ବଞ୍ଚିତ ହେବେ। ପୂର୍ବ ବର୍ଷ ଭଳି ସମସ୍ତ ବିଦ୍ୟାଳୟକୁ ସାମିଲ କରିବା ପାଇଁ ଓଷ୍ଟା ପକ୍ଷରୁ ଦାବି କରାଯାଇଛି । ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପାଲତାଙ୍କ ନେତୃତ୍ୱରେ ସଂଘର ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ରଞ୍ଜିତା ରାଣୀ ଦାସ, ସୁଶାନ୍ତ କୁମାର ଗିରି, ସୁଦର୍ଶନ ବାରିକ ଓ ଭବାନୀ ଶଙ୍କର ବାଗ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଭୁବନେଶ୍ୱର
୩ ନଭେମ୍ବର
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

## ରାଧାଦାମୋଦର ବେଶରେ ଦର୍ଶନ ଦେଲେ ମହାପ୍ରଭୁ



**ପୁରୀ, ୨/୧୧ ନ୍ୟୁଜ ବ୍ୟୁରୋ**

ପୁରୀ ସହରରେ ଘନ କୁହୁଡ଼ିର ଆସ୍ତରଣ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଦର୍ଶନ କରିବାକୁ ହଜାର ହଜାର ହବିଷ୍ୟାଳିଙ୍କ ସକାଳୁ ସକାଳୁ ଭିଡ଼ ଲାଗିଥିଲା । ଏହାରି ଭିତରେ ଶନିବାର ପୁରୀରେ ପ୍ରଥମ କୁହୁଡ଼ିର ଅନୁଭବ ହୋଇଛି । କୁହୁଡ଼ିର ପ୍ରଥମ ସ୍ପର୍ଶରେ ଶ୍ରୀମନ୍ଦିର ନୀଳଚକ୍ର ସମ୍ପୂର୍ଣ୍ଣ ଦୃଶ୍ୟମାନ ହୋଇନଥିଲା । କୁହୁଡ଼ିର ଚାଦରରେ ଘୋଡେଇ ହୋଇଛି ସମ୍ପୂର୍ଣ୍ଣ ଶ୍ରୀମନ୍ଦିର ଓ ଶ୍ରୀମନ୍ଦିର ନୀଳଚକ୍ର । ଶନିବାର ଠାରୁ ମଧ ଶୀତର ପ୍ରଥମ ଅନୁଭୂତି ପୁରୀରେ ଦେଖିବାକୁ ମିଳିଛି ।

## ‘ହୀରାକୁଦ ଜଳଭଣ୍ଡାରକୁ ଶିଳ୍ପବର୍ଜ୍ୟ ଛାଡ଼ିଲେ ହେବ କାର୍ଯ୍ୟାନୁଷ୍ଠାନ’

**ସମ୍ବଲପୁର, ୨/୧୧
ନ୍ୟୁଜ ବ୍ୟୁରୋ**

ବିଶାଳ ହୀରାକୁଦ ଜଳଭଣ୍ଡାର ଦିନକୁ ଦିନ ପଟୁ ମାଟିରେ ପୋତି ହେବାରେ ଲାଗିଛି । ଅପରିଷ୍କୃତ ଶିଳ୍ପବର୍ଜ୍ୟ ଏଥିରେ ଛଡାଯିବାରୁ ଜଳ ବିଷାକ୍ତ ହେବାରେ ଲାଗିଛି । ଏଥିଯୋଗୁଁ ମାଛବଂଶ ଲୋପ ପାଇବା ସହ ଲୋକମାନେ ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି । ଏହାବ୍ୟତୀତ ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼ ଶିଳ୍ପ କରିଡରରେ ବାୟୁ ପ୍ରଦୂଷଣ ପ୍ରମୁଖ ଚିନ୍ତାର କାରଣ ପାଲଟିଛି । ଏହାକୁ ନେଇ ରାଜ୍ୟ ସରକାର ଚିନ୍ତିତ ରହିଛନ୍ତି । ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ । ଆସନ୍ତା ୩ ଦିନ ମଧ୍ୟରେ ଆନ୍ତଃଜିଲ୍ଲା ସମନ୍ୱୟ ବୈଠକ ବସିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବାତ୍ୟା ‘ଦାନା’ର ସଫଳ ମୁକାବିଲା କରାଯାଇ ଥିବାରୁ ଇଷ୍ଟଦେବୀଙ୍କୁ



କୃତଜ୍ଞତା ଜଣାଇବା ପାଇଁ ସମଲେଇ ମନ୍ଦିର ଯାଇଥିଲେ ମନ୍ତ୍ରୀ ଶ୍ରୀ ପୂଜାରୀ । ହୀରାକୁଦ ଜଳଭଣ୍ଡାରରେ ବିଷାକ୍ତ ପଦାର୍ଥ ମିଶିବାକୁ ନେଇ ସାମ୍ବାଦିକଙ୍କ ପ୍ରଶ୍ନରେ ସେ କହିଥିଲେ, ଏ ବାବଦରେ ମୁଁ ବିଭାଗୀୟ ଅଧିକାରୀଙ୍କ ଠାରୁ ରିପୋର୍ଟ ତଲବ କରିଛି । ଏହାକୁ ନେଇ ପୂର୍ବରୁ ବିଭିନ୍ନ ସଂସ୍ଥା ତର୍ଜମା କରିଛନ୍ତି, ତା’ର ସତ୍ୟାସତ୍ୟ ପରୀକ୍ଷାକରି ରିପୋର୍ଟ ଦେବାକୁ ଅଧିକାରୀଙ୍କୁ କୁହାଯାଇଛି । ଜଳ ପ୍ରଦୂଷଣ ସହ କଳକାରଖାନାର ପ୍ରଦୂଷଣ ମଧ ବିପଦ ସୃଷ୍ଟି କରୁଛି । ବିଭିନ୍ନ କମ୍ପାନୀ ଜାଣିଶୁଣି ବର୍ଜ୍ୟଜଳ ଜଳଭଣ୍ଡାରକୁ ଛାଡୁଛନ୍ତି । ଏହାକୁ ନେଇ ସମ୍ପୃକ୍ତ ବିଭାଗ ସହ ଏବଂ ସମ୍ବଲପୁର ଆରଡିସିଙ୍କ ସହ ଆଲୋଚନା କରିଛି । ଆସନ୍ତା ୪ କିମ୍ବା ୫ ତାରିଖ ଆନ୍ତଃଜିଲା ସମନ୍ୱୟ ବୈଠକ ଆୟୋଜନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ଏଥିରେ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼ ଓ ଅନୁଗୋଳ ଜିଲ୍ଲାର ଜିଲ୍ଲାପାଳ ଏବଂ ଏସ୍‌ପି ଓ ଜିଲ୍ଲାର କାର୍ଯ୍ୟରତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଏବଂ କେତେକ ବିଶେଷଜ୍ଞଙ୍କୁ ମଧ ଡକାଯାଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି । ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ ।

## ମା’ ଭଦ୍ରକାଳୀଙ୍କ ରାଜରାଜେଶ୍ୱରୀ ବେଶ

**ଭଦ୍ରକ, ୨/୧୧
ନ୍ୟୁଜ ବ୍ୟୁରୋ**



ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀ ସପ୍ତମାତୃକା ବେଶର ତୃତୀୟ ଦିନରେ ଶନିବାର ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି । ମା’ଙ୍କର ଏହି ବେଶକୁ ଦର୍ଶନ କରିବା ପାଇଁ ପୀଠରେ ସକାଳୁ ଭକ୍ତମାନଙ୍କର ଲମ୍ବା ଧାଡ଼ି ଲାଗିଥିଲା । ମା’ଙ୍କର ମୁଖମଣ୍ଡଳ ପଦ୍ମବର୍ଣ୍ଣ ଥିବା ବେଳେ ଚର୍ତୁହସ୍ତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମକୁ ଧାରଣ କରି ଚତୁର୍ଭୁଜା ମୂର୍ତ୍ତିରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ ମା’ । ମା’ ନାଲି ପାଟବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ସଜ୍ଜିତ ହୋଇଥିଲେ । ରାଜରାଜେଶ୍ୱରୀ ବେଶରେ ଦର୍ଶନ କଲେ ଭକ୍ତ କର୍ମକ୍ଷେତ୍ରରେ ବିଜୟୀ ହେବା ସହ ଉଚ୍ଚ ପଦ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ଆହୂତି ଓ ପୂଜା, ରୀତି ନୀତି ଚାଲିଛି । ଗୀତା ପାଠ, ଚଣ୍ଡୀ ପାଠ, ବେଦ ପାଠ, ନାମ ସଂକୀର୍ତ୍ତନ ମଧ୍ୟରେ ଏକ ନିଆରା ଆଧ୍ୟାମିକ ପରିବେଶ ସୃଷ୍ଟି ହୋଇଛି । ଚତୁର୍ଥ ଦିନରେ ମା’ଙ୍କର ସିଂହବାହିନୀ ବେଶ ନିମନ୍ତେ ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଚଳିତ ବର୍ଷ ପୀଠରେ ଆକର୍ଷଣୀୟ ସାଜସଜ୍ଜା ଭକ୍ତମାନଙ୍କୁ ବେଶ୍ ଆକୃଷ୍ଟ କରିଛି ।

## ଛଟ୍ ପୂଜା ପାଇଁ ୭୩୪୫ ସ୍ୱତନ୍ତ୍ର ଟ୍ରେନ୍ : ରେଳମନ୍ତ୍ରୀ

**ଭୁବନେଶ୍ୱର,୦୨/୧୧
ନ୍ୟୁଜ ବ୍ୟୁରୋ**



ଛଟ ପୂଜାକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ୭୩୪୫ଟି ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି । ଯାହା ଗତବର୍ଷର ୪,୫୦୦ ତୁଳନାରେ ବହୁ ଅଧିକ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବ କହିଛନ୍ତି । ରେଳମନ୍ତ୍ରୀ ନିଜେ ନୂଆଦିଲ୍ଲୀ ଷ୍ଟେସନକୁ ଯାଇ ସ୍ଥିତି ଯାଞ୍ଚ କରିଛନ୍ତି । ଯାତ୍ରୀମାନଙ୍କର ସୁବିଧା, ଅସୁବିଧା ବାବଦରେ ପଚାରି ବୁଝିଛନ୍ତି । କେବଳ ଟ୍ରେନ ସଂଖ୍ୟା ବଢ଼ିନାହିଁ ଏହା ସହିତ ଅଧିକ ସଂଖ୍ୟକ ଟିକଟ କାଉଣ୍ଟର, ବିଶ୍ରାମାଗାର ମଧ କରାଯାଇଛି । ଏହା ଦ୍ୱାରା ଷ୍ଟେସନଗୁଡିକରେ ଯାତ୍ରୀ ଗହଳି କମିବା ସହ ଶୃଙ୍ଖଳିତ ଢଙ୍ଗରେ ଯାତ୍ରୀମାନେ ଯାତ୍ରା କରିପାରିବେ ବୋଲି ରେଳମନ୍ତ୍ରୀ କହିଛନ୍ତି ।

## ଗଣତି-ମଣତି ବେଳେ ପ୍ରଭାବିତ ହେବନି ନୀତିକାନ୍ତି ଓ ଦର୍ଶନ: ଜଷ୍ଟିସ୍ ରଥ

**କଟକ, ୦୨/୧୧ ନ୍ୟୁଜ ବ୍ୟୁରୋ**

ଖୁବଶୀଘ୍ର ଆରମ୍ଭ ହେବ ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ । ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଥିଲେ । ତେବେ ରତ୍ନ ଅଳଙ୍କାରକୁ ଚିହ୍ନଟ କରିବା ପାଇଁ ଅଭିଜ୍ଞ ଲୋକଙ୍କୁ ଦାୟିତ୍ୱ ଦିଆଯିବ । ବିଶେଷକରି ଯେଉଁ ଅଳଙ୍କାର ରହିଛି ତାହା କେଉଁ ପ୍ରକାରର ତାହର ସଠିକ ଚିହ୍ନଟ ଏବେ ସବୁଠୁ ବଡ ଆହ୍ୱାନ ହେବାକୁ ଯାଉଛି । ତେବେ ଗଣତି ମଣତି ପାଇଁ ସ୍ୱତନ୍ତ୍ର ଏସ୍‌ଓପି ମଧ କରାଯାଇଛି । ଏହି ପ୍ରକ୍ରିୟା ବେଳେ ମନ୍ଦିରରେ ଶ୍ରୀଜୀଉଙ୍କ ନୀତିକାନ୍ତି ଓ ଦର୍ଶନ ବ୍ୟବସ୍ଥାରେ କୌଣସି ବ୍ୟାଘାତ ସୃଷ୍ଟି ହେବ ନାହିଁ । ଏହାକୁ ପ୍ରାଥମିକତା ଦେଇ ଗଣତି ମଣତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି ରତ୍ନଭଣ୍ଡାର କମିଟିର ମୁଖ୍ୟ ଜଷ୍ଟିସ ବିଶ୍ୱନାଥ ରଥ । ରତ୍ନଭଣ୍ଡାର ତଦାରଖ କମିଟିର ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ପୂରା ପ୍ରକ୍ରିୟା ଉପରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । କହିଛନ୍ତି ଗଣତି ମଣତି ଠାରୁ ରତ୍ନଭଣ୍ଡାର ମରାମତିକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ‘ଏଏସ୍‌ଆଇ’ ଏହି ମରାମତି କାର୍ଯ୍ୟ ପ୍ରାୟ ୧ ମାସ ମଧ୍ୟରେ ଶେଷ କରିବ ବୋଲି ପ୍ରତିଶ୍ରୁତି ଦେଇଛି । ଯଦି ଏହି ମରାମତି କାର୍ଯ୍ୟ ଡିସେମ୍ବର ମାସରେ ଆରମ୍ଭ ହୁଏ ତେବେ ୧ ମାସ ମଧ୍ୟରେ ମରାମତି କାର୍ଯ୍ୟ ସରିବ । ଅତ୍ୟାଧୁନିକ ଏବଂ ବୈଜ୍ଞାନିକ କୌଶଳ ମାଧ୍ୟମରେ ମରାମତି କାର୍ଯ୍ୟ କରାଯିବ । କାର୍ତ୍ତିକ ପୂର୍ଣ୍ଣିମା ପରେ ଏହି ପ୍ରକ୍ରିୟା ଆରମ୍ଭ ହେବ । ଟେଣ୍ଡର କରାଯାଇ ଏହି କାର୍ଯ୍ୟ କରାଯିବ । ଏଥିପାଇଁ ମନ୍ଦିର ପ୍ରଶାସନ ପଦକ୍ଷେପ ନେଉଛନ୍ତି । ମରାମତି ବେଳେ ଦର୍ଶନ ପ୍ରଭାବିତ ହେବନାହିଁ । ଡିସେମ୍ବରରୁ ଜାନୁଆରୀ ଏବଂ ଫେବୃୟାରୀ ମାସ ପର୍ଯ୍ୟନ୍ତ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ । ଏହାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ କରାଯିବ । ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ଓ ଶ୍ରଦ୍ଧାଳୁଙ୍କ ଦର୍ଶନରେ ଯେପରି କୌଣସି ବାଧା ନ ଉପୁଜିବ ସେ ସବୁକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ । କାରଣ ଯଦି ଦୈନିକ ୪ରୁ ୫ଘଣ୍ଟା ମରାମତି କାର୍ଯ୍ୟ ଚାଲେ, ତେବେ ଦର୍ଶନ ବ୍ୟବସ୍ଥା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଚାର ବିମର୍ଶ ଜାରି ରହିଛି ।’’ ସୁଡଙ୍ଗ ନଥିବା ସ୍ପଷ୍ଟ କରିଥିଲେ ଆଇନମନ୍ତ୍ରୀ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ସ୍ପଷ୍ଟ କରିଛନ୍ତି ଯେ, ଚଳିତ ନୂଆବର୍ଷରୁ ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ । ୭ ଦିନରେ ରିପୋର୍ଟ ପ୍ରକାଶ କରିବେ ରାଜ୍ୟ ସରକାର । ଖୁବ୍‌ଶୀଘ୍ର ଆସିବ ‘ଜିପିଆର’ ସର୍ଭେ । ପ୍ରାଥମିକ ରିପୋର୍ଟରେ ଭଣ୍ଡାର ମଧ୍ୟରେ କୌଣସି ଗୁପ୍ତ କୋଠରୀ ବା ସୁଡଙ୍ଗ ନଥିବା ପ୍ରାୟତଃ ସ୍ପଷ୍ଟ ହୋଇଛି । ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରିଛନ୍ତି ସରକାର । ରତ୍ନଭଣ୍ଡାରରେ ଫାଟ ସୃଷ୍ଟି ହୋଇଥିବା ସ୍ପଷ୍ଟ ହୋଇଛି । କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀମନ୍ଦିର ଭିଡ଼ ରହୁଛି । କାର୍ତ୍ତିକ ପୂର୍ଣ୍ଣିମା ପରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯିବ ଏବଂ ‘ଏଏସ୍‌ଆଇ’ ଏହାର ମରାମତି କାମ କରିବ । ମାସେରୁ ଊର୍ଦ୍ଧ୍ୱ ସମୟ ଚାଲିବ ମରାମତି କାମ । ମରାମତି ହେବା ପରେ ରତ୍ନ ଅଳଙ୍କାର ଗଣତି କରାଯିବ ବୋଲି ମନ୍ତ୍ରୀ କହିଥିଲେ ।



ଭୁବନେଶ୍ୱର : ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଗାଳ୍ପିକ ପଦ୍ମନାଭ ଦାଶଙ୍କ ଲିଖିତ ଗଳ୍ପ ସଂକଳନ “ଲେଖୁ ଲେଖୁ ଲେଖିଥିଲି”କୁ ଉନ୍ମୋଚନ କରୁଛନ୍ତି ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଡଃ ସଂଘମିତ୍ରା ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍ ଡଃ ଅର୍ଚ୍ଚନା ନାୟକ, ଅର୍ଥନୀତି ବିଷାରଦ ପଞ୍ଚାନନ କାନୁନ୍‌ଗୋ, ଔପନ୍ୟାସିକ ରାଜ ବର୍ଦ୍ଧନ ଧଳ ମହାପାତ୍ର, ଔପନ୍ୟାସିକ କ୍ଷୀରୋଦ ଦାସ, ବିଶିଷ୍ଟ କବି ଦୁର୍ଗାଚରଣ ଷଡଙ୍ଗୀ ଏବଂ ଅନ୍ୟମାନେ । (ଫଟୋ : ସମ୍ବାଦ କଳିକା)

## ଧଳା ବାଘୁଣୀ ରୁପା ଜନ୍ମଦେଲା ୪ ଶାବକ : ସମସ୍ତେ ସୁସ୍ଥ



**ବାରଙ୍ଗ,୨।୧୧ ନ୍ୟୁଜ ବ୍ୟୁରୋ**

ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ଆସିଲେ ୪ ନୂଆ ଅତିଥି । ନନ୍ଦନକାନନରେ ଥିବା ଧଳା ବାଘୁଣୀ ‘ରୁପା’ ଶନିବାର ଚାରିଟି ଶାବକ ଜନ୍ମ ଦେଇଛି । ଏହା ରୁପାର ୩ୟ ଗର୍ଭର ସନ୍ତାନ । ଫଳରେ ପଶୁ ପ୍ରେମୀ ଓ ନନ୍ଦନକାନନରେ ଖୁସିର ଲହରୀ ଖେଳି ଉଠିଛି । ଶନିବାର ସକାଳେ ପର୍ଯ୍ୟାୟ କ୍ରମେ ରୁପା ୪ଟି ଶାବକ ଜନ୍ମ ଦେଇଥିଲା । ମେଲାନିଷ୍ଟିକ ବାଘ କ୍ରିଷ୍ଣା ସହ ରୁପାର ମିଳନ ଫଳରେ ପର୍ଯ୍ୟାୟ କ୍ରମେ ଏହି ୪ ଶାବକ ଜନ୍ମ ଗ୍ରହଣ କରିଛନ୍ତି । ପ୍ରଥମ ଶାବକ ୫.୪୩ ମିନିଟ, ଦ୍ୱିତୀୟ ଶାବକ ୬.୨୨ ମିନିଟ, ତୃତୀୟ ଶାବକ ୭.୪୯ ମିନିଟ ଏବଂ ଚତୁର୍ଥ ଶାବକ ୯.୩୧ ମିନିଟରେ ଜନ୍ମ ନେଇଥିଲେ । ସମସ୍ତ ଶାବକ ଜନ୍ମ ନେବା ପରେ ସୁସ୍ଥ ଥିବା ଜଣାପଡିଛି । ସେପଟେ ମା’ ରୁପା ସମସ୍ତ ଶାବକଙ୍କୁ ଗ୍ରହଣ କରି ଯତ୍ନ ନେଉଥିବା ଦେଖିବାକୁ ମିଳିଛି । ବାଘୁଣୀ ବିଜୟା ଓ ବାଘ ରୋସନର ଔରସରୁ ୨୦୧୮ ମସିହା ସେପ୍ଟେମ୍ବର ୨୨ରେ ରୁପା ଜନ୍ମ ଗ୍ରହଣ କରିଥିଲା । ବର୍ତ୍ତମାନ ରୁପା ୬ବର୍ଷ ବୟସରେ ପଦାର୍ପଣ କଲାଣି । ରୁପା ତା’ର ପ୍ରଥମ ଗର୍ଭରେ ରାଜେଶ ସହିତ ମିଶି ୨୦୨୨ ମସିହା ମାର୍ଚ୍ଚ ୧୧ ତାରିଖରେ ୩ଟି ଶାବକ ଜନ୍ମ ଦେଇଥିଲା । ଏହାର ଏକ ମାସ ମଧ୍ୟରେ ୨ ଶାବକଙ୍କର ମୃତ୍ୟୁ ହୋଇଥିଲା ଏବଂ ବଞ୍ଚିଥିବା ଧଳା ମାଈ ଶାବକ (ହିମାଂଶୀ)କୁ ଜନ୍ତୁ ଲାଳିତ ପାଳିତ କେନ୍ଦ୍ରରେ ପାଳନ କରାଯାଇଥିଲା । ଜନ୍ତୁ ଅଦଳ ବଦଳ ପ୍ରକ୍ରିୟାରେ ଉକ୍ତ ଶାବକକୁ ୨୦୨୪ ମସିହା ଜୁଲାଇ ୯ ତାରିଖରେ ରାଞ୍ଚି ସ୍ଥିତ ଭଗବାନ ବିର୍ସା ବାୟୋଲୋଜିକାଲ ପାର୍କକୁ ପଠାଯାଇଥିଲା । ପୁନଶ୍ଚ ରୁପା ତା’ର ଦ୍ୱିତୀୟ ଗର୍ଭରେ ରାଜେଶ ସହ ମିଶି ୨୦୨୩ ଜାନୁଆରୀ ୬ରେ ଅମୃତା ଏବଂ ଶିବ ଶାବକକୁ ଜନ୍ମ ଦେଇଥିଲା । ଏହି ଦୁଇଟି ଛୁଆ ସୁସ୍ଥ ଥିବାବେଳେ ବର୍ତ୍ତମାନ ନନ୍ଦନକାନନରେ ଅଛନ୍ତି । ଶନିବାର ୪ ଶାବକ ଜନ୍ମ ହେବା ପରେ ସମସ୍ତ ଶାବକ ସୁସ୍ଥ ରହିଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ମା’ ଏବଂ ଶାବକଙ୍କୁ ନିରନ୍ତର ସିସିଟିଭି ନଜରରେ ରଖା ଯାଇଥିବା ଉପ ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି ।

## କମିଟି ନିଷ୍ପତ୍ତି ଅନୁସାରେ ଗ୍ରହଣ କରାଯାଏ ସୁରକ୍ଷା ବ୍ୟବସ୍ଥା: ଡିଜିପି

**ଭୁବନେଶ୍ୱର, ୨/୧୧ ନ୍ୟୁଜ ବ୍ୟୁରୋ**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନଙ୍କ ସହ ଅନ୍ୟ କେତେକଙ୍କ ସୁରକ୍ଷା ବ୍ୟବସ୍ଥା ହ୍ରାସ ପ୍ରସଙ୍ଗରେ ପୁଲିସ୍ ଡିଜି ୱାଇ.ବି ଖୁରାନିଆ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଏହା ଏକ ନିୟମିତ ପ୍ରକ୍ରିୟା । ସମୟ ଅନୁସାରେ ରାଜ୍ୟସ୍ତରୀୟ କମିଟି ରିଭ୍ୟୁ କରେ ଏବଂ କମିଟି ଯାହା ନିଷ୍ପତ୍ତି ନିଏ, ସେ ଅନୁସାରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଏ । ରାଜ୍ୟ ସରକାର ଭିକେ ପାଣ୍ଡିଆନ୍ ଏବଂ ପୂର୍ବତନ ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀଙ୍କୁ ହଟାଇ ଦେଇଛନ୍ତି । ସେହିପରି ଅସିତ୍ ତ୍ରିପାଠୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ୩ ଜଣ ସୁରକ୍ଷା କର୍ମୀଙ୍କୁ ମଧ ପ୍ରତ୍ୟାହାର କରି ନିଆଯାଇଛି ।

### ଚଳିତବର୍ଷ ଦୀପାବଳି ଭାଙ୍ଗିଛି ବେପାରର ରେକର୍ଡ

## ଦେଶରେ ୪.୨୫ଲକ୍ଷ କୋଟି ଟଙ୍କାର କାରବାର

**ନୂଆଦିଲ୍ଲୀ ୨।୧୧**



ଚଳିତବର୍ଷ ଦୀପାବଳି ଉତ୍ସବରେ ଦେଶରେ ୪.୨୫ଲକ୍ଷ କୋଟି ଟଙ୍କାର ବେପାର ହୋଇଛି, ଯାହା ଏ ପର୍ଯ୍ୟନ୍ତ ବ୍ୟବସାୟରେ ଏକ ରେକର୍ଡ । କ୍ୟାଟ୍ ଜାତୀୟ ମହାମନ୍ତ୍ରୀ ତଥା ଚାନ୍ଦନୀ ଚୌକ ବିଜେପି ସାଂସଦ ପ୍ରବୀଣ ଖଣ୍ଡେଲୱାଲ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଦୀପାବଳିରେ ଭାରତୀୟ ସାମଗ୍ରୀର ବିକ୍ରିରେ ବେଶ୍ ବୃଦ୍ଧି ହୋଇଛି । ଲୋକେ ଚୀନ୍ ଉତ୍ପାଦିତ ସାମଗ୍ରୀକୁ ପୂଜା ବଜାରରେ ଗ୍ରହଣ କରି ନାହାନ୍ତି । ଭାରତୀୟ ସାମଗ୍ରୀ କ୍ରୟ ଉପରେ ପ୍ରାଥମିକତା ଦେଇଥିବା ସେ କହିଛନ୍ତି । ଆଗକୁ ଦେବ ଉଥାନ ଏକାଦଶୀ । ନଭେମ୍ବର ୧୨ ତାରିଖରୁ ଦେଶରେ ବିବାହ ଋତୁ ଆରମ୍ଭ ହୋଇଯିବ । ଏଣୁ ବ୍ୟବସାୟୀ ବେଶ୍ ଉତ୍ସାହିତ ଥିବା ଖଣ୍ଡେଲୱାଲ କହିଛନ୍ତି । ସେ କହିଛନ୍ତି ଯେ ପର୍ବପର୍ବାଣୀ ଓ ଉତ୍ସବ ଭାରତୀୟ ଅର୍ଥ ବ୍ୟବସ୍ଥାର ଏକ ଅଭିନ୍ନ ଅଂଶ, ଏହାର ପ୍ରମାଣ ଦେବାଲୀରେ ସାରା ଦେଶରେ ହୋଇଥିବା କାରବାର । ଏଥି ପାଇଁ ଖଣ୍ଡେଲୱାଲ ଦିଲ୍ଲୀ ସମେତ ସାରା ଦେଶର ଲୋକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେମାନେ ଦୀପାବଳିରେ ସ୍ଥାନୀୟ ଉତ୍ପାଦ କ୍ରୟ କରି ଦେଶର ଅର୍ଥ ବ୍ୟବସ୍ଥାକୁ ମଜଭୁତ କରିବାରେ ଯୋଗଦାନ ଦେଇଛନ୍ତି ବୋଲି ଖଣ୍ଡେଲୱାଲ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଦିଲ୍ଲୀ ସମେତ ସାରା ଦେଶରେ ଉତ୍ସାହର ସହ ଲୋକେ ଦୀପାବଳି ପାଳନ କରିଛନ୍ତି । ଏଥି ପାଇଁ ଲୋକେ ବେଶ୍ କିଣାକିଣି ମଧ କରିଛନ୍ତି । ଫଳରେ ସାରା ଦେଶରେ ବ୍ୟବସାୟ ବୃଦ୍ଧି ହୋଇଛି । ଦୀପାବଳି ପାଇଁ ବଜାରମାନଙ୍କରେ କ୍ରେତାଙ୍କ ଭିଡ ଜମିଥିଲା । ବଡ ବ୍ୟବସାୟୀଙ୍କଠୁ ଆରମ୍ଭ କରି ଛୋଟ ବ୍ୟବସାୟୀ ମଧ ବେଶ୍ କାରବାର କରିଛନ୍ତି । ଏଥିରେ କୁମ୍ଭାର, କାରିଗର ଓ ଘରମାନଙ୍କରେ ଦୀପାବଳି ସାମଗ୍ରୀ ତିଆରି କରୁଥିବା ଲୋକେ ବେଶ୍ ମାତ୍ରାରେ ନିଜ ତିଆରି ସାମଗ୍ରୀ ବିକ୍ରି କରିଛନ୍ତି । ଦୀପାବଳି କିଣାକିଣିରେ ଲୋକେ ମାଟି ଦୀପ, ଠାକୁରଙ୍କ ମୂର୍ତ୍ତି, ଘର ସାଜସଜ୍ଜା ସାମଗ୍ରୀ, ତୋରଣ, ଫୁଲ ଓ ପତ୍ର, ଫଳ ଓ ପୂଜା ସାମଗ୍ରୀ, ବିଦ୍ୟୁତର ରଙ୍ଗବେରଙ୍ଗୀ ଆଲୋକମାଳା, ମିଠା ଓ ନାମକିନ୍, ପୋଷାକ, ହ୍ୟାଣ୍ଡିକ୍ରାଫ୍ଟ ସାମଗ୍ରୀ, ଉପହାର ସାମଗ୍ରୀ, ଫୁଟୱେର, ମେକପ ସାମଗ୍ରୀ, ସୁନା, ରୂପା ଓ ଅନ୍ୟ ଘରକରଣା ଜିନିଷ ବେଶ କିଣାକିଣି କରିଛନ୍ତି ।

## ଅଟୋ-ବାଇକ୍ ଧକ୍କା : ୨ ମୃତ, ଅଟୋଯାତ୍ରୀ ଆହତ



**ଦିଗପହଣ୍ଡି ୨।୧୧ ନ୍ୟୁଜ ବ୍ୟୁରୋ**

ଦିଗପହଣ୍ଡିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଅଟୋ ସହ ଧକ୍କା ହେଲା ବାଇକ୍ । ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି । ଅଟୋରେ ବସିଥିବା ଲୋକେ ଆହତ ହୋଇଛନ୍ତି ।

ସୂଚନାଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ କାଣ୍ଡଶ୍ୱର ଗ୍ରାମରେ ଘଟିଛି ଭୟଙ୍କର ଦୁର୍ଘଟଣା । ବାଇକ୍ ସହ ଅଟୋ ଦୁର୍ଘଟଣା ଘଟିଛି । ବାଙ୍କେଶ୍ୱରୀ ମନ୍ଦିରରୁ ଦର୍ଶନ କରି ଫେରିବା ବାଟରେ ଘଟିଲା ଦୁର୍ଘଟଣା । ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି । ବାଇକ୍ ଚାଳକଙ୍କ ନାମ ଏସ୍ ସୀମାଞ୍ଚଳ ରେଡ୍ଡୀ ଏବଂ ବାଇକ୍‌ରେ ବସିଥିବା ମହିଳା କୁନ୍ତୀ ଗୌଡ଼ଙ୍କ ମୃତ୍ୟୁ ହୋଇଛି । ଅଟୋରେ ବସିଥିବା ଲୋକେ ଆହତ ହୋଇଥିବା ଜଣାପଡିଛି ।

## ନଭେମ୍ବର ୪ ଓ ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ



**ଭୁବନେଶ୍ୱର,୦୨/୧୧
ନ୍ୟୁଜ ବ୍ୟୁରୋ**

ଆସନ୍ତା ନଭେମ୍ବର ୪ ତାରିଖ (ସୋମବାର) ଏବଂ ନଭେମ୍ବର ୧୧ ତାରିଖ (ସୋମବାର) ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମରେ ଜଣାଇ ଦିଆଯିବ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

## ଅକ୍ଟୋବରରେ ୪୫୯୨ କୋଟି ସଂଗ୍ରହ କଲା ଓଡ଼ିଶା : ଦେଶରେ ୧.୮୭ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ

**ଭୁବନେଶ୍ୱର/ନୂଆଦିଲ୍ଲୀ
୦୨/୧୧**

କେନ୍ଦ୍ର ସରକାର ଚଳିତ ବର୍ଷ ଅକ୍ଟୋବର ମାସରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦକୁ ୧.୮୭ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି । ବାର୍ଷିକ ଭିତ୍ତିରେ ଏଥିରେ ୯% ଅଭିବୃଦ୍ଧି ହୋଇଛି । ସମାନ ସମୟରେ ଓଡ଼ିଶାରେ ଜିଏସ୍‌ଟି ଆଦାୟ ୧୦% ବୃଦ୍ଧି ହୋଇ ୪୫୯୨ କୋଟି ଟଙ୍କା ଛୁଇଁଛି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ରିପୋର୍ଟରୁ ଏହା ଜଣାପଡ଼ିଛି । ଘରୋଇ ବଜାରରେ ବିକ୍ରି ବୃଦ୍ଧି ଏବଂ ଅନୁପାଳନରେ ଉନ୍ନତି ଯୋଗୁ ଟିକସ ଆଦାୟ ବଢ଼ିଛି । ଅକ୍ଟୋବରର ସଂଗୃହିତ ମୋଟ ଜିଏସ୍‌ଟି ମଧ୍ୟରେ ୩୩,୮୨୧ କୋଟିର କେନ୍ଦ୍ର ଜିଏସ୍‌ଟି, ୪୧,୮୬୪ କୋଟିର ରାଜ୍ୟ ଜିଏସ୍‌ଟି ଏବଂ ୯୯,୧୧୧ କୋଟିର ସମନ୍ୱିତ ଜିଏସ୍‌ଟି ରହିଛି । ଏହି ମାସରେ ୧୨,୫୫୦ କୋଟିର କ୍ଷତିପୂରଣ ସେସ୍ ମଧ ଆଦାୟ ହୋଇଛି । ଘରୋଇ ବଜାରରେ ନେଣଦେଣରୁ ଟିକସ ୧୦.୬% ବୃଦ୍ଧି ହୋଇ ୧.୪୨ ଲକ୍ଷ କୋଟି ଟଙ୍କା ଛୁଇଁଛି । ସେହିଭଳି ଆମଦାନିରୁ ପ୍ରତ୍ୟକ୍ଷ ଟିକସ ୪% ବଢ଼ି ୪୫,୦୯୬ କୋଟି ଟଙ୍କା ରହିଛି । ସରକାର ଏହି ମାସରେ ୧୯,୩୦୬ କୋଟିର ରିଫଣ୍ଡ ଜାରି କରିଛନ୍ତି ଯାହା ୧୮.୨% ଅଭିବୃଦ୍ଧି । ଗୋଟିଏ ବର୍ଷ ତଳେ ଅକ୍ଟୋବରରେ କେନ୍ଦ୍ର ସରକାରଙ୍କ ଜିଏସ୍‌ଟି ଆଦାୟ ୧.୭୨ ଲକ୍ଷ କୋଟି ଟଙ୍କା ରହିଥିଲା । ତେବେ ମୋଟ ଟିକସ ସଂଗ୍ରହ ଦୃଷ୍ଟିକୋଣରୁ ଚଳିତ ବର୍ଷ ଅକ୍ଟୋବରରେ ଦ୍ୱିତୀୟ ସର୍ବାଧିକ ଆଦାୟ ହୋଇଛି । ଏହା ପୂର୍ବରୁ ଏପ୍ରିଲ ୨୦୨୪ରେ ୨.୧୦ ଲକ୍ଷ କୋଟି ଏବଂ ଏପ୍ରିଲ ୨୦୨୩ରେ ୧.୮୭ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ ହୋଇଥିଲା । ଚଳିତବର୍ଷ ସେପ୍ଟେମ୍ବରରେ ସରକାର ୧.୭୩ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ କରିଥିଲେ । ରିଫଣ୍ଡ ପରେ ନେଟ୍ ୧.୬୮ ଲକ୍ଷ କୋଟିର ଜିଏସ୍‌ଟି





ରାଜକୋଷକୁ ଆସିଛି । ଗତ ବର୍ଷ ଅକ୍ଟୋବର ତୁଳନାରେ ଏହା ୮% ଅଧିକ । ଲଗାତର ୩ ମାସ ଧରି ପରୋକ୍ଷ ଟିକସ ସଂଗ୍ରହ ଅଭିବୃଦ୍ଧିରେ ଏହା ତୃତୀୟ ମାସ । ସେପ୍ଟେମ୍ବର ମାସରେ ମୋଟ ଜିଏସ୍‌ଟି ଆଦାୟ ୬.୫% ବୃଦ୍ଧି ହୋଇଥିଲା । ପ୍ରଥମ ତ୍ରୈମାସରେ ହାରାହାରି ୧.୮୬ ଲକ୍ଷ କୋଟି ଜିଏସ୍‌ଟି ରାଜକୋଷକୁ ଆସିଥିବା ବେଳେ ଦ୍ୱିତୀୟ ତ୍ରୈମାସରେ ଏହା ୧.୭୭ ଲକ୍ଷ କୋଟି ଟଙ୍କାକୁ ଖସିଛି । ଅକ୍ଟୋବର ଯାଏ ଲଗାତର ୮ ମାସ ଧରି ପରୋକ୍ଷ ଟିକସ ଆଦାୟ ୧.୭ ଲକ୍ଷ କୋଟି ଟଙ୍କା ଟପୁଛି । ୨୦୨୪-୨୫ର ପ୍ରଥମ ତ୍ରୈମାସରେ ୧୦.୮୭ ଲକ୍ଷ କୋଟିର ଜିଏସ୍‌ଟି ରାଜକୋଷକୁ ଆସିଥିଲା । ଏହା ଗତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସ ତୁଳନାରେ ୯.୫% ଅଧିକ । ଜିଏସ୍‌ଟି ଆଦାୟରେ ଲଗାତର ଉନ୍ନତି ଅର୍ଥନୀତିର ଉନ୍ନତ ସ୍ଥିତିକୁ ଦେଖାଇଥାଏ । କେପିଏମ୍‌ଜିର ଜାତୀୟ ମୁଖ୍ୟ ଅଭିଷେକ ଜୈନ କୁହନ୍ତି, ସର୍ବାଧିକ ଜିଏସ୍‌ଟି ସଂଗ୍ରହ ଅର୍ଥବ୍ୟବସ୍ଥାର ଦୃଢ଼ତାକୁ ଦେଖାଇଥାଏ । ଡେଲୋଏଟ ଇଣ୍ଡିଆର ପାର୍ଟନର ଏମ୍‌ଏସ୍ ମଣି କହିଛନ୍ତି, ପାର୍ବଣ ଋତୁ ଏବଂ ଅନୁପାଳନରେ ଉନ୍ନତି ଯୋଗୁ ଏହାର ଭଲ ପ୍ରଭାବ ଟିକସ ଆଦାୟ ଉପରେ ରହିଛି । ବଡ଼ ରାଜ୍ୟଗୁଡିକର ଜିଏସ୍‌ଟି ଆଦାୟ ୯% ବୃଦ୍ଧି ହୋଇଛି । ଛୋଟ ରାଜ୍ୟ ଗୁଡିକର ହାରାହାରି ଟିକସ ଆଦାୟ କମିଛି । କେନ୍ଦ୍ର ସରକାର ୨୦୧୭ ଜୁଲାଇରେ ଦେଶରେ ଜିଏସ୍‌ଟି ଲାଗୁ କରିଥିଲେ । ଏଥିରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ୧୭ ଟିକସ ଏବଂ ୧୩ ଉପଟିକସକୁ ବିଲୀନ କରାଯାଇଥିଲା । ଜିଏସ୍‌ଟିର ୭ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ର ସରକାର ଏହାର ଉପଲବ୍ଧତାକୁ ନେଇ ଏକ ପୋଷ୍ଟ ଜାରି କରିଥିଲେ । ଜିଏସ୍‌ଟିରେ ଏବେ ୫, ୧୨, ୧୮ ଏବଂ ୨୮ ଭଳି ୪ଟି ସ୍ଲାବ ରହିଛି ।


## ପ୍ରକାଶ ଅପେକ୍ଷାରେ...

ମାସିକ ଗଳ୍ପ ପତ୍ରିକା ‘କଥାକଳିକା’: ନଭେମ୍ବର-୨୪ ସଂଖ୍ୟା





### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ତ୍ରିନାଥ ପଟ୍ଟନାୟକ ।
**ସମକାଳର କଥା :** ଅମରେଶ ବିଶ୍ୱାଳ, ଶର୍ମିଷ୍ଠା ମହାପାତ୍ର, କମଳିନୀ ମଲ୍ଲିକ, ମୋନିକା ସରକାର, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କିରଣ ମିଶ୍ର, ସଂଯୁକ୍ତା ତ୍ରିପାଠୀ, ମଧୁମିତା ମହାନ୍ତି ।
**ଅନ୍ୟ ଭାଷାର କଥା :** ରେବା ପଟ୍ଟନାୟକ ।
**ଯୁବ ମାନସର କଥା :** ସ୍ନେହ ଦାସଲେଙ୍କା, ସ୍ନିଗ୍ଧା ନାୟକ, ଅନସୂୟା ପଣ୍ଡା, କବିତା ମିଶ୍ର ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)